# ପରମେଶ୍ୱରଙ୍କର ରୂପାନ୍ତରଣ ଶକ୍ତି

ଭାଇ, ଧନ୍ୟବାଦ। [ଭାଇ କାର୍ଲ ୱିଲିୟାମ୍ସ କୁହନ୍ତି, "ଭାଇ ବ୍ରାନ୍‌ହାମ୍‌ଙ୍କୁ ଫିନିକ୍ସରେ ବାରମ୍ବାର ଆସୁଥିବାର ପାଇବା ପ୍ରକୃତରେ ନିଶ୍ଚିତ ଏକ ସୌଭାଗ୍ୟ ଅଟେ। ମୁଁ ଭାବୁଛି ଯେ ଅନ୍ୟ କୌଣସି ସ୍ଥାନ ଅପେକ୍ଷା ସେ ଫିନିକ୍ସକୁ ଅଧିକ ଆସନ୍ତି। ଏବଂ ଆମେ ଚାହୁଁଛୁ ଯେ ସେ ଆସିବା ଜାରି ରଖନ୍ତୁ, ଯେକୌଣସି ଭାବରେ ବି, ଯେପର୍ଯ୍ୟନ୍ତକି ମୁଁ ଠିକ ଏଠାରେ ଅଛି। ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ, ଭାଇ ବ୍ରାନ୍‌ହାମ୍।"—ସମ୍ପା।] ଧନ୍ୟବାଦ—ଧନ୍ୟବାଦ, ଭାଇ ୱିଲିୟାମ୍ସ।

ଶୁଭ ସକାଳ, ବନ୍ଧୁଗଣ। ମୁଁ ଅଟେ...ଶାକାରିଆନ୍ ପରିବାରର ଏହା, ଭାଇ ୱିଲିୟାମ୍ସ ଏବଂ ଭଉଣୀ ୱିଲିୟାମ୍ସ ଆଉ ଏଠାରେ ସେମାନଙ୍କ ମଧ୍ୟରୁ ଅନେକେ ଏହି ବିଷୟରେ ଜାଣନ୍ତି। ମୁଁ ଏକ ଦର୍ଶନରେ ତାହା ଦେଖିଥିଲି, ସେ ଅସୁସ୍ଥ ହେବାର ପ୍ରାୟଃ ଦୁଇ ତିନି ବର୍ଷ ପୂର୍ବରୁ, ଆଉ ଏହା ଘଟିଥିଲା।

2 ଏବଂ ଗତ ବର୍ଷ ଯେତେବେଳେ ଆମେମାନେ ଏଠାରେ ଥିଲୁ, ମୋର ବିଶ୍ୱାସ ଯେ ତାହା ଜାନୁୟାରୀରେ, ସମ୍ମିଳନୀରେ ଥିଲା, ଏହା ସେହି ସମୟ ଥିଲା ଯେ ସେହି ପୁରୋହିତ (ତାଙ୍କର ନାମ କଅଣ? ମୁଁ ବର୍ତ୍ତମାନ ତାଙ୍କ ନାମ ଭୁଲି ଯାଉଛି।) ଏଠାରେ ଥିଲେ। [କେହି ଜଣେ କୁହନ୍ତି, "ଷ୍ଟାନ୍‌ଲି।"—ସମ୍ପା।] କ୍ୟାଥୋଲିକ୍ ମଣ୍ଡଳୀରୁ, ଷ୍ଟାନ୍‌ଲି, ବିଶପ୍ ଷ୍ଟାନ୍‌ଲି। କଅଣ ଆପଣମାନଙ୍କର ମନେ ଅଛି ଯେତେବେଳେ ସେ ମୋତେ ବାଇବଲ ଆଣି ଦେଇଥିଲେ, ଆପଣ ଜାଣନ୍ତି, ଏବଂ ସେ ମୋତେ କହିଥିଲେ...

ଏହା ଅନେକେ ଭବିଷ୍ୟତ୍‌ବାଣୀ କରୁଥିଲେ, "ମୋର କନ୍ୟା, ତୁମେ ସୁସ୍ଥ ହୋଇଛ।"

3 ଏବଂ ସେ ଜାଣିଥିଲେ ଯେ ସେହି ଦର୍ଶନ ଏହା କହିଥିଲା ଯେ ସେ ଭଲ ହେବେ ନାହିଁ। "ସେ ସକାଳ ଦୁଇରୁ ତିନି ଘଟିକା ମଧ୍ୟରେ ମରିଯିବେ।" କଅଣ ତାହା ମନେ ଅଛି? [କେହି ଜଣେ କୁହନ୍ତି, "ହଁ।"—ସମ୍ପା।] ତେଣୁ, ଦୁଇ କିମ୍ବା ତିନି ଘଟିକା।

4 ଏବଂ ମୁଁ ଡେମୋସ୍‌କୁ କହିପାରି ନ ଥିଲି। ଏବଂ ତଥାପି ମୁଁ ତାଙ୍କ ସାବତ ମାଆଙ୍କୁ କହିଲି, ଠିକ ସେହି କୋଠରୀରେ, ଏଠାରୁ ଠିକ ଆର ପାର୍ଶ୍ୱରେ। ମୁଁ କହିଲି, "ସେ ଭଲ ହେବାକୁ ଯାଉ ନାହାଁନ୍ତି।"

ଶ୍ରୀମତୀ ଶାକାରିଆନ୍ କହିଲେ, "ତେବେ, ସମସ୍ତେ ତ ଭବିଷ୍ୟତ୍‌ବାଣୀ କରୁଛନ୍ତି।"

5 ମୁଁ କହିଲି, "ଅବଶ୍ୟ, ମୁଁ ନିଜେ ମଧ୍ୟ, ଭୁଲ ହୋଇପାରେ, କିନ୍ତୁ ମୁଁ ଏହା କହିଥିଲି। ସେ ଭଲ ହେବାକୁ ଯାଉ ନାହାଁନ୍ତି।"

6 ମୁଁ ସେମାନଙ୍କ ମଧ୍ୟରୁ ଅନେକଙ୍କୁ କହିଥିଲି, ପ୍ରାୟଃ ତିନି ବର୍ଷ ପୂର୍ବେ, "ମୁଁ ତାଙ୍କୁ ନିଜର ଜୀବନକୁ ବଞ୍ଚାଇବା ନିମନ୍ତେ ଦୌଡୁଥିବାର ଦେଖିଲି, ଏବଂ ସେ ଏକ ଶଯ୍ୟାକୁ ଚାଲିଗଲେ।

ଏବଂ ସେ ନିଜର ହାତ ଉଠାଇଲେ ଓ ମୋତେ ସେହି ପ୍ରକାର ଭାବେ, ଚିତ୍କାର କଲେ । ଏବଂ ଏପରିକି ମୁଁ—ମୁଁ ତାଙ୍କ ପାଖକୁ ସୁଦ୍ଧା ପହଞ୍ଚି ପାରିଲି ନାହିଁ । ଏବଂ ତାହାପରେ ମୁଁ ତାଙ୍କୁ ମରୁଥିବାର ଦେଖିଲି । ଏବଂ ମୁଁ ଅନାଇଲି, ଏବଂ ସେଠାରେ କିଛି ଗୋଟାଏ ଥିଲା, ସେଠାରେ ଗୋଟିଏ ଘଡି ଥିଲା, ଏବଂ ତାହା କହୁଥିଲା ଯେ ଏହା ଦୁଇରୁ ତିନି ଘଟିକା ମଧ୍ୟରେ ହୋଇଛି ।”

7 ଆଉ ତେଣୁକରି ବିଶପ୍ କହିଲେ, “ତେବେ, ମୁଁ କେବଳ ଲକ୍ଷ୍ୟ କରିବି ଏବଂ ଦେଖିବି ଯେ ତାହା କିପରି ଘଟିବ ।” ତେବେ, ଏହା ଘଟିଥିଲା ।

8 ଆମେ ନିଶ୍ଚିତ ଭାବରେ ଦୁଃଖିତ ଅଟୁ । ମୁଁ ଅନୁଭବ କରୁଛି ଯେ ଭଉଣୀ ଫ୍ଲୋରେନ୍ସ ଶାକାରିଆନ୍‌ଙ୍କ ରୂପରେ, ମଣ୍ଡଳୀ ଜଣେ ମହାନ ବ୍ୟକ୍ତିଙ୍କୁ ହରାଇଅଛି । ମାତ୍ର, ସେ ଜଣେ ମହାନ ଗାୟକ ଥିଲେ, ସେ ଜଣେ ଆତ୍ମାରେ-ପରିପୂର୍ଣ୍ଣ ମହିଳା ଥିଲେ ।

9 ମୁଁ ତାଙ୍କ ମାଆ ସହିତରେ ଥିଲି; ତାଙ୍କ ମାଆ ପଶ୍ଚିମ ତଟରେ ରହିଥିବା ମୋର ପ୍ରଥମ ସମ୍ପର୍କମାନଙ୍କ ମଧ୍ୟରୁ ଅନ୍ୟତମ ଥିଲେ, ଯେତେବେଳେ ତାଙ୍କ ମାଆ ଆରୋଗ୍ୟତା ଲାଭ କରିଥିଲେ । ଯେତେବେଳେକି ଡାକ୍ତରମାନେ...ସେ ଅଚେତ ଅବସ୍ଥାକୁ ଚାଲି ଯାଇଥିଲେ, ଏବଂ ସମ୍ପୂର୍ଣ୍ଣ ଭାବେ ଫୁଲି ଯାଇଥିଲେ । ଏବଂ ତେଣୁକରି ସେଠାରେ ଥିବା ସେହି—ସେହି ଡାକ୍ତର, ମୋତେ କହିଲେ, “ତେବେ ଯେତେବେଳେ ଆପଣ ପ୍ରାର୍ଥନା କରିବେ ବାସ୍ତବରେ ନୀରବ ରହିବେ । ଅଧିକ ପାଟି ତୁଣ୍ଡ କରିବେ ନାହିଁ । ସେହି ସ୍ତ୍ରୀଲୋକଟି ମରୁଅଛନ୍ତି ।”

ମୁଁ କହିଲି, “ହଁ, ମହାଶୟ ।”

10 ଏବଂ ସେ କହିଲେ, ତାହାପରେ, ମୋତେ କେବଳ ଠିକ କହି ଚାଲିଲେ । ଏବଂ, ତେବେ, ସେପ୍ରକାରେ, ମୋତେ ମୋର ପାଟି ସୁଦ୍ଧା ଖୋଲିବାର ସୁଯୋଗ ମିଳିଲା ନାହିଁ ।

11 ତେଣୁକରି, ଏହା ଭାଇ ଡେମୋସ୍ ଥିଲେ ଯିଏକି ମୋତେ ଆଗକୁ ଯାଇ ତାଙ୍କୁ ଦେଖା କରିବା ପାଇଁ କହିଥିଲେ ।

12 ତେଣୁକରି, ମୁଁ ଉପର ମହଲାକୁ ଗଲି । ଏବଂ ଫ୍ଲୋରେନ୍ସ ଭୂମିରେ ଆଣ୍ଠୁମାଡି ବସିଥିଲେ, ସେତେବେଳେ ଜଣେ ସୁନ୍ଦର ସାନ ଝିଅ ଥିଲେ, ଏବଂ ଆହୁରି ଅନେକ ସ୍ତ୍ରୀଲୋକମାନେ ଥିଲେ । ଏବଂ ଗଲି ଓ ତାଙ୍କ ପାଇଁ ପ୍ରାର୍ଥନା କଲି, ଏବଂ ତାହା ଜଣାଇଲି । ଏବଂ ସେ ଚେତାଶୂନ୍ୟ ଅବସ୍ଥାରେ ଥିଲେ । ଏବଂ ତାଙ୍କୁ କହିଲି ଯେ ସେ ପୁଣି ଥରେ ଛିଡା ହେବେ । ଏବଂ ସେ ଛିଡା ହେଲେ । କେତେକ ବର୍ଷ ପରେ, ସେ ମରିଗଲେ । ଏବଂ ତେବେ ପରମେଶ୍ୱର ଆମର ପ୍ରାର୍ଥନାଗୁଡ଼ିକର ଉତ୍ତର ଦିଅନ୍ତି ।

13 ଏବଂ ଆମେ ତାହା ଜାଣୁ, ଆମେ ବିଶ୍ୱାସ କରୁ ଯେ ଆମେ ସମସ୍ତେ ଏଠାରେ ପରମେଶ୍ୱରଙ୍କ ଇଚ୍ଛାରେ ଆସିଅଛୁ, ଏବଂ ଆମେ ସେହି ସମାନ ଉପାୟରେ ଚାଲି ଯିବା । ଜଣେ ପରେ ଜଣେ, ଆମେମାନେ ପ୍ରତ୍ୟେକେ ସେହି ଦାଣ୍ଡକୁ ଅତିକ୍ରମ କରି ଯିବା । ଏବଂ ସେଇଥି ପାଇଁ ଆମେମାନେ ଆଜି ସକାଳେ ଏଠାରେ ଅଛୁ, ଏହି ଖ୍ରୀଷ୍ଟିଆନ ବ୍ୟବସାୟୀ ପୁରୁଷ

ସହଭାଗୀତାରେ ଏକତ୍ର ହୋଇଅଛୁ, ଯେ ଏହି ଜିନିଷଗୁଡ଼ିକ ବିଷୟରେ କହୁ, ଏବଂ ସେଗୁଡିକ ପାଇଁ ପ୍ରସ୍ତୁତ ହେଉ, କାରଣ ଆମେ ଜାଣୁ ଯେ ସେଗୁଡିକ ନିଶ୍ଚିତରେ ଆସିବ ।

14 ତେବେ ଭଉଣୀ ଫ୍ଲୋରେନ୍ସ ଜଣେ ଯୁବା ମହିଳା ଅଟନ୍ତି, ବୟା-ଳିଶି ବର୍ଷ ବୟସ୍କା, ଭାଇ ୱିଲିୟାମ୍ସ ମୋତେ ଠିକ ବର୍ତ୍ତମାନ ହିଁ ଜଣାଇଲେ, ଏବଂ ଅତ୍ୟନ୍ତ ଯୁବା ଥିଲେ । ମାତ୍ର ଏହା ପୂର୍ବରୁ କି ସେମାନେ…ସେ ଜାଣିଥିଲେ ଯେ ତାଙ୍କର ଏହି ରୋଗ ଅଛି, କାହିଁକି, ମୁଁ ତାଙ୍କ ବିଷୟରେ ଏକ ଦର୍ଶନ ଦେଖିଥିଲି, ଏବଂ ମୋତେ ଏହାର ପରିଣାମ କହିଥିଲା । ତାହାପରେ, ଏହା ହେବ…ପରମେଶ୍ୱର ଏହା ବିଷୟରେ ସବୁକିଛି ଜାଣନ୍ତି, ଏବଂ ସେ ଚାଲି ଯିବା ପୂର୍ବରୁ ସେହି କୋଠରୀରେ ଯୀଶୁଙ୍କୁ ଦର୍ଶନ କରିଥିଲେ । ଆମେ ତାଙ୍କ ପାଇଁ କେବଳ ପ୍ରାର୍ଥନା କରିବାକୁ ଚାହୁଁନାହୁଁ, କାରଣ ଆମେ ତାହା ବହୁତ କରିଅଛୁ । ଆମେ କେବଳ ସେହି ଗୋଟିଏ ଜୀବନ ପାଇଁ ପରମେଶ୍ୱରଙ୍କୁ ଧନ୍ୟବାଦ ଦେବାକୁ ଚାହୁଁଛୁ ଯାହାକି ଆମମାନଙ୍କ ମଧ୍ୟରେ ଥିଲା, ଯାହାକି ଆମ ସମସ୍ତଙ୍କୁ ଭଉଣୀ ଶାକାରିଆନ୍ ରୂପେ, ପ୍ରେରଣା ଦେଇଅଛି ।

15 ଏବଂ ଆମେ ଭାଇ ଡେମୋସ୍, ଭଉଣୀ ରୋଜଙ୍କ ପାଇଁ ପ୍ରାର୍ଥନା କରିବାକୁ ଚାହୁଁଛୁ । ଏବଂ ମନେରଖନ୍ତୁ, ଏହି ଶେଷରେ, ସେମାନେ ସେମାନଙ୍କର ଜୀବନରେ ଏକ ଭୟଙ୍କର ଆଘାତ ପାଇଛନ୍ତି…ଏହା ତାଙ୍କର ପିତା, ଏବଂ ବର୍ତ୍ତମାନ ତାଙ୍କର ଭଉଣୀ ଗତ ବର୍ଷଗୁଡିକରେ… ରହିଛନ୍ତି । [କେହି ଜଣେ ଭାଇ ବ୍ରାନହାମ୍‌ଙ୍କ ସହିତ କଥା ହୁଅନ୍ତି—ସମ୍ପା ।] କିନ୍ତୁ, ଏବଂ, ହଁ, ଏହାଠାରୁ କମ୍…ଦଶ ମାସରୁ, କମ୍; ଏବଂ ଭଉଣୀ—ଭଉଣୀ ଏଡନା, ମଧ୍ୟ ।

16 ତେଣୁ, ମୁଁ ଜାଣେ ଯେ ଭାଇ ଡେମୋସ୍‌ଙ୍କ ସହିତ କିପରି ସହାନୁଭୂତି କରିବି । ମୋର ଜଣେ ବାପା, ଭାଇ, ପତ୍ନୀ ଏବଂ ଶିଶୁ ଥିଲେ, ଯେଉଁମାନେକି କିଛି ଦିନର ଅନ୍ତରାଳରେ ଚାଲି ଯାଇଥିଲେ, ତେଣୁ ମୁଁ—ମୁଁ ଜାଣେ ଯେ ସେ ଆଜି ସକାଳେ କିପରି ଅନୁଭବ କରୁଛନ୍ତି । ଆପଣ କେବଳ ସେତେବେଳେ ଜାଣିବେ ଯେତେବେଳେ ଆପଣ ସେମାନଙ୍କ ସ୍ଥାନରେ ଛିଡା ହେବେ, ସେତେବେଳେ ହିଁ ଆପଣ ଜାଣିବେ ଯେ କିପରି ସହାନୁଭୂତି ଦେଖାଇବା କଥା । ଏବଂ…

17 [ସାର୍ବଜନୀନ ସମ୍ବୋଧନ ପ୍ରଣାଳୀ ଶବ୍ଦ କରେ—ସମ୍ପା ।] ମୁଁ ନିଜେ ତାହା କଲି । ମୋତେ କ୍ଷମା କରନ୍ତୁ । ଏଠାରେ ତଳେ, ମୋର ହାତ ଏକ ଛୋଟ ଗ୍ୟାଜେଟ୍ ସହ ବାଜିଗଲା । ତେଣୁ ମୁଁ—ମୁଁ ଦୁଃଖିତ ଯେ ତାହା ମୋ ଯୋଗୁଁ ଏତେ ଜୋରରେ ବାଜିଲା, ଏବଂ ଏହା କରିବାର ଅଭିପ୍ରାୟ ନ ଥିଲା ।

18 ତେଣୁ କରି ଆସନ୍ତୁ ଆମେମାନେ ବର୍ତ୍ତମାନ ଛିଡା ହେବା ଯେତେବେଳେକି ଆମେ…ଯଦି ଆପଣ ପାରନ୍ତି, ଯଦି ଏହା…ଆସନ୍ତୁ ମସ୍ତକ ନତ କରିବା ।

19 ସ୍ୱର୍ଗସ୍ଥ ପିତା, ଆମେ ଆଜି ସକାଳେ ତୁମକୁ ଉପାସନା କରିବା ପାଇଁ, ଏବଂ ଆମର ମୁକ୍ତିଦାତା ଯୀଶୁଙ୍କୁ ପଠାଇଥିବାରୁ ତୁମକୁ ଧନ୍ୟବାଦ ଓ ପ୍ରଶଂସା କରିବା ପାଇଁ ଏଠାରେ ଏକତ୍ରିତ ହୋଇଅଛୁ, ଯେ ଏହି ଜୀବନ ସମାପ୍ତ ହେବା ପରେ ଆମର ଏକ ଭରସା ଅଛି, ଏହା ଦେଖିବା ଯେ ଆମର ସବୁ ସମୟରେ ଏଠାରେ ବାସ କରିବା କେତେ ଅନିଶ୍ଚିତ ଅଟେ । ଏବଂ,

ପିତା, ଏହା ଦେଖିବା ଯେ ଏହି ଶରୀରଗୁଡିକ କେତେ ଦୁର୍ବଳ ଅବସ୍ଥାକୁ ଗତି କରିପାରେ, ଆମେ ଆନନ୍ଦିତ ଅଟୁ ଯେ ଆମକୁ ସବୁବେଳେ ଏଠାରେ ରହିବାକୁ ପଡିବ ନାହିଁ। ମୃତ୍ୟୁର ଉପତ୍ୟକା ଦେଇ ଗଲା ବେଳେ, ତୁମେ ଆମମାନଙ୍କ ନିମନ୍ତେ ରକ୍ଷାର ଏକ ମାର୍ଗ ପ୍ରସ୍ତୁତ କରିଅଛ।

20 ଏବଂ, ହେ ପିତା, ଆମେମାନେ ଆଜି ସକାଳେ ସେହି ଜଣକାର ଜୀବନ ପାଇଁ ତୁମଠାରେ କୃତଜ୍ଞ ଅଟୁ, ଯିଏକି ଗୋଟିଏ ବର୍ଷ ପୂର୍ବରୁ, ଆମ ସହିତ ରହିଥିଲେ, ତୁମର ପ୍ରଶଂସା ଗାନ କରିଥିଲେ, ଭଉଣୀ ଫ୍ଲୋରେନ୍ସ ଶାକାରିଆନ୍, ଯେପରିକି ଆମେ ତାଙ୍କୁ ଜାଣିଥିଲୁ। ଏବଂ ତୁମେ ଆମକୁ ବହୁ ପୂର୍ବରୁ, ଏପରିକି ଅନେକ ବର୍ଷ ପୂର୍ବରୁ କହିଥିଲ, ଯେ ଏହା ଘଟିବାକୁ ଯାଉଅଛି, ଯେ ଏହା ଆମ ପାଇଁ ଅଧିକ ଏକ ଆଶ୍ଚର୍ଯ୍ୟକର ବିଷୟ ହୁଏ ନାହିଁ। ଏବଂ ଆମେ ଜାଣୁ ଯେ ତୁମେ ଯାହା କହୁଛ ତାହା ସତ୍ୟ ଅଟେ। ଏବଂ ତାହାପରେ ତୁମର ବାକ୍ୟ କୁହେ, “ସ୍ତ୍ରୀଜାତ ଜଣେ ମନୁଷ୍ୟର, ଦିନ କାଳ ସ୍ୱଳ୍ପ ଏବଂ ଦୁଃଖ କଷ୍ଟରେ ପରିପୂର୍ଣ୍ଣ।” ପ୍ରଭୁ, ଆମେ ଜାଣୁ ଯେ ଏହା ମଧ୍ୟ, ସତ ଅଟେ। ଆମେ ଜାଣୁ ଯେ ଆମ ସମସ୍ତଙ୍କୁ ସେହି ଉପତ୍ୟକା ଦେଇ ଆସିବାକୁ ଅଛି। ତେଣୁ ପୃଥିବୀ ପୃଷ୍ଠରେ ରହିଥିବା ତାଙ୍କ ଜୀବନ ପାଇଁ ଆମେ ତୁମକୁ ଧନ୍ୟବାଦ ଦେଉଅଛୁ। ଏବଂ ବିଶ୍ୱାସ ଦ୍ୱାରା ପ୍ରତ୍ୟୟ କରୁଅଛୁ, ଯେ ବର୍ତ୍ତମାନ, ଆଜି ସକାଳେ, ସେ ଏହି ଦୁଃଖଦ କୀଟପୂର୍ଣ୍ଣ ଗୃହରୁ, ଏକ ଗୌରବମୟ ଶରୀରକୁ ଚାଲିଯାଇଛନ୍ତି ଯାହାକି କେବେବି ଅସୁସ୍ଥ ହୋଇପାରେ ନାହିଁ। ଏବଂ ତାଙ୍କର ଗୀତ ଗାନ କରିବାର ପ୍ରତିଭା, ଏବଂ ତାଙ୍କ ପାଖରେ ଥିବା ସେହି ସ୍ୱର, ଏବଂ ତାଙ୍କର ଆତ୍ମା ଖ୍ରୀଷ୍ଟଙ୍କ ସହିତ ଅନୁଗ୍ରହରେ ଏତେ ସମୃଦ୍ଧ ଭାବରେ ରହିଥିଲା! ଯେ ସେ ଆଜି ସକାଳେ ଫେରି ପାରନ୍ତି, ସେ ଏହାକୁ କୌଣସି ପ୍ରକାରେ କରିବେ ନାହିଁ; ତାଙ୍କୁ ପୁଣିଥରେ ଏସବୁ ଦେଇ ଗତି କରିବାକୁ ପଡିବ। ଯାହାକି, ବର୍ତ୍ତମାନ ଏହା ଶେଷ ହୋଇଯାଇଛି, ସେ ତାଙ୍କ ମାଆ ଏବଂ ବାପାଙ୍କ ସହିତରେ ଅଛନ୍ତି। ସେମାନେ ତାଙ୍କର ସନ୍ତାନକୁ ଘରକୁ ଡାକି ନେଲେ। ତେଣୁ, ଆମେ—ଆମେ ତୁମକୁ ଧନ୍ୟବାଦ ଦେଉଅଛୁ।

21 ଆମେ ଆମର ଅତ୍ୟନ୍ତ ପ୍ରିୟ ଭାଇ, ଆମର ଭାଇ ଶାକାରିଆନଙ୍କ, ସାନ୍ତ୍ୱନା ପାଇଁ ମଧ୍ୟ ପ୍ରାର୍ଥନା କରିବାକୁ ଚାହୁଁଛୁ, ଏହା ଜାଣି ଯେ ସେହି—ସେହି ଜୀବନ ଯାହା ସେ ଅତିବାହିତ କରିଛନ୍ତି, ଏବଂ ସେହି ଯନ୍ତ୍ରଣାସବୁ ଯାହା ସେ ଏହି ଶେଷ ଦିନରେ ଭୋଗୁଛନ୍ତି, ଏବଂ ସେ କିପରି ଭାବରେ ରହିଅଛନ୍ତି; ତାଙ୍କୁ ବାର୍ଦ୍ଧକ୍ୟ ହେଉଥିବାର ଦେଖିବା, ପୁଣି ତାଙ୍କର କେଶ ଝଡୁଅଛି, ଏବଂ ତାଙ୍କର କାନ୍ଧ ଝୁଲି ଯାଉଅଛି, ଏବଂ ତଥାପି ପରମେଶ୍ୱରଙ୍କ ନିମନ୍ତେ ପ୍ରଚାର କ୍ଷେତ୍ରରେ ରହିବାକୁ ଚେଷ୍ଟା କରୁଛନ୍ତି। ପରମେଶ୍ୱର, ଆଜି ତାଙ୍କୁ ଶକ୍ତି ଦିଅ। ହେ ପରମେଶ୍ୱର, ଆମେମାନେ ପ୍ରାର୍ଥନା କରୁଛୁ, ଯେ ତୁମେ ଏହାକୁ ପ୍ରଦାନ କରିବ। ସେସମସ୍ତଙ୍କ ନିମନ୍ତେ ଯେଉଁମାନେକି ତାଙ୍କ ଚାଲି ଯିବାରେ ଶୋକାକୁଳ ଅଟନ୍ତି, ଆମେ ପ୍ରତ୍ୟେକ ଜଣଙ୍କ ପାଇଁ ପ୍ରାର୍ଥନା କରୁଅଛୁ।

22 ଏବଂ ହେ ପ୍ରଭୁ, ଆସୁ, ଯେତେବେଳେକି ଆମେ ଏହା ବିଷୟରେ ଚିନ୍ତା କରୁଥାଉ, ମନେରଖନ୍ତୁ ଯେ ଆମମାନଙ୍କୁ ମଧ୍ୟ ଦିନେ ଯିବାକୁ ଅଛି। ଯେତେବେଳେକି ଆମେ ଏଠାରେ

ପ୍ରଭୁ ଯୀଶୁଙ୍କ ଉପସ୍ଥିତିରେ ଏକାଠି ବସିଅଛୁ, ଆମେମାନେ ଏହା ମାଗିବୁ ଯେ ତୁମେ ଏହାକୁ ଆମ ସ୍ମୃତିକୁ ତାଜା ଭାବରେ ଆଣିବ । ଏବଂ ଆସୁ ଆମେମାନେ ଯାଞ୍ଚ କରିବା, ଯେପରିକି ତାହା ଥିଲା, କିମ୍ବା ନିଜ ଜୀବନର ହିସାବ ନେବା, ଯେପରିକି ଆମେମାନେ ରକ୍ତ ଓ ବିଶ୍ୱାସର ତଳେ ରହିଥାଉ । ହେ ପ୍ରଭୁ, ଏହା ପ୍ରଦାନ କର ।

23 ବର୍ତ୍ତମାନ ଯେତେବେଳେକି ମୁଁ ଏହି ପରିସ୍ଥିତିରେ ଲୋକମାନଙ୍କ ନିକଟକୁ ଏକ ଛୋଟ ବାର୍ତ୍ତା ଆଣିବାକୁ ଚେଷ୍ଟା କରୁଅଛି, ଆଜି, ମୁଁ ପ୍ରାର୍ଥନା କରୁଛି ଯେ ତୁମେ ମୋତେ ସାହାଯ୍ୟ କରିବ, ପ୍ରଭୁ । ମୋତେ ଶକ୍ତିଯୁକ୍ତ କର, କାରଣ ମୁଁ—ମୁଁ—ମୁଁ ଏହାର ପ୍ରୟୋଜନ କରେ, ପ୍ରଭୁ । ଏବଂ ମୁଁ ପ୍ରାର୍ଥନା କରୁଛି ଯେ ତୁମେ ଏହାକୁ ପ୍ରଦାନ କରିବ । ଏବଂ ଏହା ହେଉ ଯେ ଏପରି କିଛି କୁହାଯାଉ ଯାହାକି କେବଳ ତୁମକୁ ସମ୍ମାନ ଦେବ । ଏବଂ ଯଦି ଆଜି ସକାଳେ ଆମ ସ୍ୱରର ଶବ୍ଦ ତଳେ ଏପରି କେହି ଅଛନ୍ତି, ଯିଏକି ସେମାନଙ୍କ ସମ୍ମୁଖରେ ଥିବା ଘଟିକାକୁ ସମ୍ମୁଖିନ ହେବା ନିମନ୍ତେ ପ୍ରସ୍ତୁତ ନୁହଁନ୍ତି, ତେବେ ଏହା ହେଉ ଯେ ଏହା ସେହି ସମୟ ହେଉ ଯେତେବେଳେକି ସେମାନେ ତାହାଙ୍କ ନିକଟରେ ଆତ୍ମସମର୍ପଣ କରିବେ ଯିଏକି କହିଥିଲେ, "ମୁଁ ହିଁ ମାର୍ଗ, ଜୀବନ, ସତ୍ୟ," ଏପରିକି ଆମର ପ୍ରଭୁ ଯୀଶୁ ଖ୍ରୀଷ୍ଟ । କାରଣ ଆମେ ଏହାକୁ ତାହାଙ୍କ ନାମରେ ମାଗୁଅଛୁ । ଆମେନ୍ । (ଆପଣମାନେ ବସିଯାଇ ପାରନ୍ତି ।)

24 [ମଞ୍ଚ ଉପରେ କେହି ଜଣେ ଭାଇ ବ୍ରାନ୍‌ହାମ୍‌ଙ୍କ ସହିତ କଥା ହୁଅନ୍ତି—ସମ୍ପା ।] ଏଠାରେ ଥିବା ଭାଇ ଜାଣିବାକୁ ଚାହାଁନ୍ତି ଯେ କଅଣ ସମସ୍ତେ ଠିକ୍ ଶୁଣି ପାରୁଛନ୍ତି କି । ତାଙ୍କ ପାଖରେ ଦୁଇଟି ମାଇକ୍ କାମ କରୁଥିବାର ଅଛି । କଅଣ ତାହା ଠିକ୍ ଅଟେ? କଅଣ ଆପଣ ଶୁଣି ପାରୁଛନ୍ତି କି? ଯଦି ଆପଣ ପାରୁଛନ୍ତି ତେବେ ନିଜର ହାତ ଉଠାନ୍ତୁ । କଅଣ ଆପଣ ଶୁଣି ପାରୁଛନ୍ତି କି? ନିଜର ହାତ ଉଠାନ୍ତୁ । ଠିକ୍ ଅଛି ।

25 ମୁଁ ଦୁଃଖିତ ଯେ ଆଜି ସକାଳେ ଆମ ପାଖରେ ସମସ୍ତଙ୍କ ପାଇଁ ବସିବାର ସ୍ଥାନ ନାହିଁ । ଏବଂ ଆମେ ଭରସା କରୁଛୁ ଯେ ମୁଁ ଏଠାରେ ବହୁତ ଅଧିକ ସମୟ ଧରି ରହିବି ନାହିଁ, କେବଳ ସେତିକି ପାଇଁ ଯେତିକି କି ଆମ ନିକଟରେ ହୋଇପାରେ ବାକ୍ୟର ଏକ ପଠନକୁ ନେଇ ଆସେ; ଯେପରି ପ୍ରଭୁ ପରମେଶ୍ୱର ତାହାଙ୍କର ବାକ୍ୟକୁ ସମ୍ମାନିତ କରିବେ ଯାହାକି ପାଠ କରାଯାଉଛି, ଏବଂ ଆମକୁ ତାହାଙ୍କର ଅନୁଗ୍ରହ ପ୍ରଦାନ କରିବେ, ଯେପରିକି ତାହା ଦ୍ୱାରା ଆମେ ତାହାଙ୍କର ସେବା କରିପାରୁ ।

26 ବର୍ତ୍ତମାନ ଆଜି ସକାଳେ, ମୋତେ ବିଲି ପଲ୍‌ଙ୍କ ଦ୍ୱାରା କୁହାଗଲା, ଯେ ସମ୍ଭବତଃ ହୋଇପାରେ ଯେ ଆମେ ଆସନ୍ତା ରବିବାର ଦିନ ଟ୍ୟୁସାନ୍‌ରେ, ଗ୍ରାଣ୍ଟୱେ ଆସେମ୍ବଲି ଅଫ ଗଡରେ ପ୍ରଚାର କରୁଥିବା । ଯଦି ଏଠାରେ କେହି ଟ୍ୟୁସାନ୍‌ରୁ ଅଛନ୍ତି, ତେବେ ହୋଇପାରେ ଯେ ମୁଁ ଏହି ସପ୍ତାହରେ ଆପଣଙ୍କୁ ଦେଖା କରି ନ ପାରେ । ଆସନ୍ତା ରବିବାରରେ, ମୁଁ ଗ୍ରାଣ୍ଟୱେ ଆସେମ୍ବଲି ଅଫ ଗଡରେ ରହିବି ।

27 ଅତଏବ ତେବେ ଆମେମାନେ ବର୍ତ୍ତମାନ ହିଁ ପୂର୍ବାଞ୍ଚଳରୁ ଫେରି ଆସିଛୁ, ଏବଂ ମୁଁ ନିଜକୁ ଟିକିଏ ଅଧିକ ଥକିତ କରି ଦେଇଛି, ଅତ୍ୟଧିକ ଖାଇବା ଦ୍ୱାରା, ପର୍ବତରେ ଥିବା ଲୋକମାନଙ୍କ ଅତ୍ୟଧିକ ଦୟାଭାବ ସକାଶୁ। ଏବଂ—ଏବଂ ମୁଁ ଅସୁସ୍ଥ ହୋଇ ପଡ଼ିଲି, ତେଣୁକରି ମୁଁ ଏହି ସପ୍ତାହରେ ଭଲ ଅନୁଭବ କରି ନାହିଁ। ତେଣୁ, ଆପଣମାନେ ମୋ ପାଇଁ ପ୍ରାର୍ଥନା କରିବେ। ଏବଂ...

28 [କେହି ଜଣେ କୁହନ୍ତି, "ଅତ୍ୟଧିକ ଅପୋସମ୍ ଖାଇବା ଦ୍ୱାରା"—ସମ୍ପା।] ଆପଣ କଅଣ କହିଲେ? ["ଅତ୍ୟଧିକ ଅପୋସମ୍ ଖାଇବା ଦ୍ୱାରା।"] ଭାଇ କାର୍ଲ ୱିଲିୟାମ୍ସ ତାଙ୍କର ହାସ୍ୟରସ ସହିତ, ଏବଂ ମୁଁ ଭାବୁଛି ଯେ ଆମେମାନେ ବର୍ତ୍ତମାନ ତାହା ଠିକ ପ୍ରୟୋଜନ କରୁ, ସେ କହିଲେ, "ଅତ୍ୟଧିକ ଅପୋସମ୍ ଖାଇବା ଦ୍ୱାରା।" ଭାଇ କାର୍ଲ, ମୁଁ ତାହା ବିଷୟରେ ଜାଣେ ନାହିଁ, କିନ୍ତୁ ବହୁତ ଅଧିକ ଗୁଣ୍ଡୁଚି ମୂଷା ଖାଇବା ଦ୍ୱାରା।

29 ତେଣୁ ଆପଣ ଆଜି ସକାଳେ କାହାରି ପାଇଁ ପ୍ରାର୍ଥନା କରିବାକୁ ଚାହୁଁଛନ୍ତି, କାହିଁକି, ମୁଁ—ମୁଁ ନିଶ୍ଚିତ ଭାବରେ ପ୍ରଶଂସା କରେ ଯଦି ଆପଣମାନଙ୍କର ପ୍ରାର୍ଥନାର କିଛି ଅଂଶ ମୋ ପାଇଁ ହେବ, କାରଣ ମୁଁ—ମୋର ଏହାକୁ ପ୍ରୟୋଜନ କରେ।

ବର୍ତ୍ତମାନ ଆମେ ଶୀଘ୍ର ବାକ୍ୟ ନିକଟକୁ ଯିବାକୁ ଚାହୁଁ।

30 ଏବଂ ମୁଁ ଆପଣମାନଙ୍କୁ ଏଠାରେ ଅଧିକ ସମୟ ଧରି ରଖିବାକୁ ଚାହେଁ ନାହିଁ, କାରଣ ମୁଁ ବିଶ୍ୱାସ କରେ ଯେ ଆଜି ଏହି ସକାଳେ, ସାରା ଦେଶରେ ଏକ ଟେଲିଫୋନ୍ ସଂଯୋ-ଗ ରହିଛି, ତାହା ସମ୍ପୂର୍ଣ୍ଣ ପଶ୍ଚିମ ତଟରୁ ନେଇ ପୂର୍ବ ତଟ ପର୍ଯ୍ୟନ୍ତ, ଉତ୍ତରରୁ ନେଇ ଏବଂ ଦକ୍ଷିଣ ପର୍ଯ୍ୟନ୍ତ। ଅନେକ, ଅନେକ ସଭାଗୁଡିକ ପାଖରେ ଏହି ରହଣି ବ୍ୟବସ୍ଥା ରହିଛି ଯେପରିକି ଏଠାରେ ଆରାଧନାଳୟରେ ଆପଣ ସମସ୍ତଙ୍କ ପାଖରେ ତାହା ରହିଥିଲା। ଏହା ଫିନିକ୍ସରେ ମଧ୍ୟ ସଂଯୋଗରେ ଅଛି, ଯେ ପ୍ରତ୍ୟେକ ସ୍ଥାନରେ ଯେଉଁଠାରେ ବି ସେବା ହୁଏ, ଏହା ଠିକ୍ ସୀଧାସଳଖ ଆସିଥାଏ...ଏବଂ ସେମାନେ ଗୀର୍ଜାଗୁଡିକରେ ଏବଂ ଘରେ, ଏବଂ ସେହିପରି ସ୍ଥାନଗୁଡିକରେ, ଏକ ଅତି ସୂକ୍ଷ୍ମ ତରଙ୍ଗ ମାଧ୍ୟମରେ ଏକତ୍ରିତ ହୁଅନ୍ତି। ସେମାନେ କୁହନ୍ତି ଯେ ତାହା ତ ଏପରିକି ପ୍ରସାରଣ କାର୍ଯ୍ୟକ୍ରମ ଅପେକ୍ଷା ଅଧିକ ଭଲ ଅଟେ। ଏହା ସେହି ଟେଲିଫୋନ୍ ସଂଯୋ-ଗ ଅଟେ, ସେମାନେ ସେହି କୋଠରୀରେ, ଏକ ରିସିଭର୍ କିମ୍ବା ମାଇକ୍ରୋଫୋନ୍, କିମ୍ବା ଏହା ଯାହାକିଛି ବି ଅଟେ ରଖିଦିଅନ୍ତି। ଏବଂ ସେମାନେ...ମୋ ପତ୍ନୀ କହିଲେ, ଗତ ସପ୍ତାହରେ ଇଣ୍ଡିୟାନାରୁ, ଟ୍ୟୁସାନ୍‌କୁ ଆସିବାବେଳେ, ଏହା ଠିକ୍ ସେହିଭଳି ହିଁ ଲାଗୁଥିଲା ଯେପରିକି ଠିକ ସେହି କୋଠରୀରେ ଛିଡା ହୋଇଅଛୁ। ତେଣୁକରି ଆମେମାନେ ପ୍ରାର୍ଥନା କରୁଛୁ ଯେ ପରମେଶ୍ୱର ଆଜି ସକାଳେ ସଂଯୋଗରେ ଥିବା ସେସମସ୍ତଙ୍କୁ ଆଶୀର୍ବାଦ କରିବେ, ସେମାନେ ଯେଉଁଠାରେ ବି ଥାଆନ୍ତୁ। ଉପରେ ନ୍ୟୁୟର୍କରେ ବର୍ତ୍ତମାନ ତାହା, ଓଃ, ଅପରାହ୍ଣ ସମୟ ହୋଇଥିବ, ଏବଂ ଏହା ଦେଶସାରା ଅତିକ୍ରମ କରିବାବେଳେ ବିଭିନ୍ନ ସମୟକାଳ ହେବ।

31 ତେବେ ରୋମୀୟ ପୁସ୍ତକ, ତାର 12ଶ ପର୍ବ, ଏବଂ 1ମ ଓ 2ୟ ପଦଗୁଡ଼ିକରେ, ଆମେ ଏହି ଶାସ୍ତ୍ରାଂଶ ପାଠ କରିବାକୁ ଇଚ୍ଛା—ଇଚ୍ଛା କରୁ।

> *ଅତଏବ, ହେ ଭାଇମାନେ, ମୁଁ ତୁମ୍ଭମାନଙ୍କୁ ପରମେଶ୍ୱରଙ୍କ ଦୟା ହେତୁ ବିନୟ କରୁଅଛି,* ତୁମ୍ଭେମାନେ *ଆପଣା ଆପଣା ଶରୀରକୁ ସଜୀବ, ପବିତ୍ର, ଓ ପରମେଶ୍ୱରଙ୍କ ସୁଗ୍ରାହ୍ୟ ବଳିରୂପେ ଉତ୍ସର୍ଗ କର, ଏହା ତ ତୁମ୍ଭମାନଙ୍କର ଯୁକ୍ତିଯୁକ୍ତ ଉପାସନା।*

> *ତୁମ୍ଭେମାନେ ଏହି ବର୍ତ୍ତମାନ ଯୁଗର ଅନୁରୂପୀ ହୁଅ ନାହିଁ: କିନ୍ତୁ ଯେପରି ତୁମ୍ଭେମାନେ ପରମେଶ୍ୱରଙ୍କ ଇଚ୍ଛା କଅଣ,* ଅର୍ଥାତ୍ *ଉତ୍ତମ,* ସୁଗ୍ରାହ୍ୟ…ଉତ୍ତମ, *ସୁଗ୍ରାହ୍ୟ ଓ ସିଦ୍ଧ ବିଷୟ କଅଣ, ଏହା ପରୀକ୍ଷା କରି ଜାଣି ପାର, ଏଥିନିମନ୍ତେ ଆପଣା ଆପଣା ମନର ନୂତନୀକରଣ ଦ୍ୱାରା ପରିବର୍ତ୍ତିତ ହୁଅ।*

32 ତେବେ, ଯଦି ପ୍ରଭୁ ଇଚ୍ଛା କରନ୍ତି, ମୁଁ ଆଜି ସକାଳେ ମୋର ବିଷୟକୁ ନେବାକୁ ଚାହୁଁଛି, ତାହା ହେଲା: *ପରମେଶ୍ୱରଙ୍କର ରୂପାନ୍ତରଣ ଶକ୍ତି।*

> ତୁମ୍ଭେମାନେ ଏହି ବର୍ତ୍ତମାନ *ଯୁଗର ଅନୁରୂପୀ ହୁଅ ନାହିଁ: କିନ୍ତୁ…ଯେପରି ତୁମ୍ଭେମାନେ ପରମେଶ୍ୱରଙ୍କ ଇଚ୍ଛା କଅଣ,* ତେବେ, ଅର୍ଥାତ୍ *ଉତ୍ତମ,* ସୁଗ୍ରାହ୍ୟ ଓ ସିଦ୍ଧ ବିଷୟ କଅଣ, ଏହା *ପରୀକ୍ଷା* କରି ଜାଣି ପାର, *ଏଥିନିମନ୍ତେ ଆପଣା ଆପଣା ମନର ନୂତନୀକରଣ ଦ୍ୱାରା ପରିବର୍ତ୍ତିତ ହୁଅ।*

33 ଏହା ଏକ ପୁରାତନ ଚିର ପରିଚିତ ପାଠ୍ୟାଂଶ ଅଟେ ଯାହାକି ଆପଣମାନଙ୍କର ଅନେକ ପାଳକମାନେ ସମୟ ସମୟ ଦେଇ ବ୍ୟବହାର କରିଥିବେ। ଏହାକୁ ଲେଖାଯିବା ପରଠାରୁ ଏହା ବ୍ୟବହୃତ ହୋଇ ଆସିଅଛି। କିନ୍ତୁ ତଥାପି, ପରମେଶ୍ୱରଙ୍କ ବାକ୍ୟ ବିଷୟରେ ଗୋଟିଏ କଥା ଅଟେ ଯେ, ଏହା କଦାପି ପୁରୁଣା ହୁଏ ନାହିଁ, କାରଣ ଏହା ପରମେଶ୍ୱର ଅଟନ୍ତି। ଏହା କଦାପି ପୁରୁଣା ହୁଏ ନାହିଁ। ବର୍ତ୍ତମାନ ପ୍ରତ୍ୟେକ ପୀଢ଼ୀ ଦେଇ, ପ୍ରାୟଃ ପାଖାପାଖି, ଅଠେ-ଇଶ ଶହ ବର୍ଷ ଧରି, କିମ୍ବା ଅଧିକ ହେବ, ପରମେଶ୍ୱରଙ୍କ ଏହି ବାକ୍ୟ ମନୁଷ୍ୟମାନଙ୍କ, ପୁରୋହିତମାନଙ୍କ, ଏବଂ ପ୍ରଭୃତିଙ୍କ ଦ୍ୱାରା ପାଠ କରାଯାଇଅଛି, ଏବଂ ଏହା କଦାପି ପୁରୁଣା ହୁଏ ନାହିଁ। ମୁଁ ନିଜେ, ଏହାକୁ ପ୍ରାୟଃ ପଇଁ-ତିରିଶ ବର୍ଷ ହେବ, ପାଠ କରୁଅଛି। ଏବଂ ପ୍ରତ୍ୟେକ ଥର ମୁଁ ଏହାକୁ ପାଠ କରେ, ମୁଁ କିଛି ଗୋଟାଏ ନୂଆ ଜିନିଷ ପାଇଥାଏ ଯାହାକୁ ମୁଁ ପ୍ରଥମ ଥର ଅଣଦେଖା କରି ଦେଇଥିଲି। କାରଣ, ଏହା ଅନୁପ୍ରାଣିତ ଅଟେ, ଏହା ଅକ୍ଷର ଆକାରରେ ପରମେଶ୍ୱର ଅଟନ୍ତି। ଦେଖନ୍ତୁ, ଏହା ତ ପରମେଶ୍ୱରଙ୍କ ଗୁଣସକଳ କଥା କହୁଅଛି, ଏବଂ କାଗଜ ଉପରେ ଉପସ୍ଥାପିତ କରାଯାଇଛି।

34 ଅନେକ ଥର, ମନୁଷ୍ୟ କୁହେ, "ତେବେ, ବର୍ତ୍ତମାନ, ମଣିଷ ଏହି ବାଇବଲକୁ ଲେଖିଅଛି।" ନା। ବାଇବଲ ନିଜେ, ଏହା କୁହେ, ଯେ ପରମେଶ୍ୱର ବାଇବଲକୁ ଲେଖିଛନ୍ତି। ଏହା ତ ପରମେଶ୍ୱରଙ୍କ ବାକ୍ୟ ଅଟେ।

35 ଏବଂ ଏହା କେବେ ବିଫଳ ହୋଇପାରେ ନାହିଁ। ଯୀଶୁ କହିଲେ, "ସ୍ୱର୍ଗ ଓ ପୃଥିବୀ ବିଫଳ ହୋଇଯିବ, ଲୋପ ପାଇଯିବ, କିନ୍ତୁ ମୋହର ବାକ୍ୟ କେବେ ବି ବିଫଳ ହେବ ନାହିଁ।" ଏବଂ ଏହା ବିଫଳ ହୋଇପାରେ ନାହିଁ, ଆଉ ପରମେଶ୍ୱର ହୋଇଥିବା ଯୋଗୁଁ, ଯେହେତୁ ଏହା ତାହାଙ୍କର ଏକ ଅଂଶ ଅଟେ।

36 ଏବଂ ତାହାପରେ ଆପଣ ତାହାଙ୍କର ପୁତ୍ର ଏବଂ କନ୍ୟା ହୋଇଥିବା ହେତୁ, ଆପଣ ଏହାର ଅଂଶ ଅଟନ୍ତି, ଏବଂ ତାହା ଆପଣଙ୍କୁ ତାହାଙ୍କର ଏକ ଅଂଶ କରି ଦିଏ। ତେଣୁ ସେଇଥିପାଇଁ ଆମେ ପରମେଶ୍ୱରଙ୍କ ବାକ୍ୟ ଚାରିଆଡେ ସହଭାଗିତା କରିବା ପାଇଁ ଆସୁ।

37 ବର୍ତ୍ତମାନ ଏହି ଶବ୍ଦ *ପରିବର୍ତ୍ତିତ*, ମୁଁ ଗତକାଲି, ଶବ୍ଦକୋଷରେ ଦେଖିଲି। ଯେତେବେଳେକି, ମୁଁ ପ୍ରାୟଃ ସମୟର ଖୋଜ ଖବର ପାଇ ନ ଥିଲି ଯେ ମୋତେ ଏଠାରେ ଉପରେ ରହିବାକୁ ଅଛି, ଯେତେବେଳେ ମୁଁ ଏକ ମୂଳପାଠ ଖୋଜୁଥିଲି, ଏବଂ ମୁଁ ଏହି ଶବ୍ଦ, କିମ୍ବା ଏହି ମୂଳପାଠ, ବରଂ ଶାସ୍ତ୍ରାଂଶ ପାଇଲି। ଏବଂ ଶବ୍ଦକୋଷରେ ଏହା କୁହେ ଯେ ତାହା "ଏପରି କିଛି ଅଟେ ଯାହାକି ପରିବର୍ତ୍ତିତ ହୋଇଅଛି।" ଏହା "ରୂପାନ୍ତରିତ" ହେବା ଅଟେ। *ରୂପାନ୍ତରିତ* ହେବାର ଅର୍ଥ, "ଯାହା ଥିଲା ତାହାଠାରୁ କିଛି ଅଲଗା କରାଯିବା, ଏହା ତ... ଏହାର ଚରିତ୍ର ଏବଂ ଏଥିରେ ଥିବା ସବୁକିଛିକୁ ପରିବର୍ତ୍ତନ କରାଯାଇଛି," *ରୂପାନ୍ତରଣ କରିବା*।

38 ଏବଂ ମୁଁ ଆଜି ସକାଳେ ଚିନ୍ତା କରୁଥିଲି, ଆଦିପୁସ୍ତକ 1 ରେ। ଏହି ପୃଥିବୀ ନିର୍ଜନ, ଓ ଶୂନ୍ୟ ଥିଲା, ଆଉ ପୃଥିବୀ ଉପରେ ଅନ୍ଧକାର ରହିଥିଲା; ସମ୍ପୂର୍ଣ୍ଣ ବିଶୃଙ୍ଖଳା ଛଡା ଆଉ କିଛି ନ ଥିଲା। ଏବଂ ଯେତେବେଳେ ଏହି ଜଗତ ସେହି ଅବସ୍ଥାରେ ଥିଲା, ପରମେଶ୍ୱରଙ୍କ ଆତ୍ମା ଜଳ ଉପରେ ବିଚରଣ କଲେ, ଏବଂ ସମ୍ପୂର୍ଣ୍ଣ ଦୃଶ୍ୟଟି ପରିବର୍ତ୍ତନ କରାଗଲା; ସମୁଦାୟ ବିଶୃଙ୍ଖଳାରୁ, ଏକ ଏଦନ ଉଦ୍ୟାନକୁ ପରିବର୍ତ୍ତିତ ହେଲା। ତାହା ପରମେଶ୍ୱରଙ୍କ ରୂପାନ୍ତରଣ ଶକ୍ତି ଅଟେ, ଯାହାକି ଏପରି କିଛି ବିଷୟକୁ ନେଇପାରେ ଯାହାକି ଶୂନ୍ୟ ଅଟେ ଏବଂ ସେଥିରୁ କୌଣସି ଅଦ୍ଭୁତ ବିଷୟକୁ ପ୍ରସ୍ତୁତ କରିପାରେ। ପରମେଶ୍ୱରଙ୍କ ରୂପାନ୍ତରଣ ଶକ୍ତି!

39 ଏବଂ ଶାସ୍ତ୍ରାଂଶ ପାଠ କରିବା ଦ୍ୱାରା, ଆମେ ତାହା ବୁଝୁଛୁ, ଯେ ପରମେଶ୍ୱର ଏହି ଏଦନକୁ ପ୍ରସ୍ତୁତ କରିବା ପାଇଁ ଛଅ—ଛଅ ହଜାର ବର୍ଷକାଳ କାର୍ଯ୍ୟ କରିଥିଲେ। ତେବେ, ହୁଏତ ସେ ସେତିକି ଅଧିକ ସମୟ ହୋଇ ନ ଥିବେ; ମାତ୍ର କେବଳ ଅନୁମାନ କରୁଛି, ଏବଂ ଏହାକୁ ଶାସ୍ତ୍ରରୁ ନେଉଅଛି ଯେଉଁଠାରେକି ଏହା କୁହେ "ପରମେଶ୍ୱରଙ୍କ ସହିତ ଗୋଟିଏ ଦିନ, ପୃଥିବୀରେ ଏକ ହଜାର ବର୍ଷ ତୁଲ୍ୟ ଅଟେ," ତାହା ବି, ଯଦି ପରମେଶ୍ୱର ସମୟ ଗଣନା କରିବେ। ଏବଂ ଧରି ନିଅନ୍ତୁ ସେ ଛଅ ହଜାର ବର୍ଷ ପାଇଁ ପୃଥିବୀକୁ ନିର୍ମାଣ କରିଥିଲେ, ଏବଂ ସେ ପୃଥିବୀରେ ସମସ୍ତ ଉତ୍ତମ ବୀଜ ରୋପଣ କରିଥିଲେ। ସେଠାରେ ସମସ୍ତ କିଛି ବିଷୟ ସିଦ୍ଧ ଥିଲା।

40 ମୁଁ ଭାବୁଛି, ଅନେକ ସମୟରେ, ଯେତେବେଳେ ଏପରିକି ସମାଲୋଚକମାନେ ଆଦିପୁସ୍ତକ ପାଠ କରିବା ଆରମ୍ଭ କରନ୍ତି, ସେମାନେ ଏହାକୁ ସମାଲୋଚନା କରିବାକୁ

ଲାଗନ୍ତି, କାରଣ ଏହା ଏପରି ଦିଶେ ଯେପରିକି ଏହା କ୍ରମାଗତ ଭାବରେ ନିଜକୁ ପୁନରାବୃତ୍ତି କରୁଅଛି, କିମ୍ବା ଆପଣଙ୍କ ଏଠାକୁ ଓ ସେଠାକୁ ଫୋପାଡୁଅଛି ।

41 ମାତ୍ର ଆମେମାନେ ମୂଳପାଠକୁ ଯିବା ପୂର୍ବରୁ, ଯଦି ଆମେ କିଛି କ୍ଷଣ ପାଇଁ ଧ୍ୟାନ ଦେବା, ଯେ, ମୋଶା ଏହି ଦର୍ଶନକୁ ଦେଖିଥିଲେ । ଏବଂ ପରମେଶ୍ୱର ତାହାଙ୍କ ସହିତ କଥା ହେଲେ । ପରମେଶ୍ୱର ମୋଶାଙ୍କ ସହିତ ସମ୍ମୁଖା ସମ୍ମୁଖି, ଓଷ୍ଠରୁ କର୍ଣ୍ଣକୁ କଥା ହେଲେ । ବର୍ତ୍ତମାନ, ସେ ସେହିପରି ଭାବରେ ଅନ୍ୟ କୌଣସି ବ୍ୟକ୍ତିଙ୍କ ସହ କଥାବାର୍ତ୍ତା କରି ନ ଥିଲେ, ଯେପରି ସେ ମୋଶାଙ୍କ ସହିତ କରିଥିଲେ । ତେବେ, ମୋଶା ଜଣେ ମହାନ, ସମସ୍ତ ମହାନ ଭବିଷ୍ୟଦ୍‌ବକ୍ତାମାନଙ୍କ ମଧ୍ୟରୁ ଅନ୍ୟତମ ଥିଲେ । ସେ ଖ୍ରୀଷ୍ଟଙ୍କର ଏକ ପ୍ରତିରୂପ ଥିଲେ । ଆଉ ତେବେ ପରମେଶ୍ୱର କଥା କହିପାରନ୍ତି, ତାହାଙ୍କର ଏକ ସ୍ୱର ଅଛି । ଏହା ଶୁଣା ଯାଇଅଛି । ପରମେଶ୍ୱର କଥା କହିପାରନ୍ତି ।

42 ଏବଂ ପରମେଶ୍ୱର ଲେଖିପାରନ୍ତି । ପରମେଶ୍ୱର ଆପଣା ଆଙ୍ଗୁଳିରେ ଦଶ ଆଜ୍ଞାଗୁଡିକ ଲେଖିଥିଲେ । ଏକଦା ସେ ନିଜ ଆଙ୍ଗୁଳିରେ, ବାବିଲୋନର—ର କାନ୍ଥରେ ଲେଖିଥିଲେ । ଥରେ ସେ ତଳକୁ ଲୁହିଁ ପଡି ନିଜ ଆଙ୍ଗୁଳିରେ, ବାଲିରେ ଲେଖିଥିଲେ । ପରମେଶ୍ୱର କଥା କହିପାରନ୍ତି । ପରମେଶ୍ୱର ପାଠ କରିପାରନ୍ତି । ପରମେଶ୍ୱର ଲେଖିପାରନ୍ତି ।

43 ପରମେଶ୍ୱର ହେଉଛନ୍ତି ସମସ୍ତ ଅନୁଗ୍ରହ ଏବଂ ଶକ୍ତିର ନିର୍ଝର, ଏବଂ ସମସ୍ତ ଈଶ୍ୱରୀୟ ଜ୍ଞାନର ସ୍ରୋତ, ପରମେଶ୍ୱରଙ୍କଠାରେ ଅଛି । ତେଣୁକରି ଅତଏବ, ଏହା ଜାଣି ଯେ, ସେ ହିଁ ଏକମାତ୍ର ସୃଷ୍ଟିକର୍ତ୍ତା ଯିଏକି ଅଛନ୍ତି । ପରମେଶ୍ୱରଙ୍କ ବ୍ୟତୀତ ଆଉ କେହି ସୃଷ୍ଟିକର୍ତ୍ତା ନାହାଁନ୍ତି । ଶୟତାନ ଆଦୌ, ସୃଷ୍ଟି କରିପାରେ ନାହିଁ, ସେ ତ କେବଳ ଯାହା ସୃଷ୍ଟି ହୋଇଅଛି ତାହାକୁ ବିକୃତ କରେ । ମାତ୍ର ପରମେଶ୍ୱର ହିଁ ହେଉଛନ୍ତି ଏକମାତ୍ର ସୃଷ୍ଟିକର୍ତ୍ତା ।

44 ଅତଏବ, ସେ ଆପଣା ବାକ୍ୟ ଦ୍ୱାରା ସୃଷ୍ଟି କଲେ । ସେ ନିଜର ବାକ୍ୟ ପ୍ରେରଣ କଲେ । ତେଣୁକରି ସମସ୍ତ ବୀଜ ଯାହା ସେ ପୃଥିବୀରେ ସ୍ଥାପିତ କରିଥିଲେ, ସେ ଆପଣାର ନିଜ ବାକ୍ୟ ଦ୍ୱାରା ସେହି ବୀଜଗୁଡିକୁ ଗଢିଥିଲେ, କାରଣ ସେହି ବୀଜକୁ ନିର୍ମାଣ କରିବା ପାଇଁ ସେଠାରେ ଆଉ କିଛି ହିଁ ନ ଥିଲା । ସେ ସେମାନଙ୍କୁ ରଖିଥିଲେ ଏବଂ ସେଗୁଡିକ ଜଳ ତଳେ ରହିଥିଲା । ସେ କେବଳ କହିଲେ, "ସେଠାରେ *ଏହା* ହେଉ, ଏବଂ ସେଠାରେ *ତାହା* ହେଉ ।"

45 ବର୍ତ୍ତମାନ ଆମେ ଜାଣିବାକୁ ପାଇଲୁ ଯେ, ଅନେକ ଥର, ଏହା ବାଇବଲର ପୁନରାବୃତ୍ତି କରୁଥିବା ପରି ଦେଖାଯାଏ କିମ୍ବା ଏପରି କିଛି କହୁଥିବା ପରି ଦେଖାଯାଏ ଯାହାକି ତାହା କହୁ ନ ଥାଏ । ଉଦାହରଣ ସ୍ୱରୂପ, ଆଦିପୁସ୍ତକ 1 ରେ ଆମେମାନେ ପାଇଲୁ ଯେ, "ପରମେଶ୍ୱର ମନୁଷ୍ୟକୁ ଆପଣା ପ୍ରତିମୂର୍ତ୍ତିରେ ସୃଷ୍ଟି କଲେ, ପରମେଶ୍ୱରଙ୍କ ପ୍ରତିମୂର୍ତ୍ତିରେ ସେ ତାକୁ ସୃଷ୍ଟି କରିଥିଲେ; ପୁରୁଷ ଓ ସ୍ତ୍ରୀ କରି ସେ ସେମାନଙ୍କୁ ସୃଷ୍ଟି କଲେ ।" ଏବଂ ତାହାପରେ ସେ ଆଗକୁ ଯାଆନ୍ତି, ଏବଂ ଅନେକ ଗୁଡିଏ ବିଷୟ ପୃଥିବୀ ପୃଷ୍ଠରେ ଘଟିଲା ।

46 ତାହାପରେ ଆମେ ଜାଣିବାକୁ ପାଇଲୁ ଯେ, ସେଠାରେ ମୃତ୍ତିକା ଚାଷ କରିବା ନିମନ୍ତେ କୌଣସି ମନୁଷ୍ୟ ନ ଥିଲେ । "ତେବେ ପରମେଶ୍ୱର ପୃଥିବୀର ଧୂଳିରୁ ମନୁଷ୍ୟକୁ ସୃଷ୍ଟି କଲେ ।" ତାହା ଜଣେ ଭିନ୍ନ ମନୁଷ୍ୟ ଥିଲେ । "ଏବଂ ସେ ତାହା ଭିତରେ ଜୀବନର ଆତ୍ମାକୁ ଫୁଙ୍କି ଦେଲେ, ଏବଂ ସେ ଏକ ଜୀବିତ ପ୍ରାଣ ହୋଇଗଲା ।"

47 ପ୍ରଥମ ମନୁଷ୍ୟ ପରମେଶ୍ୱରଙ୍କ ପ୍ରତିମୂର୍ତ୍ତିରେ ଥିଲେ, ଯାହାକି ଆତ୍ମା ଥିଲା । ଯୋହନ 4, କୁହେ, "ପରମେଶ୍ୱର ଏକ ଆତ୍ମା, ଏବଂ ଯେଉଁମାନେ ତାହାଙ୍କୁ ଉପାସନା କରନ୍ତି ସେମାନେ ତାହାଙ୍କୁ ଆତ୍ମା ଓ ସତ୍ୟତାରେ ଉପାସନା କରିବା ଉଚିତ୍ ।" ମାତ୍ର ପରମେଶ୍ୱର ଏକ ଆତ୍ମା ଅଟନ୍ତି । ଏବଂ ପ୍ରଥମ ମନୁଷ୍ୟ, ଯାହା ସେ ସୃଷ୍ଟି କରିଥିଲେ, ସେ ଆତ୍ମା-ମଣିଷ ଥିଲେ, ଏବଂ ସେ ପରମେଶ୍ୱରଙ୍କ ପ୍ରତିମୂର୍ତ୍ତିରେ ଓ ସାଦୃଶ୍ୟତାରେ ଥିଲେ ।

48 ଆଉ ତାହାପରେ ସେ ଏହି ମନୁଷ୍ୟକୁ ଶରୀରରେ ରଖିଲେ, ଏବଂ ମନୁଷ୍ୟ ପତିତ ହେଲା । ତେଣୁକରି ତେବେ ପରେମଶ୍ୱର ତଳକୁ ଓହ୍ଲାଇ ଆସି ମନୁଷ୍ୟର ପ୍ରତିମୂର୍ତ୍ତିରେ ହୋଇଗଲେ, ଯେପରିକି ସେ ସେହି ପତିତ ମନୁଷ୍ୟକୁ ମୁକ୍ତ କରନ୍ତି । ମୋ—ମୋ ମତରେ, ତାହାହିଁ ହେଉଛି ପ୍ରକୃତ ସୁସମାଚାର କାହାଣୀ ।

49 ବର୍ତ୍ତମାନ, ପରେମଶ୍ୱର, ଛଅ ହଜାର ବର୍ଷ ମଧ୍ୟରେ, ଏହି ସମସ୍ତ ଅଦ୍ଭୁତ ବୀଜଗୁଡିକୁ ରୋପିତ କରିଥିଲେ, କିମ୍ବା ସେ ତାହାଙ୍କର ବାକ୍ୟକୁ କହିଥଲେ । "ଏହା *ଏହିପରି* ହେବ । *ଏହି* ବୃକ୍ଷ ହେବ । *ଏହା* ହେବ ।" ସବୁକିଛି ବିଷୟ ସିଦ୍ଧ ଥିଲା । ଏହା କେବଳ ଉତ୍ତମ ଥିଲା । ଏବଂ ସେ ସେହି ବୀଜଗୁଡ଼ିକ ମଧ୍ୟରୁ ପ୍ରତ୍ୟେକକୁ ଆଦେଶ ଦେଲେ ଯେ ସେଗୁଡିକ ହେବେ, ସେମାନେ ନିଜକୁ ସେହି ଉଦ୍ଭିଦରେ ରୂପାନ୍ତରିତ କରିବେ ଯେଉଁ ପ୍ରକାରର ଜୀବନ ହେବ ବୋଲି ସେମାନଙ୍କ ଭିତରେ ପରମେଶ୍ୱରଙ୍କ ବାକ୍ୟ କହିଥିଲା । ଯଦି ଏହା ଏକ ଓକ ଗଛ ଥିଲା, ତେବେ ଏହାକୁ ଏକ ଓକକୁ ହିଁ ଉତ୍ପନ୍ନ କରିବାକୁ ଥିଲା । ଯଦି ଏହା ଏକ ଖଜୁରୀ ଥିଲା, ତେବେ ଏହାକୁ ଏକ ଖଜୁରୀ ହିଁ ଉତ୍ପନ୍ନ କରିବାକୁ ଥିଲା ।

50 କାରଣ, ସେହି ମହାନ ସୃଷ୍ଟିକର୍ତ୍ତା ଠିକ ତାହାଙ୍କର ବାକ୍ୟକୁ ପ୍ରେରଣ କରିଥିଲେ, ଏବଂ ସେଠାରେ ପ୍ରକୃତ ବୀଜ ସୃଷ୍ଟି ହେବା ପୂର୍ବରୁ ସେହି ବାକ୍ୟ ବୀଜ ରହିଥିଲା । ଏବଂ ସେହି ବାକ୍ୟ ବୀଜକୁ ଗଠନ କଲା । ଦେଖନ୍ତୁ, "ସେ ଜଗତକୁ ଏପରି ବିଷୟଗୁଡିକରୁ ନିର୍ମାଣ କରିଥିଲେ ଯାହାକି ଦୃଶ୍ୟମାନ ନ ଥିଲା ।" ଦେଖନ୍ତୁ, ସେ—ସେ ଆପଣା ବାକ୍ୟ ଦ୍ୱାରା ଜଗତକୁ ନିର୍ମାଣ କରିଥିଲେ । ପରମେଶ୍ୱର ସମସ୍ତ କିଛି ବିଷୟକୁ କହି ଅସ୍ତିତ୍ୱରେ ଆଣିଥିଲେ ।

51 ଏବଂ ପରମେଶ୍ୱର, ସୃଷ୍ଟିକର୍ତ୍ତା ହୋଇଥିବା ହେତୁ, ସମସ୍ତକିଛି ବିଷୟକୁ କହି ଅସ୍ତିତ୍ୱରେ ଆଣିଲେ, ତାହା ନିଶ୍ଚିତରେ ଏକ ସିଦ୍ଧ ଜଗତ ହୋଇଥିବ । ଏହା ଏକ—ଏକ ସୁନ୍ଦର ସ୍ଥାନ ଥିଲା । ଏହା ଏଠାରେ ପୃଥିବୀ ପୃଷ୍ଠରେ ଏକ—ଏକ ବାସ୍ତବିକ ପ୍ରକୃତ ପାରଦୀଶ ଥିଲା ।

52 ବର୍ତ୍ତମାନ, ଯେପରିକି, ପ୍ରତ୍ୟେକ ସ୍ଥାନର କୌଣସିଠାରେ ଏକ ମୂଖ୍ୟାଳୟ ରହିବା ଆବଶ୍ୟକ ଅଟେ । ଏହି ସମ୍ମିଳନୀର ଏକ ମୂଖ୍ୟାଳୟ ରହିଛି, ଏବଂ ଏହି ଅଧ୍ୟାୟର ଏକ

ମୂଖ୍ୟାଳୟ ଅଛି, ଏବଂ ଏକ ମଣ୍ଡଳୀର ଏକ ମୂଖ୍ୟାଳୟ ରହିଛି । ଏବଂ ପରମେଶ୍ୱରଙ୍କର ଏକ ମୂଖ୍ୟାଳୟ ଅଛି । ଆଉ ତେଣୁକରି ଏହି ମହାନ ସ୍ଥାନ, ରାଷ୍ଟ୍ର ଯେଉଁଥିରେକି ଆମେମାନେ ବାସ କରୁଅଛୁ, ଏହାର ଏକ ମୂଖ୍ୟାଳୟ ଅଛି । ଆଉ ତେଣୁକରି ଏହି ମହାନ ଏଦନର ଏକ ମୂଖ୍ୟାଳୟ ରହିଥିଲା, ଏବଂ ଏହାର ମୂଖ୍ୟାଳୟ ଏଦନ ଉଦ୍ୟାନରେ ଅବ-ସ୍ଥିତ ରହିଥିଲା, କିମ୍ବା ଉଦ୍ୟାନର ପୂର୍ବରେ ଥିବା, ଏଦନରେ ରହିଥିଲା ।

53 ଏବଂ ପରମେଶ୍ୱର ପୃଥିବୀ ଉପରେ ରହିଥିବା ତାହାଙ୍କର ସମସ୍ତ ମହାନ ସୃଷ୍ଟିକୁ ଶାସନ କରିବା ନିମନ୍ତେ, ତାହାଙ୍କର ପୁତ୍ର ଏବଂ ତାହାଙ୍କ ପୁତ୍ରର ଭାର୍ଯ୍ୟା, ଆଦମ ଏବଂ ହବାଙ୍କୁ, ଏହା ଉପରେ ସ୍ଥାପନ କରିଥିଲେ ।

54 ପରମେଶ୍ୱର ଆଦମଙ୍କର ପିତା ଥିଲେ । "ଆଦମ ଜଣେ...ପରମେଶ୍ୱରଙ୍କ ସେହି ପୁତ୍ର ଥିଲେ," ଶାସ୍ତ୍ର ଅନୁସାରେ । ସେ ପରମେଶ୍ୱରଙ୍କ ପୁତ୍ର ଥିଲେ ।

55 ଏବଂ ପରମେଶ୍ୱର ତାହାର ନିଜ ଶରୀରରୁ, ତାହା ପାଇଁ ଏକ ସାହାଯ୍ୟକାରୀ ନିର୍ମାଣ କଲେ; ବୋଧହୁଏ ତାଙ୍କ ହୃଦୟ ଉପରେ ଥିବା ଏକ ପଞ୍ଜରାକୁ ନେଲେ, ଯେପରିକି ସେ ତାଙ୍କ ନିକଟବର୍ତ୍ତି ରୁହେ, ଏବଂ ତାହା ନିମନ୍ତେ ଏକ ସାହାଯ୍ୟକାରୀ ନିର୍ମାଣ କଲେ । ଏହା ଏପର୍ଯ୍ୟନ୍ତ ସୁଦ୍ଧା ପ୍ରକୃତରେ ତାଙ୍କ ପତ୍ନୀ ହୋଇ ନ ଥିଲା, ଯେପରିକି ଏହା ଏପର୍ଯ୍ୟନ୍ତ ସୁଦ୍ଧା ପୁରୁଷ ଅପେକ୍ଷା ଅଧିକ କିଛି ନ ଥିଲା; ସେ ତ କେବଳ ଏହାକୁ କହିଥିଲେ । ଏବଂ ସେଠାରେ ହିଁ ଯେଉଁଠାରେକି ସମସ୍ୟା ଆସିଥାଏ, ଆଦମ ତାଙ୍କୁ ପ୍ରାପ୍ତ କରିବା ପୂର୍ବରୁ ଶୟତାନ ତାଙ୍କୁ ପାଇ ଯାଇଥିଲା । ତେଣୁକରି, ଏହା କେବଳ ତାହାଙ୍କର ବାକ୍ୟ ଥିଲା ଯାହା ସେ କହିଥିଲେ ।

56 ମୁଁ ଏହା କହୁଛି, ମୁଁ ଏହା ଉପରେ ଅଧିକ ସମୟ ଅତିବାହିତ କରିବାକୁ ଚାହେଁ ନାହିଁ । ମାତ୍ର ଆପଣମାନଙ୍କ ମଧ୍ୟରୁ କେତେକେ ଟିକେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି, ବିଶେଷକରି କିଛି ଲୋକମାନେ ସେଠାରେ ଉପରେ—ଯେଉଁମାନେକି ଦକ୍ଷିଣାଞ୍ଚଳରୁ ଅଛନ୍ତି, ଏହି ବାର୍ତ୍ତା ଉପରେ ଯାହାକି ମୁଁ ଆଜି ପରମେଶ୍ୱରଙ୍କଠାରୁ, ଲୋକମାନଙ୍କ ପାଇଁ ପାଇଅଛି, ଟିକିଏ ଦ୍ୱନ୍ଦ୍ୱପୂର୍ଣ୍ଣ ବୋଲି ମନେ କରିପାରନ୍ତି, ଯାହାକି ସର୍ପବଂଶ ଉପରେ ଅଟେ । ଏବଂ ପ୍ରଭୁ ଇଚ୍ଛା କଲେ, ଏହି ଦିନଗୁଡିକ ମଧ୍ୟରୁ ଗୋଟିଏରେ, ମୁଁ ଘରକୁ ଯିବାକୁ ଯାଉଅଛି, ଜେଫର୍ସନଭିଲେକୁ । ମୁଁ ପ୍ରାୟଃ ଛଅ-ଘଣ୍ଟାର ଏକ ବାର୍ତ୍ତା ଚାହେଁ, ଏବଂ ସବୁକିଛିକୁ ସଳଖ କରିବା ପାଇଁ ଚାହେଁ, ଦେଖନ୍ତୁ, ତେଣୁକରି ଏହା କେବଳ ତାହାକୁ ଏକ ପ୍ରାରୂପରେ ରଖି ଦେବ ଯେପରି ଆପଣ ଜାଣିଯିବେ ଯେ ଆମେ କାହା ବିଷୟରେ କଥାବାର୍ତ୍ତା କରୁଅଛୁ । ଏବଂ ଏହା **ସଦାପ୍ରଭୁ ଏହି କଥା କୁହନ୍ତି** ଅଟେ । ଏହା ସେତିକି ସତ ଅଟେ ଯେତିକି ତାହା ସେତେବେଳେ ଥିଲା ଯେତେବେଳେ ଅନେକ ବର୍ଷ ପୂର୍ବେ ଭଉଣୀ ଫ୍ଲୋରେନ୍ସ ଚାଲିଯିବା ଆଗରୁ, ଏହା ତାଙ୍କୁ ଦେଖିଥିଲା । ଦେଖନ୍ତୁ, ଏହା ସତ୍ୟ ଅଟେ । ଏବଂ ବର୍ତ୍ତମାନ, ଆମେ...ବୋଧହୁଏ ଏହାକୁ ଭୁଲ ବୁଝା ଯାଇଛି ।

57 ଯଦି କେହି ମୋ ପାଖକୁ ଆସନ୍ତି, କିଛି ବିପରୀତ ବିଷୟ ନେଇ, ମୁଁ ନିଜେ, ଏହାକୁ ଏକ ପ୍ରକାର ଭୁଲ ବୁଝିଥାଏ । କେହି କଅଣ କୁହନ୍ତି ମୁଁ ତାହା ସମାଲୋଚନା କରିବାକୁ ଚାହେଁ ନାହିଁ । ଆମେ ପରସ୍ପରକୁ ସମାଲୋଚନା କରିବା ପାଇଁ ନୋହୁଁ । ମୁଁ ତାହା କରିବାରେ ଦୋଷୀ ନୁହେଁ; ମୁଁ ପ୍ରଭୁଙ୍କୁ ଧନ୍ୟବାଦ ଦିଏ । ମୁଁ ପାପ ଏବଂ ଅବିଶ୍ୱାସକୁ ସମାଲୋଚନା କରିଅଛି; କିନ୍ତୁ କୌଣସି ବ୍ୟକ୍ତି ବିଶେଷକୁ ନୁହେଁ, ଦେଖନ୍ତୁ, ମୁଁ—ମୁଁ କରେ ନାହିଁ । ଆମେମାନେ ତ—ଆମେମାନେ ତ ଭାଇ ଓ ଭଉଣୀ ଅଟୁ, ଚେଷ୍ଟା କରୁଅଛୁ, ଆମେମାନେ ସେହି ସ୍ଥାନକୁ ଆସୁଅଛୁ ଯେଉଁ ସ୍ଥାନକୁ ଗତକାଲି ସକାଳେ ଭଉଣୀ ଫ୍ଲୋରେନ୍ସ ଆସିଥିଲେ, ଦେଖନ୍ତୁ । ସେ…ଆମ—ଆମ ସମସ୍ତଙ୍କୁ ସେହି ମାର୍ଗ ଦେଇ ଆସିବାକୁ ଅଛି । ଏବଂ ଏହା ମୋର ଉଦ୍ଦେଶ୍ୟ ନୁହେଁ ଯେ—ଯେ କୌଣସି ଜଣେ ଭାଇ କିମ୍ବା ଭଉଣୀଙ୍କୁ ସମାଲୋଚନା କରିବାକୁ ଚେଷ୍ଟା କରିବା ଯିଏକି ଆପଣଙ୍କ ସହିତ ସହମତ ନୁହେଁ । ନା, ତାହା କରିବା ମୋ ଠାରୁ ଦୂରରେ ଥାଉ! ମୁଁ ଭାବୁ ନାହିଁ ଯେ ଆପଣ କେବେ ବି ଏକ ଟେପ୍ ପାଇବେ ଯେଉଁଥିରେକି ମୁଁ କେବେ ବି କାହାରି ନାମ ନେଇଥାଏ । ଯାହାକି, ମୁଁ ଅନୁଭବ କରିଛି ଯେ ଅନେକ ଥର ସେହି ବ୍ୟକ୍ତି ଭୁଲ୍ ଅଟନ୍ତି, ମାତ୍ର ତାହା ସେମାନଙ୍କ ଏବଂ ପରମେଶ୍ୱରଙ୍କ ମଧ୍ୟରେ ଅଟେ । କିନ୍ତୁ ଯାହା ଭୁଲ୍ ଅଟେ, ପାପର ମାର୍ଗରେ ଏବଂ…ଏବଂ ଏପରିକି ବେଳେବେଳେ ଭୁଲ ବୁଝାମଣା ପାପ ସୁଦ୍ଧା ନୁହେଁ, ଏହା ତ କେବଳ ଲୋକମାନଙ୍କର ଭୁଲ ବୁଝାମଣା ଅଟେ । ଏବଂ ମୁଁ—ମୁଁ ଭାବୁଛି ଯେ ଆମ ପ୍ରତ୍ୟେକ ଜଣଙ୍କର ଆମର ବୁଝାମଣା ଅନୁସାରେ ନିଜକୁ ପ୍ରକାଶ କରିବାର ଏକ ଅଧିକାର ଅଛି ।

58 ବର୍ତ୍ତମାନ ଏହି ମହାନ ସୃଷ୍ଟିକର୍ତ୍ତା ତାହାଙ୍କର ସୃଷ୍ଟ ପୁତ୍ରଙ୍କୁ ସ୍ଥାପିତ କରିଥିଲେ । ତେବେ, ଆଦମ ତାହାଙ୍କର ପ୍ରଥମ ସୃଷ୍ଟ ପୁତ୍ର ଥିଲେ । ଯୀଶୁ ତାହାଙ୍କର ଏକମାତ୍ର *ଅଦ୍ୱିତୀୟ* ପୁତ୍ର ଥିଲେ, ଦେଖନ୍ତୁ, ସେ ଜଣେ ସ୍ତ୍ରୀ ଦ୍ୱାରା ଜନ୍ମ ହୋଇଥିଲେ । ମାତ୍ର ଆଦମ ତ ସୃଷ୍ଟିରେ, ସୀଧାସଳଖ ପରମେଶ୍ୱରଙ୍କ ହସ୍ତରୁ ଆସିଥିଲେ ।

59 ତେବେ ସେହି ମୁଖ୍ୟାଳୟଟି, ସର୍ବତ୍ର ତାହାଙ୍କର—ତାହାଙ୍କର ପୁତ୍ର ଏବଂ ତାହାଙ୍କ ପୁତ୍ରଙ୍କର ଭାର୍ଯ୍ୟା ସହିତରେ ବ୍ୟାପ୍ତ ଥିଲା, ଏହା ଏତେ ସିଦ୍ଧ ଦେଖାଯାଉଥିଲା । ସେଠାରେ ଜଣେ—ଜଣେ ବ୍ୟକ୍ତି ଥିଲେ, ଏହାର ସମସ୍ତ କିଛିର ମୁଖ୍ୟ, ତାହାଙ୍କ ନିଜର ପୁତ୍ର ଏବଂ ତାହାଙ୍କର ଭାର୍ଯ୍ୟା ।

60 ଏବଂ ପ୍ରତ୍ୟେକ ବୀଜ ସିଦ୍ଧ ଥିଲା, ଖଜୁରୀ ଗଛ, ଏବଂ ଓକ, ପୁଣି ଘାସ, ଓ ପକ୍ଷୀମାନ, ଏବଂ ପଶୁମାନ । ଏବଂ ସବୁକିଛି ବିଷୟ ପରମେଶ୍ୱରଙ୍କ ଆଜ୍ଞା ସହିତରେ ସିଦ୍ଧ କ୍ରମରେ ରହିଥିଲା, "ନିଜର ସ୍ୱଭାବକୁ ପରିବର୍ତ୍ତନ କର ନାହିଁ । ପ୍ରତ୍ୟେକ ବୀଜ, ନିଜ ନିଜର ସ୍ୱଭାବ ଅନୁସାରେ ଉତ୍ପନ୍ନ କର! ଓକ ଗଛ, ତୁମେ କଦାପି ବିକୃତ ହୋଇ ଏକ ପାଉପାଉ ଗଛ ହୋଇଯିବ ନାହିଁ ।" ବୁଝିଲେ? "ଖଜୁରୀ, ତୁମେ ବିକୃତ ହୋଇ ଅନ୍ୟ କୌଣସି ଜିନିଷ ହୋଇଯିବ ନାହିଁ । କିନ୍ତୁ ପ୍ରତ୍ୟେକ ବୀଜ ନିଜ ନିଜର ସ୍ୱଭାବ ଅନୁସାରେ!" ଏବଂ ସେ—ସେ ଏହାକୁ ସମୟ କାଳ ଦେଇ ଦେଖି ରହିଲେ ।

61 ଏବଂ ସେ ବାକ୍ୟ କହିଥଲେ । ଏବଂ ତାହାଙ୍କର ମହାନ ସୃଷ୍ଟିକାରୀ ଶକ୍ତି ଏହିସବୁ ବିଷୟଗୁଡିକୁ ଗଠନ କରିଥିଲା ଯାହାକି ଉପରକୁ ଉଠି ଆସିଥିଲା, ଏବଂ ଏପରିକି ପୁରୁଷ ଏବଂ ସ୍ତ୍ରୀ ମଧ୍ୟ । ଏବଂ ସେମାନେ ମୁଖ୍ୟ ଥିଲେ କାରଣ ସେମାନେ...ସେମାନେ ଅନ୍ୟ ସମସ୍ତ ଜାତି ଅପେକ୍ଷା ସର୍ବୋତ୍ତମ ଥିଲେ । ଏବଂ ସେ ସେମାନଙ୍କୁ ସେହି ସମାନ ବିଷୟର ଯତ୍ନ ତଳେ ରଖିଲେ ଯାହା ଅଧୀନରେ ସେ ଗଛ, ପଶୁ, ଏବଂ ପ୍ରଭୃତି ସବୁକୁ ରଖିଥିଲେ: ତାହାଙ୍କର ବାକ୍ୟ ଅଧୀନରେ । ସେମାନଙ୍କୁ କଦାପି ହେଲେ, କୌଣସି ପ୍ରକାରେ, ସେହି ବାକ୍ୟକୁ ଭାଙ୍ଗିବାର ଉଚିତ୍ ନ ଥିଲା । ସେମାନଙ୍କୁ ସେଠାରେ ରହିବା ଜରୁରୀ ଥିଲା । "ଏଥିରୁ କୌଣସି ବିଷୟ ଲୋପ କରିବ ନାହିଁ, କିମ୍ବା ଏଥିରେ କିଛି ଯୋଗ କରିବ ନାହିଁ! ତୁମକୁ ନିଶ୍ଚିତ ଭାବରେ ଏହି ବାକ୍ୟ ଦ୍ୱାରା ବଞ୍ଚିବା ଉଚିତ ।"

62 ଏବଂ ଯେପର୍ଯ୍ୟନ୍ତ ସେହି ସୃଷ୍ଟି ସେହିପରି ଅବସ୍ଥାରେ ବିଦ୍ୟମାନ ରହିଥାନ୍ତା, ତାହାହେଲେ ଭଉଣୀ ଶାକାରିଆନ୍‌ଙ୍କୁ ଆଜି ସକାଳେ ଯିବାକୁ ପଡି ନ ଥାଆନ୍ତା, ଯେପର୍ଯ୍ୟନ୍ତ ଏହା ସେହିପରି ଭାବରେ ରହିଥାନ୍ତା, ପରମେଶ୍ୱରଙ୍କ ମହାନ ଅର୍ଥନୀତି! ଏହା ତ ତାହା ଅଟେ ଯାହାକି ଆମେମାନେ ବିଶ୍ୱାସ କରୁ ଯେ ଆମେ ତାହା ନିକଟକୁ ଫେରୁଅଛୁ । ଆମେମାନେ ସେହି ସ୍ଥାନକୁ, ସେହି ସ୍ଥାନ ନିକଟକୁ ଫେରୁଅଛୁ ।

63 ଯେଉଁଠାରେକି ସେହି ସପ୍ତମ ସକାଳରେ, ଯେତେବେଳେ ପରମେଶ୍ୱର ଏହା ସମସ୍ତ ଉପରେ ଦୃଷ୍ଟି କଲେ, ଏବଂ ସେ କହିଲେ, "ଏହା ଉତ୍ତମ । ମୁଁ—ମୁଁ ଏଥିରେ ସନ୍ତୁଷ୍ଟ ଅଟେ । ହଁ, ମୁଁ—ମୁଁ—ମୁଁ ଆନନ୍ଦିତ ଯେ ମୁଁ ଏହା କଲି । ଏବଂ ଏହା ସବୁ ବର୍ତ୍ତମାନ ନିୟନ୍ତ୍ରଣାଧୀନ ଅଟେ । ଏବଂ ମୁଁ ମୋର ପୁତ୍ର ଏବଂ ତାଙ୍କ ପତ୍ନୀଙ୍କ ଉପରେ ଭରସା ରଖିଅଛି, ଯେ—ଯେ ସେମାନେ କରିବେ (ସେମାନଙ୍କୁ ସମସ୍ତଙ୍କର ମୁଖ୍ୟ କରିଦେଇଛି), ଯେ ସେମାନେ ଏହା ସବୁ ଉପରେ ନଜର ରଖିବେ ଓ ଦେଖିବେ ଯେ ଏହା ସବୁ ଠିକ୍ ଅଟେ, ଯେ ସମସ୍ତକିଛି ନିଜ ନିଜ ପ୍ରକାର ଅନୁସାରେ ଉତ୍ପନ୍ନ କରିବେ । ବର୍ତ୍ତମାନ ତାଙ୍କ ପାଖରେ ତାହା କରିବାର ଶକ୍ତି ଅଛି ।" ପରମେଶ୍ୱର ତେବେ କହିଲେ, "ଠିକ୍ ଅଛି, ଯଦି ଏହା ସବୁ କିଛି ଏତେ ଭଲ ଅଟେ, ଏବଂ ଏହା ଅନ୍ୟ କିଛି ହୋଇପାରେ ନାହିଁ, କାରଣ ଏହା ମୋର ନିଜର ଇଚ୍ଛା ଅଟେ । ଏହା ତ ସେହିପରି ଅଟେ ଯେପରିକି ମୁଁ ଏହାକୁ ଚାହିଁଥିଲି । ଏବଂ ମୁଁ ଏହାକୁ ସେହିପରି କହିଅଛି, ଏବଂ ମୋର ବାକ୍ୟ ଏହାକୁ ଠିକ୍ ସେହିପରି ଭାବରେ କାର୍ଯ୍ୟକାରୀ କରିଅଛି ଯେପରିକି ମୁଁ ଏହାକୁ ଚାହିଁଥିଲି । ଏବଂ ସେଠାରେ ତାହା ଅଛି । ଏହା ସବୁ ଉତ୍ତମ ଅଟେ!" ତେଣୁକରି ବାଇବଲ କୁହେ, "ପରମେଶ୍ୱର ଆପଣା ସମସ୍ତ କାର୍ଯ୍ୟରୁ, ସପ୍ତମ ଦିନ ବିଶ୍ରାମ କଲେ ।"

64 ଏବଂ ସମସ୍ତ କିଛି ବିଷୟ ନିୟନ୍ତ୍ରଣରେ ରହିଥିଲା, ଯେପରିକି ନିଜ ନିଜର ପ୍ରକାର ଉତ୍ପନ୍ନ କରନ୍ତି । ବର୍ତ୍ତମାନ ମନେରଖନ୍ତୁ, "ଉତ୍ପନ୍ନ କରିବା ।" ଯେତେବେଳେ ସେ ପୃଥିବୀରେ ବୀଜକୁ ରୋପଣ କଲେ, ସେହି ବୀଜ କେବଳ ତାହା ଭିତରେ ଥିବା ସେହି ଜୀବନର ଶକ୍ତି ସହିତ ବାହାରିପାରେ, ଯେପରିକି ଏହାକୁ ଏକ ବୀଜରୁ ଏକ ଉଦ୍ଭିଦକୁ ରୂପାନ୍ତରିତ କରେ, କିମ୍ବା ଏହା ଯାହାକିଛି ବି ଅଟେ । ତାହାଙ୍କର ରୂପାନ୍ତରଣ ଶକ୍ତି! ତେବେ, ପରମେଶ୍ୱର ସେଠାରେ ସେହି

ବୀଜକୁ, ସମ୍ଭାବନାମାନ ସହିତ ରଖିଥିଲେ ଯେପରିକି ଏହା ତାହାହିଁ ହୁଏ ଯାହାକି ହେବ ବୋଲି ସେ କହିଥିଲେ । ଏବଂ ଯେପର୍ଯ୍ୟନ୍ତ ଏହା ତାର ସଠିକ୍ ଅବସ୍ଥାରେ ରହିଥିଲା, ସେପର୍ଯ୍ୟନ୍ତ ଏହା ଅବିକଳ ଠିକ ତାହାହିଁ ହେବ ଯାହାକି ତାହା ହେବ ବୋଲି ପରମେଶ୍ୱର କହିଥିଲେ । ଏହାକୁ ତ ସେହିପରି ହେବାକୁ ଥିଲା, କାରଣ ସେ ଏହାକୁ ସେହିପରି ଭାବରେ ନିର୍ମାଣ କରିଥିଲେ, ଏବଂ ଏକ ମାଧ୍ୟମ ପ୍ରସ୍ତୁତ କରିଥିଲେ । ଯେ, ଯାହାକିଛି ତାହାଙ୍କ ମାଧ୍ୟମରେ ରହିଥାଏ, ତାହାଙ୍କ ବାକ୍ୟର ସହମତିରେ ରହିଥାଏ, ଏହାକୁ ଠିକ ତଦନୁସାରେ ଉତ୍ପନ୍ନ କରିବାକୁ ହେବ ଯେପରିକି ତାହା କରିବ ବୋଲି ତାହାଙ୍କର ବାକ୍ୟ କହିଥିଲା । ଏହା ସେଠାରୁ ବିଚ୍ୟୁତ ହୋଇପାରେ ନାହିଁ । ଏହା ତ ଅବିକଳ ଠିକ୍ ମାଧ୍ୟମରେ ରହିଥାଏ । ତେଣୁକରି, ସମସ୍ତକିଛି ବିଷୟକୁ ଆପଣାର ନିଜ ପୁତ୍ର ଉପରେ ନ୍ୟସ୍ତ କରିବା ସହିତ, ଯେ ଏହା ସେହିପରି ହିଁ ହେବ, ତାହାପରେ ପରମେଶ୍ୱର କହିଲେ, "ଏହା ସବୁ ଉତ୍ତମ ଅଟେ, ତେଣୁ ମୁଁ କେବଳ ବିଶ୍ରାମ କରିବି । ଏବଂ ସେହି ବୀଜଗୁଡିକ ମଧ୍ୟରୁ ପ୍ରତ୍ୟେକର ଭିତରେ, ଆପଣାକୁ ସେହି ପ୍ରଜାତିରେ ରୂପାନ୍ତରିତ କରିବାର ଶକ୍ତି ରହିଅଛି ଯାହାକି ଏହା ହେଉ ବୋଲି ମୁଁ ଇଚ୍ଛା କରେ । ତାହାହିଁ ଅଟେ ଯାହାକି ଏହାକୁ ହେବାକୁ ଅଛି, କାରଣ ମୁଁ ପ୍ରତ୍ୟେକ ବୀଜକୁ ରୂପାନ୍ତରଣର ଶକ୍ତି ଦେଇଅଛି, ଯେ ତାହା ନିଜକୁ ଉତ୍ପନ୍ନ କରେ, ତାହା ଭିତରେ ବର୍ତ୍ତମାନ ସେହି ସାମର୍ଥ୍ୟ ଦେଇଅଛି ଯେ ତାହା ନିଜକୁ ସେହିପରି ଭାବରେ ଉତ୍ପନ୍ନ କରେ ଯେପରିକି ତାହା ହେଉ ବୋଲି ମୁଁ ଅବିକଳ ଚାହେଁ ।"

65 ପରମେଶ୍ୱର କଦାପି ପରିବର୍ତ୍ତନ ହୋଇ ନାହାଁନ୍ତି । ଆଜି ମଧ୍ୟ ସେ ଠିକ୍ ସେହିପରି ଅଟନ୍ତି ଯେପରିକି ସେ ସେଦିନ ରହିଥିଲେ! ପରମେଶ୍ୱର କିଛି କରିବାକୁ ସଂକଳ୍ପବଦ୍ଧ ଅଟନ୍ତି । ସେ ତାହା କରିବେ । କିଛି ହେଲେ ତାଙ୍କୁ ଅଟକାଇବାକୁ ଯାଉନାହିଁ । ସେ ତାହା କରିବେ!

66 ବର୍ତ୍ତମାନ ଏହା ସବୁ ଠିକ୍ ଭାବରେ ଏବଂ କ୍ରମରେ ବ୍ୟବସ୍ଥିତ ହୋଇସାରିବା ପରେ, ପରମେଶ୍ୱର ତେବେ ନିଶ୍ଚିତରେ ଅନୁଭବ କଲେ ଯେ ଏହା ସବୁ ଠିକ୍ ହେବ, ଏବଂ ତାହାପରେ, ଯେତେବେଳେ ସେ କଲେ, ସେତେବେଳେ ଶତ୍ରୁ ଭିତରକୁ ଆସିଲା । ମୁଁ କରିବାକୁ ଯାଉଛି… ପରମେଶ୍ୱର ରୂପାନ୍ତରିତ କରିବାର ଶକ୍ତି ପ୍ରଦାନ କରିଥିଲେ । ଏବଂ ମୁଁ ଏହି ବ୍ୟକ୍ତିକୁ କହିବାକୁ ଯାଉଛି, ଯେ ତାହା ପାଖରେ ପୁନର୍ବାର ସୃଷ୍ଟି କରିବାର—ର ଶକ୍ତି ନ ଥିଲା, ମାତ୍ର ମୁଁ…ତାହା ପାଖରେ ବିକୃତ କରିବାର ଶକ୍ତି ରହିଥିଲା, ରୂପାନ୍ତରିତ କରିବାର ନୁହେଁ; ମାତ୍ର ବିକୃତ କରିବାର ଥିଲା । ତେବେ, ଯେକୌଣସି ବିକୃତ ବିଷୟକୁ ତାହାର ମୂଳ ସ୍ଥିତିରୁ ନେଇ ନିଆ ଯାଇଥାଏ, ସେଠାରେ କିଛି ଗୋଟାଏ ବିଷୟ ତାହା ସହିତ ଭୁଲ୍ ଘଟିଥାଏ ।

67 କିଛି ବର୍ଷ ପୂର୍ବେ, ପାଟ୍ରୋଲିଂରେ ପ୍ରହରୀ କାର୍ଯ୍ୟ କରିବା ବେଳେ, ଶସ୍ୟ କ୍ଷେତ ଦେଇ ଯାଉଥିବା ସମୟରେ, ମୁଁ ସେହି ବିଷୟରେ ଭାବିଲି, ସେଠାରେ ଗୋଟିଏ ଗଛରୁ ଡାଳଟିଏ ଭାଙ୍ଗି ଯାଇଥିଲା, ଏବଂ ଶସ୍ୟ ଡ଼େମ୍ଫ ଉପରେ ପଡ଼ିଯାଇଥିଲା । ଏବଂ ସେହି ଡ଼େମ୍ଫଟି ସିଧା ସଳଖ ଉଠିବାକୁ ଯଥାସମ୍ଭବ ଚେଷ୍ଟା କରୁଥିଲା ଯେପରିକି ତାହା ରହିବା ଉଚିତ୍, ମାତ୍ର ଏହା ବିକୃତ ହୋଇ ଯାଇଥିଲା କାରଣ କିଛି ଗୋଟାଏ ଘଟିଥିଲା । ଏବଂ ସେହି ଡାଳଟି ତାହା ଉପରେ ପଡ଼ିଥିଲା ।

68 ତାହାପରେ ଆମେ କ୍ଷେତରେ ଏକ ଜଙ୍ଗଲୀ ଲତା ପାଇଲୁ । ଯାହାକି, ଆପଣମାନଙ୍କ ମଧ୍ୟରୁ ଅନେକ ପୁରୁଷମାନେ ଏଠାରେ, ଏବଂ ବୋଧହୁଏ ଆପଣମାନଙ୍କ ମଧ୍ୟରୁ କେତେକ ସ୍ତ୍ରୀଲୋକମାନେ…ଯଦି ଆପଣ କେଣ୍ଟକିରୁ ଆସିଥାନ୍ତି । ସେଠାରେ ସେହି ସ୍ତ୍ରୀଲୋକମାନେ ସେହି କୋଦାଳକୁ ପୁରୁଷଙ୍କ ପରି ସମାନ ଭାବରେ ବ୍ୟବହାର କରନ୍ତି, ସେମାନେ ଏକ କୋଦାଳ—ଏକ କୋଦାଳ ସହିତ କ୍ଷେତକୁ ବାହାରି ଯାଆନ୍ତି, ଆମେ ତାହାକୁ ସେହି ପୁରୁଣା ବତକ ବେକ କୋଦାଳ ବୋଲି କହିଥାଉ, ଏବଂ ସେହି—ସେହି ଲତାଗୁଡିକୁ କାଟିଥାଆନ୍ତି । କାରଣ, ଯଦି ଆପଣ ସେହି ଲତାଗୁଡିକୁ ବାହାର ନ କରିବେ, ଯେଉଁଠାରେକି ସେହି ଶସ୍ୟ ଏହିପରି ଭାବରେ, ଧାଡିରେ ରହିଥାଏ, ତାହାହେଲେ ସେହି ଲତା ଯାଇ, ସେହି ଶସ୍ୟ ଗଛକୁ ଧରି ପକାଇବ, ଏବଂ ଧୀରେ ଧୀରେ ନିଜକୁ ତାହା ଉପରେ ମଡ଼ାଇଦେବ, ଏତେ ସହଜ ଭାବରେ, ଏତେ ଚତୁରତାର ସହ, ଯେ ଆପଣ କଦାଚିତ ହିଁ କହିପାରିବେ ଯେ ତାହା ଗୁଡାଉଅଛି । ଏବଂ ଅବଶେଷରେ ଏହା ଅଧିକରୁ ଅଧିକ ଶକ୍ତିଶାଳୀ ହୋଇଯାଏ, ଏବଂ ତାହା ସେହି ଶସ୍ୟକୁ ଟାଣିଥାଏ ଯେପର୍ଯ୍ୟନ୍ତକି ତାହା ବିକୃତ ନ ହୋଇଯାଏ । ଏହାକୁ ନିଜ ଆଡକୁ ଟାଣେ, ତାକୁ ତାହାର ନିଜ ଦ୍ରାକ୍ଷାଲତାର ଚାରିପାଖରେ ଗୁଡ଼ାଇ ଦିଏ; ତାହାକୁ ସେହି ଅବସ୍ଥାରୁ ଯାହା ସେ ରହିଥିଲା, ଅନ୍ୟ କିଛି ଅବସ୍ଥାକୁ ବିକୃତ କରିଦିଏ । ତଥାପି ଏହା ଶସ୍ୟ ଅଟେ, ମାତ୍ର ଏହା ବିକୃତ ଶସ୍ୟ ଅଟେ ।

69 ଏବଂ ଆମେ ସମସ୍ତେ ମଧ୍ୟ ଏବେ ସୁଦ୍ଧା ପରମେଶ୍ୱରଙ୍କ ପ୍ରତିମୂର୍ତ୍ତିରେ ଅଟୁ । କିନ୍ତୁ କେତେକେ ପରମେଶ୍ୱରଙ୍କ ପୁତ୍ର ଭାବରେ, ଏତେ ବିକୃତ ଅଟନ୍ତି, ଯେଉଁମାନେକି ତାହାଙ୍କ ବାକ୍ୟର ଏବଂ ସେହି ମାର୍ଗର ବିରୁଦ୍ଧାଚରଣ କରନ୍ତି ଯାହା—ଯାହା ସେ ଆମକୁ ଗମନାଗମନ କରିବା ପାଇଁ ପ୍ରଦାନ କରିଥାନ୍ତି ଏବଂ ଯୋଗାଇ ଦେଇଥାନ୍ତି । କିଛି ଗୋଟାଏ ବିଷୟ ଉପସ୍ଥାପନ କରେ, ଜଗତ ଆମକୁ ମାର୍ଗରୁ ବିଚ୍ୟୁତ କରି, ଆମକୁ ତାହାର ନିଜ ନିକଟକୁ ଟାଣି ନିଏ, ଏବଂ ପରମେଶ୍ୱରଙ୍କ ପୁତ୍ର ଓ କନ୍ୟା ହେବା ନିମନ୍ତେ, ସେ ଆମକୁ ରୋପଣ କରିଥିବା ସେହି ସିଧା, ସଂକୀର୍ଣ୍ଣ ପଥଠାରୁ ଦୂର କରିଦିଏ । ପରମେଶ୍ୱରଙ୍କ ପୁତ୍ର ଓ କନ୍ୟାମାନଙ୍କ ପ୍ରତି ପାପ ଏହି ମନ୍ଦ କାର୍ଯ୍ୟକୁ କରିଅଛି ।

70 ସେହି ବିକୃତକାରୀ! ମୁଁ ଜାଣେ ଯେ ଏହି ବିଷୟରେ ଏହିପରି କହିବା ବରଂ ଅତ୍ୟନ୍ତ ବିଚିତ୍ର ମନେହୁଏ, "ବିକୃତ କରିବା—କରିବା," କିନ୍ତୁ ତାହାହିଁ ଅଟେ ଯାହାକି ସେ ଥିଲା; ସେ ବିକୃତ କରିଥିଲା, କିମ୍ବା ଭ୍ରଷ୍ଟ କରିଥିଲା । ଭ୍ରଷ୍ଟ କରିବାର ଅର୍ଥ "ବଦଳାଇବା, କିଛି ଗୋଟାଏ ଭିନ୍ନ କରିବା ।" ଏବଂ ବିକୃତ ସେହି ସମାନ ବିଷୟ ଅଟେ, ଯେ ତାହାକୁ ନିଆଯାଇ ବିକୃତି କରାଯାଇଛି, ଏବଂ "ଅନ୍ୟ ଉପାୟରେ ଗଠନ କରାଯାଇଛି ।" ତଥାପି ଏହା ସେହି ସମାନ ବୀଜ ହିଁ ଅଟେ, କିନ୍ତୁ ଏହା ବିକୃତ କରାଯାଇଛି ।

71 ତେବେ ଆମେ ଜାଣୁ ଯେ ଏହି ବିକୃତକାରୀ ପାଖରେ ମଧ୍ୟ, ବିକୃତି କରିବା ପାଇଁ ସେହି ସମାନ ପରିମାଣର ସମୟ ରହିଥିଲା, ଯେତିକି ସମୟ ପରମେଶ୍ୱରଙ୍କ ପାଖରେ ରୂପାନ୍ତରିତ କରିବା ପାଇଁ ରହିଥିଲା । ତେବେ ସେ ଏଦନ ଉଦ୍ୟାନରେ, ସେ…ନିଜର ବୀଜ

ବୁଣିଥିଲା, କିମ୍ବା, କେବେ ବି ନିଜର ବୀଜକୁ ରୋପଣ କରି ନ ଥିଲା । ସେହି ସମୟଠାରୁ ନେଇ, ପରମେଶ୍ୱରଙ୍କ ବୀଜକୁ, ପରମେଶ୍ୱରଙ୍କ ବାକ୍ୟକୁ ବିକୃତ କରିବା ପାଇଁ, ତାହା ପାଖରେ ଛଅ ହଜାର ବର୍ଷ ରହି ଆସିଛି; ଯେ ଏହାକୁ ବିକୃତ କରେ, ଏହାକୁ କିଛି ଗୋଟାଏ ଭିନ୍ନ କରେ; ଯେତେବେଳେ ସେ...ପ୍ରଥମ ଥର ପାଇଁ ଯେତେବେଳେ ହବା ତାହା କଥା ଶୁଣିଲେ, ଏବଂ ନିଜ ପ୍ରତି କେବଳ ଗୋଟିଏ ଛୋଟ ବାକ୍ୟାଂଶକୁ ଗ୍ରହଣ କରି ନେଲେ ।

72 ମନେରଖନ୍ତୁ, ଶୟତାନ ପ୍ରଥମେ ସେହି ଶାସ୍ତ୍ରାଂଶକୁ ସେତିକି ସ୍ପଷ୍ଟ ଭାବେ ଉଦ୍ଧୃତ କରିଥିଲା ଯେତିକି ସ୍ପଷ୍ଟ ତାହା କରା ଯାଇପାରେ, "ପରମେଶ୍ୱର କଅଣ ଏହା କହିଛନ୍ତି, 'ତୁମେ ଏଦନ ଉଦ୍ୟାନରେ ଥିବା ସମସ୍ତ ଗଛରୁ ଖାଇବ ନାହିଁ'?" ବୁଝିଲେ? "ତୁମେ ସମସ୍ତ ଗଛରୁ ଖାଇବ ନାହିଁ?"

73 ଏବଂ ବର୍ତ୍ତମାନ ମନେରଖନ୍ତୁ, ହବା କହିଲା, "ହଁ, ଆମେ ସମସ୍ତ ଗଛରୁ ଖାଇପାରୁ; କିନ୍ତୁ ଉଦ୍ୟାନର ମଧ୍ୟ ଭାଗରେ ଥିବା ସେହି ଗଛରୁ, ଆମେ ତ ଏହା ଛୁଇଁବା ସୁଦ୍ଧା ଉଚିତ୍ ନୁହେଁ ।" ବର୍ତ୍ତମାନ ତାର ବାର୍ତ୍ତାରେ, ତାକୁ ଦେଖନ୍ତୁ, ସେହି ବାକ୍ୟକୁ ଟିକିଏ ମୋଡି ଦେଲା । କହିବାକୁ ଗଲେ...ହବା କହିଲେ, "କାରଣ ପରମେଶ୍ୱର କହିଥିଲେ, ଯେ, ଯଦି ଆମେ ଏହା କରିବୁ, ସେହି ଦିନ ଆମେ 'ମରିଯିବୁ ।'"

74 ସେ କହିଲା, "ଓଃ, ନିଶ୍ଚିତ ଭାବରେ ତୁମେ ମରିବ ନାହିଁ ।" ଦେଖନ୍ତୁ, ସେ ଜଣେ—ଜଣେ ମଣିଷ ଥିଲା, ସେ କହିଲା, "ତୁମେ—ତୁମେ—ତୁମେ ବର୍ତ୍ତମାନ ଏହା କର । ଆଉ ତୁମେ—ତୁମେ ଅଟ—ତୁମେ ଏକ ପ୍ରକାର ଅଜ୍ଞ ଲୋକ ଅଟ । ତୁମେ, ପ୍ରକୃତରେ, ତୁମେ ସବୁକିଛି ବିଷୟ ଜାଣ ନାହିଁ । କିନ୍ତୁ ଯଦି ତୁମେ କେବଳ ଏହାର ଅଂଶୀଦାର ହେବ, ତାହାହେଲେ ତୁମେ ଜ୍ଞାନପ୍ରାପ୍ତ ହେବ, ତୁମର ବୁଦ୍ଧି ହୋଇଯିବ । ତୁମେ ଭୁଲରୁ ଠିକ ଜାଣିଯିବ ଏବଂ ଈଶ୍ୱର ତୁଲ୍ୟ ହୋଇଯିବ, ତୁମେ, ଯଦି ତୁମେ କେବଳ ଏହି ଜ୍ଞାନର ଅଂଶୀଦାର ହେବ ଯାହା ମୋ ପାଖରେ ଅଛି । ମୁଁ ଜାଣେ, କିନ୍ତୁ ତୁମେ ଜାଣ ନାହିଁ ।"

75 ଯାହାକି, ଜ୍ଞାନ ପାଇବାଟା ଏହା ସବୁ ଠିକ୍ ଅଟେ । କିନ୍ତୁ ଯଦି ସେହି ଜ୍ଞାନ ବିରୋଧାତ୍ମକ ଅଟେ, ଯଦି ସେହି ଜ୍ଞାନ ପରମେଶ୍ୱରଙ୍କଠାରୁ ଆଗତ ସଠିକ୍ ଜ୍ଞାନ, ଈଶ୍ୱରୀୟ ଜ୍ଞାନ ନୁହେଁ, ଏବଂ ପ୍ରାକୃତିକ ଜ୍ଞାନରେ ପରିଣତ ହୋଇଯାଏ, ତେବେ ମୋର ଏଥିରେ କିଛି ଯାଏ ଆସେ ନାହିଁ ଯେ ଆମ ପାଖରେ କେତେ ବିଜ୍ଞାନ ଅଛି, ଏବଂ କଅଣ-ଅଧିକ, କିମ୍ବା ଶିକ୍ଷା ଅଛି, ଏହା ତ ଶୟତାନର ଅଟେ । ପ୍ରଭୁ ଇଚ୍ଛା କଲେ, ମୁଁ ଏହାକୁ କିଛି ମିନିଟରେ, ଆପଣଙ୍କୁ ପ୍ରମାଣ କରିବି । ଏହା ଶୟତାନର ଅଟେ ।

76 ସଭ୍ୟତା ଶୟତାନର ଅଟେ । ମୁଁ ବର୍ତ୍ତମାନ ହିଁ ସେହି ବିଷୟ ଉପରେ ପ୍ରଚାର କରି ଆସିଛି । ପୃଥିବୀର ସମସ୍ତ ସଂସ୍କୃତି, ବିଜ୍ଞାନର ସମସ୍ତ ଶକ୍ତି, ଏବଂ ସବୁକିଛି, ଶୟତାନର ଅଟେ । ଏହା ତ ତାହାର, ଜ୍ଞାନର ସେହି ସୁସମାଚାର ଥିଲା, ଯାହା ସେ ଏଦନ ଉଦ୍ୟାନରେ ପ୍ରଚାର କରିଥିଲା । ଏବଂ ସେ ସେହି ଜ୍ଞାନ, ବିକୃତ ଜ୍ଞାନକୁ ନେଇଅଛି, ଯାହାକି ପରମେଶ୍ୱରଙ୍କ ବାକ୍ୟ ଏବଂ ଇଚ୍ଛା

ଓ ଯୋଜନା ବିରୁଦ୍ଧରେ ଅଟେ । ଏବଂ ବର୍ତ୍ତମାନ ତାହା ପାଖରେ ଛଅ ହଜାର ବର୍ଷ ରହି ଆସିଛି ଯେ ସେ ଅବିକଳ ଠିକ ସେହି ବିଷୟକୁ କରେ ଯାହାକି ପରମେଶ୍ୱର କରିଥିଲେ, ମାତ୍ର ଏକ ବିକୃତ ଉପାୟରେ, ଏବଂ ଠିକ ସେହି ସମାନ ପରିମାଣର ସମୟ ନେଲା ଯେପରିକି ତାହାର ନିଜର ଏଦନକୁ ଭିତରକୁ ନେଇକରି ଆସେ । ବର୍ତ୍ତମାନ ସେ ଏଠାରେ ପୃଥିବୀରେ ଏକ ଏଦନ ପାଇଅଛି, ଏବଂ ଏହା ଜ୍ଞାନ, ବୁଦ୍ଧିରେ ପରିପୂର୍ଣ୍ଣ ଅଟେ । ତାହାହିଁ ଆରମ୍ଭରେ ତାର ସୁସମାଚାର ଥିଲା, ବୁଦ୍ଧି, ଜ୍ଞାନ, ବିଜ୍ଞାନ । ପରମେଶ୍ୱର କଦାପି ହେଲେ ଏହିପରି ବିଷୟ ସବୁକୁ ଉପସ୍ଥାପିତ କରି ନ ଥିଲେ । ଏବଂ ମୁଁ—ମୁଁ ଚାହେଁ ଯେ ଆପଣ ଗୋଟିଏ ମିନିଟ୍ ଦେଖନ୍ତୁ । ସେ ଏହା କରିଥିଲା, ଆଉ କାରଣ ଯେ ସେ ସାଂସାରିକ ଜ୍ଞାନର ଜଣେ ବ୍ୟକ୍ତି ଥିଲା ।

77 ତେବେ, ଏହା କହିବା କଷ୍ଟକର ଅଟେ । ଏହା—ଏହା ଅତ୍ୟନ୍ତ କଷ୍ଟକର, କାରଣ ସେହି ଲୋକମାନଙ୍କୁ କହିବା ଯେଉଁମାନେକି ଠିକ ମୋ ଭଳି ଅନୁଭବ କରନ୍ତି, ଏବଂ ଯେଉଁ ପ୍ରକାରେ ମୁଁ ଅନେକ ବର୍ଷ ହେଲା ରହିଆସିଛି । ମାତ୍ର ସେହି ସପ୍ତ ମୁଦ୍ରା ଫିଟାଯିବା ସମୟଠାରୁ, ସେହି ସ୍ୱର୍ଗଦୂତମାନଙ୍କ ସହିତ ପର୍ବତର ପଛ ପଟରେ ସାକ୍ଷାତ ହେବା ପରଠାରୁ, *ଏହା* ଏକ ନୂତନ ପୁସ୍ତକ ହୋଇଯାଇଛି । ଏହା ତ ସେହି ବିଷୟଗୁଡିକ ଯାହାକି ଲୁକ୍କାୟିତ ରହିଥିଲା, ପ୍ରକାଶିତ ବାକ୍ୟ 10 ରେ ପରମେଶ୍ୱର ପ୍ରତିଜ୍ଞା କରିଥିବା ଅନୁଯାୟୀ ପ୍ରକାଶିତ ହେଉଅଛି, ଯେ ସେ ତାହା କରିବେ । ଏବଂ ଆମେମାନେ ସୌଭାଗ୍ୟବାନ ଲୋକ ଅଟୁ ଯେ ପରମେଶ୍ୱର, ପୃଥିବୀରୁ ମନୋନୀତ କରିଛନ୍ତି, ଯେପରିକି ଆମେମାନେ ଏହି ବିଷୟସବୁ ଦେଖିପାରୁ ଏବଂ ବୁଝିପାରୁ; ଯାହାକି ମନୁଷ୍ୟର କୌଣସି କଳ୍ପିତ, ଶାରୀରିକ ମନ ନୁହେଁ ଯିଏକି ଏହାକୁ କୃତ୍ରିମ ଭାବେ ପ୍ରସ୍ତୁତ କରୁଅଛି । ଏହା ତ ପରମେଶ୍ୱରଙ୍କ ବାକ୍ୟ ପ୍ରକଟିତ, ପ୍ରମାଣିତ ହୋଇଅଛି ଯେ ଏହା ଠିକ୍ ଅଟେ । ବିଜ୍ଞାନ ଦ୍ୱାରା ନୁହେଁ, ବରଂ ପରମେଶ୍ୱରଙ୍କ ଦ୍ୱାରା, ପ୍ରମାଣିତ ହୋଇଛି ଯେ ଏହା ଠିକ୍ ଅଟେ । ପରମେଶ୍ୱର, ଯେପରିକି ମୁଁ ପୂର୍ବରୁ ଏକ ବାର୍ତ୍ତାରେ କହିଅଛି, ପରମେଶ୍ୱର ତାହାଙ୍କର ବାକ୍ୟକୁ ବ୍ୟାଖ୍ୟା କରିବା ପାଇଁ କାହାରିକୁ ଆବଶ୍ୟକ କରନ୍ତି ନାହିଁ । ସେ ତାହାଙ୍କର ନିଜର ଅନୁବାଦକ ଅଟନ୍ତି । ସେ କୁହନ୍ତି ଯେ ଏହା ଘଟିବ, ଏବଂ ଏହା ଘଟିଥାଏ । ଅର୍ଥାତ୍, ସେ—ସେ ଏହାକୁ ସୁନିଶ୍ଚିତ କରନ୍ତି, ତାହା ଏହକୁ ବ୍ୟାଖ୍ୟା କରେ ।

78 କିଛି ବର୍ଷ ପୂର୍ବେ ଯେତେବେଳେ, ଆମେ ପେଣ୍ଟିକଷ୍ଟାଲ୍ ଲୋକମାନେ, ଯେତେବେଳେ ସେହି—ସେହି ଅନ୍ୟ ମଣ୍ଡଳୀମାନେ ଆମକୁ କହିଥିଲେ ଯେ ଆମେମାନେ "ପାଗଳ" ଅଟୁ, ଆମେ "କରି ପାରିବୁ ନାହିଁ, ପବିତ୍ରଆତ୍ମା ତ ଅତୀତର ବିଷୟ ଅଟନ୍ତି ।" ମାତ୍ର ଆମେ ଜାଣିବାକୁ ପାଇଲୁ ଯେ ପରମେଶ୍ୱରଙ୍କ ପ୍ରତିଜ୍ଞା ତାଙ୍କ ପାଇଁ ଅଟେ ଯିଏକି ଇଚ୍ଛା କରନ୍ତି, ଏବଂ ବର୍ତ୍ତମାନ ଆମେମାନେ ଭିନ୍ନ ଜାଣୁ । ଦେଖନ୍ତୁ, ଏବଂ ତାହା ଅଳ୍ପ ଅଳ୍ପ କରି ଟିକିଏ, ଏହି ବିଷୟଟି ଉନ୍ମୁକ୍ତ ହୋଇଅଛି ।

79 ଏବଂ ବର୍ତ୍ତମାନ ସେ ପ୍ରତିଜ୍ଞା କରିଛନ୍ତି ଯେ ସେହି ନିଗୂଢ଼ ବିଷୟଗୁଡିକ ଯାହାକି, ସେହି ସମସ୍ତ ମଣ୍ଡଳୀ ଯୁଗଗୁଡିକରେ ଲୁକ୍କାୟିତ ରହିଥିଲା, ଠିକ ଏହି ଶେଷ ସମୟରେ ପ୍ରକାଶିତ

ହେବ । ଏବଂ ସେ ଆମକୁ ବର୍ତ୍ତମାନ ଜାଣିବାକୁ ଦିଅନ୍ତି । ଆମେମାନେ ଶେଷ ସମୟରେ ଅଛୁ । ଆମେମାନେ ବର୍ତ୍ତମାନ ଏଠାରେ ଅଛୁ ।

80 ବର୍ତ୍ତମାନ, ଶୟତାନ ହେଉଛି ସଭ୍ୟତାର ରଚନାକାରୀ । ସେ ବିଜ୍ଞାନର ରଚନାକାରୀ । ସେ ଶିକ୍ଷାର ରଚନାକାରୀ ।

ଆପଣ କୁହନ୍ତି, "କଅଣ ଏହା ସତ କି?"

81 ଠିକ ଅଛି, ଆସନ୍ତୁ ବର୍ତ୍ତମାନ ପରମେଶ୍ୱରଙ୍କ ବାକ୍ୟକୁ ପାଠ କରିବା, ଆଦିପୁସ୍ତକ 4, ଏବଂ ଆସନ୍ତୁ ପଛକୁ ଫେରିଯିବା ଏବଂ କେବଳ ଗୋଟିଏ ମିନିଟ୍ ପାଇଁ ଦେଖିବା । ମୁଁ ଜାଣେ ଯେ ମୁଁ ହୋଇପାରେ...ଯଦି ମୁଁ ବହୁତ ଲମ୍ବା ସମୟ ପାଇଁ କୁହେ, ଭାଇ କାର୍ଲ ବୋଧହୁଏ ମୋତେ କହିବେ । କିନ୍ତୁ, ଆଦିପୁସ୍ତକ, ତାର 4ର୍ଥ ପର୍ବ, ଏବଂ 16 ତମ ପଦ, ଏଠାରେ ଆଗକୁ କହିବାକୁ ଯାଏ, ଯେ ଆରମ୍ଭରେ, ପୁରୁଷ ଏବଂ ସ୍ତ୍ରୀ ଉପରେ ଅଭିଶାପ ଦେବା ପାଇଁ, ପରମେଶ୍ୱର କଅଣ କରିଥିଲେ, ଏବଂ ଯାହା ସବୁ ସେମାନଙ୍କୁ କରିବାକୁ ଥିଲା; ଏବଂ ସେମାନଙ୍କ ଉପରେ *ଅଭିଶାପ* ନୁହେଁ, ବରଂ ସେମାନଙ୍କୁ ଏହା କହିବା ଯେ କଅଣ ଘଟିବ, ଏବଂ ଆଦମଙ୍କ ସକାଶୁ ଭୂମିକୁ ଅଭିଶପ୍ତ କରିବା । ଏବଂ ଆମେମାନେ ବର୍ତ୍ତମାନ ଏଠାରେ ଜାଣିବାକୁ ପାଇଲୁ, ଯେ ହବାଙ୍କର ଯାଆଁଳା ସନ୍ତାନ ହୋଇଥିଲା । ଏବଂ ତାହା ମଧ୍ୟରୁ ଜଣେ ଶୟତାନର ଥିଲା, ଏବଂ ଅନ୍ୟ ଜଣେ ପରମେଶ୍ୱରଙ୍କର ଥିଲା ।

ତେବେ ଆପଣ କହିବେ, "ଉଃ-ଓଃ! ନା, ଭାଇ ବ୍ରାନ୍ହାମ୍!"

82 ମାତ୍ର ଗୋଟିଏ ମିନିଟ୍ । ଆପଣ ମୋତେ କୌଣସିଠାରେ ବି, ଗୋଟିଏ ଶାସ୍ତ୍ରାଂଶ ଖୋଜି ବାହାର କରନ୍ତୁ, ଯାହାକି କୁହେ ଯେ କୟିନ ଆଦମଙ୍କ ପୁତ୍ର ଥିଲେ । ମୁଁ ଆପଣଙ୍କୁ ଶାସ୍ତ୍ରରେ ଦେଖାଇବି ଯେଉଁଠାରେକି ଏହା କୁହେ, "କୟିନ ସେହି ଦୁଷ୍ଟ ଜଣକାରୁ ଥିଲେ," ଆଦମଠାରୁ ନୁହେଁ ।

83 ତେବେ ଧ୍ୟାନ ଦିଅନ୍ତୁ ଯେତେବେଳେ ସେ ଏଠାରେ ଗର୍ଭବତୀ ହୋଇଥିଲେ । ଆମେ ପ୍ରଥମେ, 4ର୍ଥ ପର୍ବରେ ଆରମ୍ଭ କରିବା ।

> *ଅନନ୍ତର ଆଦମ ଆପଣା ଭାର୍ଯ୍ୟା...ସହବାସ କରନ୍ତେ; ସେ ଗର୍ଭବତୀ ହୋଇ, କୟିନକୁ ପ୍ରସବ କରି, କହିଲେ, ମୋହର ଲାଭ ହୋଇଅଛି...*ସେ ବର୍ତ୍ତମାନ କହିଲେ, *ସଦାପ୍ରଭୁଙ୍କ ସାହାଯ୍ୟରେ ମୋହର ଏକ ନର ଲାଭ ହୋଇଅଛି ।*

84 ନିଶ୍ଚିତରେ, ଏହା ସେହିପରି ହେବାକୁ ଥିଲା । ଏଥିରେ କିଛି ଯାଏ ଆସେ ନାହିଁ ଯେ ଏହା ବେଶ୍ୟା କିମ୍ବା ଅନ୍ୟ କେହି ଥିଲା, ଏହାକୁ ତ ପରମେଶ୍ୱରଙ୍କଠାରୁ ହିଁ ଆସିବାକୁ ଥିଲା, ଦେଖନ୍ତୁ, କାରଣ ତାହା ହେଉଛି ତାହାଙ୍କର ବଂଶ, ଏହା ତାହାଙ୍କ ବଂଶର ନିୟମ ଅଟେ, ଏହାକୁ ତ ତାକୁ ନେଇ ଆସିବାକୁ ଅଛି ତାହା ଭ୍ରଷ୍ଟ ବୀଜ ହେଉ, ବିକୃତ ବୀଜ, କିମ୍ବା ଏହା ଯାହାକିଛି ବି ହେଉ । ଏହାକୁ ତ ଯେକୌଣସି ପ୍ରକାରେ ବି, ନେଇ ଆସିବାକୁ ଅଛି । ଏହା ତାହାଙ୍କର ଆଜ୍ଞା ଅଟେ ।

*ଏଥିଉତ୍ତାରୁ ସେ ହେବଲ ନାମକ ତାହାର ସହୋଦରକୁ ପ୍ରସବ କଲେ ।*

85 ଆଉ ଅଧିକ ତାଙ୍କ ସହବାସ କଲେ ନାହିଁ । ଆଦମ ତାଙ୍କ ଭାର୍ଯ୍ୟାର ସହବାସ କଲେ, ଏବଂ ସେ କୟିନକୁ ଜନ୍ମ ଦେଲେ ଏବଂ ହେବଲଙ୍କୁ ମଧ୍ୟ, ଯାଆଁଳା ସନ୍ତାନ ରୂପେ ଜନ୍ମ ଦେଲେ । ସେଦିନ ସକାଳେ ଶୟତାନ ତାଙ୍କ ସହବାସ କରିଥିଲା, ଆଦମ ସେହି ଦିନ ଅପରାହ୍ନରେ କରିଥିଲେ ।

86 ଆପଣ ଏଠାରେ ଖବରକାଗଜରେ ସେହି ବଡ ଘଟଣା ବିଷୟ ଦେଖିଥିବେ, ମୁଁ ବିଶ୍ୱାସ କରେ, ଯେ ଟ୍ୟୁସାନ୍‌ରେ ବର୍ତ୍ତମାନ, ସେହି ସ୍ତ୍ରୀଲୋକଟି ବିଷୟରେ ଯିଏକି ଏକ ଅଶ୍ୱେତ ସନ୍ତାନ ଏବଂ ଏକ ଶ୍ୱେତ ସନ୍ତାନ ପ୍ରସବ କରିଥିଲା । ସେ ସକାଳେ ତାହାର ସ୍ୱାମୀ ସହିତ ଏବଂ ସେହି ଦିନ ଅପରାହ୍ନରେ ସେହି ବ୍ୟକ୍ତିଙ୍କ ସହବାସ କରିଥିଲେ । ଏବଂ ସେହି ବ୍ୟକ୍ତି ଯତ୍ନ ନେବେ… ଶ୍ୱେତ ବ୍ୟକ୍ତି କହିଲେ ଯେ ସେ ତାଙ୍କ ନିଜ ସନ୍ତାନର ଯତ୍ନ ନେବେ, ମାତ୍ର ସେହି ଅଶ୍ୱେତ ବ୍ୟକ୍ତିଙ୍କୁ ତାଙ୍କର ନିଜ ସନ୍ତାନର ଯତ୍ନ ନେବାକୁ ପଡିବ । ବୁଝିଲେ? ମୁଁ ଜାଣେ ଯେ, କୁକୁରମାନଙ୍କର ପ୍ରଜନନ ଓ ଇତ୍ୟାଦିରେ, ଏହା ନିଶ୍ଚିତ ଭାବରେ ହେବ, ଯଦି ଏହା କିଛି ଘଣ୍ଟା ବ୍ୟବଧାନରେ ହୁଏ । ଏହା ତାହାକୁ ପ୍ରମାଣ କରେ ।

87 ବର୍ତ୍ତମାନ ଏହାକୁ ଦେଖାଇବା ପାଇଁ ଯେ ସଭ୍ୟତା କେଉଁଠାରୁ ଆସିଅଛି, ବର୍ତ୍ତମାନ ଆସନ୍ତୁ ଏଠାରେ ଆଦିପୁସ୍ତକ, ପୁନର୍ବାର ଆଦିପୁସ୍ତକ 4ର୍ଥ ପର୍ବରେ ପାଠ କରିବା, ଏବଂ ଦେଖିବା ଯେ କେଉଁଠାରୁ ଆସିଅଛି । ତାର 16ତମ ପଦ ।

*ଅନନ୍ତର କୟିନ* ପରମେଶ୍ୱରଙ୍କ *ସମ୍ମୁଖରୁ ପ୍ରସ୍ଥାନ କରି, ଏଦନର ପୂର୍ବଦିଗସ୍ଥ ନୋଦ ନାମକ ଦେଶରେ ବାସ କଲେ ।*

*ଆଉ କୟିନ ଆପଣା ଭାର୍ଯ୍ୟାର ସହବାସ କରନ୍ତେ; ସେ ଗର୍ଭବତୀ ହୋଇ, ହନୋକକୁ ପ୍ରସବ କଲେ: ପୁଣି ସେ ଏକ ନଗର ନିର୍ମାଣ କରି, ଆପଣା ପୁତ୍ରର, ନାମାନୁସାରେ… ତହିଁର ନାମ, ହନୋକ ଦେଲେ ।*

88 ସଭ୍ୟତା ଆରମ୍ଭ ହେଲା । ଡାକ୍ତର ସ୍କୋଫିଲ୍ଡ, ଏଠାରେ ମୋର ସ୍କୋଫିଲ୍ଡ ବାଇବଲରେ, ଏହା କୁହେ, "ପ୍ରଥମ ସଭ୍ୟତା ।" ଧ୍ୟାନ ଦିଅନ୍ତୁ, ତାହାପରେ ସେ ପୁତ୍ର ସନ୍ତାନ ଜନ୍ମ କଲେ, ଏବଂ ସେମାନେ ବାଦ୍ୟଯନ୍ତ୍ର ଏବଂ ସଂଗୀତ ରଚନା କଲେ । ପରବର୍ତ୍ତୀ ଜଣକ ପୁତ୍ର ସନ୍ତାନ ଜନ୍ମ କଲେ, ଏବଂ ସେ ଅନ୍ୟକିଛି କାର୍ଯ୍ୟ, ଚମତ୍କାର ବିଷୟ କରିବା ଆରମ୍ଭ କଲେ, ସହର ନିର୍ମାଣ କରିବା, ଏବଂ—ଏବଂ ପିତ୍ତଳର ଯନ୍ତ୍ରପାତି, ଏବଂ ସମସ୍ତ ପ୍ରକାର ବିଷୟ ତିଆରି କରିବାକୁ ଲାଗିଲେ । ଦେଖନ୍ତୁ, ତାହାହିଁ ଅଟେ ଯାହା ସେ କରିଥିଲା, ପ୍ରଥମ ସଭ୍ୟତା ହୋଇଗଲା, ଯାହାକି କୟି-ନିୟଥିଲା । ଯୁଗ ଯୁଗ ଧରି ସେ ସେହି ସମାନ କାର୍ଯ୍ୟ କରି ଆସିଛି ।

89 ବର୍ତ୍ତମାନ ଆସନ୍ତୁ ସେଠାକୁ 25ତମ ପଦ ସହିତ ଯିବା, ଏବଂ ଦେଖିବା ଯେ ପରବର୍ତ୍ତୀଟି କଅଣ ଥିଲା ।

*ଏଥିଉତ୍ତାରୁ ଆଦମ, ପୁନଶ୍ଚ ଆପଣା ଭାର୍ଯ୍ୟାଙ୍କର ସହବାସ କରନ୍ତେ, ସେ ଏକ ପୁତ୍ର ପ୍ରସବ କରି, ତାହାର ନାମ ଶେଥ ଦେଲେ: ଯେହେତୁ ପରମେଶ୍ୱର, ସେ କହିଲେ, ହେବଲର ପ୍ରତିନିଧି ରୂପେ ଆଉ ଗୋଟିଏ ପୁତ୍ର ଦେଇଛନ୍ତି କାରଣ କୟିନ ତାଙ୍କୁ ବଧ କରିଥିଲେ ।*

*ତହୁଁ ଶେଥ...ତହୁଁ ଶେଥର ମଧ୍ୟ ଏକ ପୁତ୍ର ଜନ୍ମିଲା; ଆଉ ସେ ତାହାର ନାମ ଈନୋଶ ଦେଲେ: ଏହି ସମୟରେ ମନୁଷ୍ୟମାନେ ସଦାପ୍ରଭୁଙ୍କ ନାମରେ ପ୍ରାର୍ଥନା କରିବାକୁ ଲାଗିଲେ* (ଶେଥଙ୍କ ବଂଶରୁ କଲେ, କୟିନଙ୍କ ବଂଶରୁ ନୁହେଁ) ।

90 ଦେଖନ୍ତୁ, ସେହି ମହାନ ବୁଦ୍ଧିଜୀବୀ ଯାହାକୁ ଆମେ ସମସ୍ତେ ଅତି ଆଦର ସହକାରେ ଧରି ରଖିଥାଉ! ଆଜି ସାମ୍ୟବାଦ କଅଣ, ସେମାନଙ୍କର ପରମେଶ୍ୱର କଅଣ? ଏହା ତ ବୌଦ୍ଧିକ, ବିଜ୍ଞାନ ଅଟେ । ଯାହା ବି ହେଉ, ଆମେମାନେ କଅଣ କରୁଅଛୁ? ଆମେମାନେ କେଉଁଠାରେ ବାସ କରୁଅଛୁ? ଆଜି ଏହି ଶବ୍ଦଗୁଡ଼ିକୁ ବିବେଚନା କରନ୍ତୁ ।

91 ବର୍ତ୍ତମାନ ତାହା ପାଖରେ ନିଜର ଏକ ପ୍ରକାର ଏଦନ ରହିଛି, ଶୟତାନ ପାଖରେ ବର୍ତ୍ତମାନ ଅଛି । ଏହି ଛଅ ହଜାର ବର୍ଷ ମଧ୍ୟରେ, ସେ ନିର୍ମାଣ କରିଅଛି (ସୃଷ୍ଟି କରି ନାହିଁ), ବରଂ, ପରମେଶ୍ୱରଙ୍କ ସମଗ୍ର ପୃଥିବୀକୁ ବିକୃତ କରିଛି, ତାହାର ପ୍ରାଣୀ, ପଶୁ, ଆନ୍ତଃପ୍ରଜନନ, ସଙ୍କରଣ; ଗଛ, ଉଦ୍ଭିଦ, ମାନବ; ଏପରିକି ଧର୍ମ, ବାଇବଲ, ମଣ୍ଡଳୀ ସୁଦ୍ଧା ରହିଛି; ଯେପର୍ଯ୍ୟନ୍ତକି ସେ ନିଜ ପାଇଁ ବିଜ୍ଞାନର, ଏକ ସମ୍ପୂର୍ଣ୍ଣ ଏଦନ ଉଦ୍ୟାନ ନ ପାଇଯାଇଛି, ସବୁକିଛି ବିଜ୍ଞାନ ଦ୍ୱାରା ଗତି କରୁଅଛି । ଆମର ଯାନ ବାହନ, ଆମ ପାଖରେ ଥିବା ସମସ୍ତ କିଛି ବିଷୟ, ଆମକୁ ବିଜ୍ଞାନ ଦ୍ୱାରା ଦିଆଯାଇଥିଲା, ଯାହା ମନୁଷ୍ୟ କରିଅଛି । ଏବଂ ସେ ଏଠାରେ ତାହାର ମହାନ ଏଦନ ପାଇଅଛି; ଏହା ପ୍ରମାଣ କରିବାକୁ ଯେ ବାର୍ତ୍ତାଟି ସମୟ ଉପଯୁକ୍ତ ଅଟେ, ଏହା ପ୍ରମାଣ କରିବାକୁ ଯେ ଏହା ଅନ୍ୟ କୌଣସି ଯୁଗ ନୁହେଁ ବରଂ ପ୍ରକାଶିତ 10 ଅଟେ! ଆଜି ସେହି ସଙ୍କରଣ ବିଷୟକୁ ଦେଖନ୍ତୁ, ଏକ ଅଧିକ ଉତ୍ତମ, କିମ୍ବା, ଅଧିକ ସୁନ୍ଦର କରିବା ପାଇଁ, ଉତ୍ତମ କରିବା ପାଇଁ ନୁହଁ । ଆଜି ଛୋଟ ପିଲାମାନଙ୍କୁ ଦେଖନ୍ତୁ ।

92 ଗତକାଲି, ମୁଁ ମୋର ଝିଅକୁ ଜଣେ ଦନ୍ତ ଚିକିତ୍ସକଙ୍କ ପାଖକୁ ନେଇ ଯାଇଥିଲି, ଏବଂ ସେ କହିଲେ ଯେ ତାର ଦାନ୍ତଗୁଡିକ ମୋଡ଼ି ହୋଇଯାଉଛି । ଟ୍ୟୁସାନ୍‌ରେ ଥିବା ଜଣେ ଭାଇ, ଭାଇ ନରମାନ୍, ତାଙ୍କର ସାନ ଝିଅକୁ ନେଇଥିଲେ, ଏବଂ ତାର ଦାନ୍ତଗୁଡିକ ବାହାର ପଟକୁ ବଢୁଥିଲା । ଏବଂ ଦନ୍ତ ଚିକିତ୍ସକ କହିଲେ ଯେ ଶୀଘ୍ର, ସେ ବିଶ୍ୱାସ କରନ୍ତି, ଯେ ହୋଇପାରେ ଆଗାମୀ ଭବିଷ୍ୟତରେ, ଏପରି ଲୋକମାନେ ଜନ୍ମ ହେବେ, ଯେଉଁମାନଙ୍କରକି ଦାନ୍ତଗୁଡିକ ଯେକୌଣସି ପ୍ରକାରେ ବି ବଢୁଥିବ । ଏହା ହେଉଛି ସେହି ଖାଦ୍ୟ ଯାହାକି ଆମେମାନେ ଖାଉଅଛୁ, ସଙ୍କର ଜାତୀୟ ମିଶ୍ରିତ ଖାଦ୍ୟ ।

93 କଅଣ ଆପଣ ଗତ ମାସର, *ରିଡର୍ ଡାଇଜେଷ୍ଟ* ପତ୍ରିକା ପାଠ କଲେ କି, ଯେଉଁଥିରେ ସେହି ସମ୍ଭ୍ରାନ୍ତ ପ୍ରଚାରକ, ବିଲି ଗ୍ରାହାମ୍ ବିଷୟରେ ରହିଥିଲା? କଅଣ ଆପଣ ତାଙ୍କର ବାର୍ତ୍ତା

ଶୁଣୁଛନ୍ତି କି? ମୁଁ ତାଙ୍କ ପାଇଁ ଅନ୍ୟ କୌଣସି ସମୟ ଅପେକ୍ଷା ବର୍ତ୍ତମାନ ଅଧିକ ପ୍ରାର୍ଥନା କରୁଅଛି। ଯେତେବେଳେ ସେ ଅନ୍ୟ ରାତିରେ, ସେହି କଲର-ଘୁରିଥିବା ଲୋକମାନଙ୍କ ସହିତ, ଏବଂ ପ୍ରଭୃତି ସହିତରେ କଥାବାର୍ତ୍ତା କରିଥିଲେ, ଏହାକୁ ସେହି ଧର୍ମଯାଜକମାନଙ୍କ ଉପରେ ନ୍ୟସ୍ତ କରିଦେଲେ। ତାଙ୍କ ସହିତ କିଛି ଗୋଟାଏ ଘଟିଛି। ଏହି ଦିନଗୁଡିକ ମଧ୍ୟରୁ ଗୋଟିଏ ଦିନ, ମୁଁ ଆଶା କରେ ଯେ ସେ ତାଙ୍କର ସ୍ଥିତିକୁ ଦେଖନ୍ତି ଯେ ସେ କେଉଁଠାରେ ଅଛନ୍ତି, ଧ୍ୟାନ ଦିଅନ୍ତୁ, ବର୍ତ୍ତମାନ ସେହି ବିକୃତ ସହର, ସଦୋମରୁ ଆହ୍ୱାନ କରୁଛନ୍ତି। ଏବଂ ବର୍ତ୍ତମାନ ଧ୍ୟାନ ଦିଅନ୍ତୁ ଯେ ଏହା *ରିଡର୍ ଡାଇଜେଷ୍ଟ*ରେ ଅଛି, ବିଲି ଏତେ ଦୁର୍ବଳ ହୋଇଯାଇଥିଲେ ଯେ ଏପରିକି ସେ ତାଙ୍କର ସଭାଗୁଡିକୁ ମଧ୍ୟ କରିପାରି ନ ଥିଲେ। ଏବଂ ସେମାନେ ତାଙ୍କୁ କହିଲେ ଯେ ତାଙ୍କୁ ଦୌଡ଼ିବାକୁ, ବ୍ୟାୟାମ କରିବାକୁ, ଓ ଇତ୍ୟାଦି କରିବାକୁ ପଡ଼ିବ। ତେଣୁ ସେ ପ୍ରତିଦିନ ଏକ ମାଇଲ ଦୌଡ଼ନ୍ତି, ମୁଁ ବିଶ୍ୱାସ କରେ ଯେ ଏହା ବ୍ୟାୟାମ କରିବା, କିମ୍ବା ସେହିପରି କିଛି ନିମନ୍ତେ ଅଟେ।

94 ମଣିଷ ଭ୍ରଷ୍ଟ ହୋଇଯାଇଛି। ସମଗ୍ର ମାନବ ଜାତି ଭ୍ରଷ୍ଟ ହୋଇଯାଇଛି। ସମସ୍ତ କିଛି ବିଷୟ ଏପରି ଅଟେ ଯେପରିକି ତାହା ଜଳପ୍ଳାବନ ସମୟରେ ରହିଥିଲା। ଏହା ସଂପୂର୍ଣ୍ଣ ଭାବେ ଅସ୍ତ ବ୍ୟସ୍ତ, ପଥଚ୍ୟୁତ ଅଟେ, ସେହି ସଳଖ ଧାଡିଠାରୁ ଭିନ୍ନ ଅଟେ ଯାହା ପରମେଶ୍ୱର ସେମାନଙ୍କୁ ରୋପଣ କରିଥିଲେ। ବିଜ୍ଞାନ ଏବଂ ପ୍ରତାରଣା ମାଧ୍ୟମରେ, ପାପ ସମଗ୍ର ମାନବ ଜାତିକୁ ବିକୃତ କରି ଦେଇଅଛି।

95 କଅଣ ଆପଣ ସେହି ଲେଖନୀ ତଳେ ଏହା ମଧ୍ୟ ପାଠ କଲେ କି, ଯେଉଁଠାରେକି ଏହା କହିଥିଲା, "ଆଜିର ଏହି ଦିନରେ, ସେହି ସାନ ଝିଅ ଏବଂ ପୁଅମାନେ କୋଡ଼ିଏ ଏବଂ ପଚିଶ ପଚି-ଶ ବର୍ଷ ବୟସ ମଧ୍ୟରେ, ଶାରୀରିକ ଗଠନ ଅନୁଯାୟୀ, ସେମାନଙ୍କର ମଧ୍ୟମ ଆୟୁରେ ଅଟନ୍ତି"? ଏହା ବିଷୟରେ ଚିନ୍ତା କରନ୍ତୁ।

96 ଅନ୍ୟ ରାତିରେ ହୃଦୟର କଥା ଜାଣିବା ବେଳେ, ମୁଁ ବାଇ-ଶି ବର୍ଷ ବୟସ୍କା ଜଣେ ଝିଅକୁ ଡାକିଲି, ଯାହାର ରଜୋନିବୃତ୍ତି ହୋଇଥିଲା। ଏବଂ ତାହା ହିଁ ଅଟେ ଯାହାକି ତାଙ୍କର ଡାକ୍ତର ତାଙ୍କୁ କହିଥିଲେ।

97 ଦେଖନ୍ତୁ, ଏହା ଏକ ପତିତ, ଅବକ୍ଷୟ, ନର୍କ-ଅଭିମୂଖେ ଭ୍ରଷ୍ଟ ଜାତି ଅଟେ। ମୁଁ ଜାଣେ ଯେ ଏହା ନୈତିକ ବୋଧ ହୁଏ ନାହିଁ, ମାତ୍ର ଏହା ବାଇବଲ ସଂଗତ ଅଟେ, ଦେଖନ୍ତୁ, ଏହା ସତ୍ୟ ଅଟେ; ଏବଂ ଏହି ଜାତି ଯେଉଁଥିରେ ଆମେମାନେ ବାସ କରୁଅଛୁ, ଏହି ପୀଢ଼ୀର ଲୋକମାନେ।

98 ତେବେ ଆଜି ଧ୍ୟାନ ଦିଅନ୍ତୁ, ଗାଈ ଗୋରୁ ପଶୁପଲର ସଙ୍କରଣ, ଉଦ୍ଭିଦର ସଙ୍କରଣ; ଏବଂ ବିଜ୍ଞାନ ଠିକ୍ ଫେରି ଆସେ, ସେହି ସମାନ ବିଜ୍ଞାନ ଯାହାକି ଏହା ସାଧନ କରେ, କୁହେ, "ତାହା ହିଁ ଅଟେ ଯାହାକି ସମଗ୍ର ମାନବ ଜାତିକୁ ନଷ୍ଟ କରୁଅଛି।" ଆପଣ ଏହାକୁ ଠିକ ସେହିପରି ଭାବରେ ପାଠ କରନ୍ତି ଯେପରି ମୁଁ କରେ। ତେବେ, ସେମାନେ ଏହାକୁ କାହିଁକି

ବନ୍ଦ କରୁ ନାହାଁନ୍ତି? ଏହାର କାରଣ ହେଉଛି ଯେ ସେମାନେ ଏହାକୁ ବନ୍ଦ କରିପାରନ୍ତି ନାହିଁ। ପରମେଶ୍ୱରଙ୍କ ବାକ୍ୟ କହିଛି ଯେ ଏହା ସେହିପରି ହିଁ ହେବ। କିନ୍ତୁ ଯଦି ସେମାନେ ଗୋଟିଏ ମିନିଟ୍ ପାଇଁ ଚିନ୍ତା କରିବେ, ତାହାହେଲେ ସେମାନେ ଯନ୍ତ୍ରପାତି ଅଟନ୍ତି, ଯେପରିକି ଯିହୂଦା ଇସ୍କାରିୟୋତି ଥିଲା, ଯେଉଁମାନେକି ଅବିକଳ ଠିକ ସେହି ବିଷୟକୁ ସ୍ଥାପିତ କରୁଛନ୍ତି ଯାହାକି ହେବ ବୋଲି ପରମେଶ୍ୱର କହିଥିଲେ। ଏହା ତ ଅବିକଳ ଠିକ ସେମାନଙ୍କର ନିଜର ବିଜ୍ଞାନର ଆଧାରରେ ସେହିପରି କାର୍ଯ୍ୟ କରୁଅଛି।

99 ତାଙ୍କର ବୈଜ୍ଞାନିକ ଅନୁସନ୍ଧାନ ଦ୍ୱାରା, ଠିକ ଯେଉଁ ସମାନ ଢ଼ଙ୍ଗରେ ସେ ହବାଙ୍କୁ ପ୍ରତାରଣା କରିଥିଲା, ସେ ମଣ୍ଡଳୀକୁ ମଧ୍ୟ ପ୍ରତାରଣା କରିଅଛି, ଯାହାର ସେଠାରେ ହବା ଏକ ପ୍ରତିରୂପ ଥିଲେ। ବର୍ତ୍ତମାନ, ତେବେ ଆଦମ ପୁନର୍ବାର ସେଠାରେ, ବରଂ, କିମ୍ବା ହବା, ମଣ୍ଡଳୀର ଏକ ପ୍ରତିରୂପ ଥିଲେ, ଲକ୍ଷ୍ୟ କରନ୍ତୁ ଯେ ଏହା କଅଣ କରିଥିଲା। ଜ୍ଞାନର ଅନ୍ୱେଷଣ କରିବା ପ୍ରକ୍ରିୟାରେ, ଶୟତାନର ବିକୃତିକୁ ଶୁଣିବା ଦ୍ୱାରା, କିମ୍ବା ପରମେଶ୍ୱରଙ୍କ ମୂଳ ବାକ୍ୟର, ବିରୂପତାକୁ ଶୁଣିବା ଦ୍ୱାରା, ହବା ଠିକ୍ ଏବଂ ଭୁଲ ମଧ୍ୟରେ ଥିବା ସେହି ରେଖାକୁ ଅତିକ୍ରମ କଲେ।

100 ଏବଂ ବର୍ତ୍ତମାନ ମଣ୍ଡଳୀଗୁଡ଼ିକ ବିକୃତ ହୋଇ ଯାଇଅଛି। ବର୍ତ୍ତମାନ ମୁଁ ଲୋକମାନଙ୍କ ବିଷୟରେ, ବ୍ୟକ୍ତିବିଶେଷଙ୍କ ସମ୍ବନ୍ଧରେ କହୁନାହିଁ। ମୁଁ ମଣ୍ଡଳୀ ଜଗତ ବିଷୟରେ କହୁଅଛି। ଜଣେ ଗୋଟିଏ ପଟରେ ବିମୂଖ ହୋଇଅଛି, ଏବଂ ଅନ୍ୟ ଜଣେ ଆଉ ଗୋଟିଏ ପଟରେ, ପୁଣି, ବିଜ୍ଞାନ ଦ୍ୱାରା। ସେହି ସମାନ ଢାଞ୍ଚା ଯାହା ସେ କରିଥିଲା। ଯିଶାଇୟ 14:12 ର, ତାର ଧମକକୁ ସେ, ଶୟତାନ, କାର୍ଯ୍ୟକାରୀ କରିଅଛି।

101 ଆସନ୍ତୁ ତାହାକୁ ଗୋଟିଏ ମିନିଟ୍ ପାଇଁ ପାଠ କରିବା। ଯିଶାଇୟ ପୁସ୍ତକରେ, ଆସନ୍ତୁ ତାର 14ଶ ପର୍ବ, 12ଶ ପଦରୁ ଆରମ୍ଭ କରିବା।

> *ହେ ଲୁଶିଫର୍, ପ୍ରତ୍ୟୁଷର ପୁତ୍ର, ତୁମ୍ଭେ କିପରି ସ୍ୱର୍ଗରୁ ପତିତ ହେଲ! ଗୋଷ୍ଠୀଗଣକୁ ତୁମ୍ଭେ ଯେ ନତ କରିଥିଲ, ତୁମ୍ଭେ କିପରି ଭୂମିରେ ନିକ୍ଷେପ ହେଲ।*

ଦେଖନ୍ତୁ, ଏହା ଯିଶାଇୟ ଏକ ଦର୍ଶନରେ, ତାକୁ ଆଗାମୀ ଯୁଗରେ ଦେଖୁଛନ୍ତି।

> *ପୁଣି ତୁମ୍ଭେ ମନେ ମନେ କହିଥିଲ, ଆମ୍ଭେ ସ୍ୱର୍ଗାରୋହଣ କରିବା, ଆମ୍ଭେ ପରମେଶ୍ୱରଙ୍କ ନକ୍ଷତ୍ରଗଣର ଊର୍ଦ୍ଧ୍ୱରେ ଆପଣା ସିଂହାସନ ଉଚ୍ଚୀକୃତ କରିବା: ଆମ୍ଭେ ଉତ୍ତର ଦିଗର ପ୍ରାନ୍ତସ୍ଥିତ,... ସମାଗମ ପର୍ବତରେ ଉପବିଷ୍ଟ ହେବା:*

102 ଏଦନଠାରୁ ନେଇ, ଶୟତାନର ଉଦ୍ଦେଶ୍ୟ, ତାହାର ନିଜ ପାଇଁ ଏକ ଏଦନ ପ୍ରସ୍ତୁତ କରିବାର ଥିଲା; ଏବଂ ନିଜକୁ ଉଚ୍ଚୀକୃତ କରିବାର ଥିଲା, ଯେଣୁ ପରମେଶ୍ୱରଙ୍କ ନକ୍ଷତ୍ରଗଣ ତାଙ୍କୁ ଉପାସନା କରନ୍ତି, ପୁତ୍ରମାନେ ତାଙ୍କୁ ଉପାସନା କରନ୍ତି। ଏବଂ ସେ ବର୍ତ୍ତମାନ ଏହାକୁ ସମ୍ପୁର୍ଣ୍ଣ ଭାବରେ କାର୍ଯ୍ୟକାରୀ କରିଅଛି, ଏବଂ ଯେତେବେଳେ ସେ ଏହାକୁ କରିଅଛି ଓ ଏହାକୁ ମଣ୍ଡଳୀ ଭିତରକୁ ନେଇ ଆସିଅଛି। ଯାହାକି, ମୁଁ ବିସ୍ତୃତ ଭାବରେ ଯିବି ନାହିଁ। ଆପଣମାନଙ୍କ

ମଧ୍ୟରୁ କେହି ବି ଯିଏକି ଟେପ୍ ଶୁଣନ୍ତି ଏହା ବିଷୟରେ ଜାଣିଥିବେ। ତାହା—ତାହା ଅବିକଳ ଠିକ ସେହି ଘଟିକା ଅଟେ ଯେଉଁଥିରେକି ଆମେମାନେ ବସବାସ କରୁଅଛୁ, ଏବଂ ଏହା ଶୟତାନ ଅଟେ ଯିଏକି ତାହାକୁ ଶିକ୍ଷାଗତ କାର୍ଯ୍ୟକ୍ରମ ମାଧ୍ୟମରେ କରିଅଛି, ଅଧିକ ଉତ୍ତମ ଉପଯୁକ୍ତ, ଉତ୍ତମ *ଏହା*, ଉତ୍ତମ *ତାହା*। ଏବଂ ଏହା ନ ଜାଣି, ଯେ ସବୁ ସମୟରେ, ସେମାନେ ସିଧାସଳଖ ମୃତ୍ୟୁମୁଖକୁ ଚାଲି ଯାଉଛନ୍ତି। ଅନ୍ଧ ଥାଇ, ଅନ୍ଧକୁ ମାର୍ଗଦର୍ଶନ କରୁଛନ୍ତି, ରାଷ୍ଟ୍ରଗୁଡିକର ଅନ୍ଧ ନେତାମାନେ, ବିଜ୍ଞାନର ଅନ୍ଧ ନେତାମାନେ, ମଣ୍ଡଳୀର ଅନ୍ଧ ନେତାମାନେ, ଅନ୍ଧମାନେ ଅନ୍ଧମାନଙ୍କୁ ମାର୍ଗଦର୍ଶନ କରୁଛନ୍ତି। ଯୀଶୁ କହିଲେ, "ସେମାନଙ୍କୁ ଏକାକୀ ଛାଡିଦିଅ, ସେମାନେ ଦୁହେଁ ଗର୍ତ୍ତରେ ପଡ଼ିବେ।"

103 ଏଠାରେ ସେହି ଦୁଇଟି ଏଦନକୁ ଅତ୍ୟାନ୍ତ ପାଖାପାଖି ପ୍ରତିରୂପକ ଭାବେ ଏକାଠି ରହିଥିବାର ଲକ୍ଷ୍ୟ କରନ୍ତୁ, ଏପରିକି ଯେ ମନୋନୀତ ଲୋକମାନଙ୍କୁ ସୁଦ୍ଧା ପ୍ରତାରଣା କରି ପକାଇବ। ମାଥିଉ 24:24 କୁହେ ଯେ ଏହା ସେହି ପ୍ରକାରେ ହିଁ ହେବ। କିନ୍ତୁ ମୁଁ ଚାହେଁ ଯେ ଆମେ କିଛି କ୍ଷଣ ପାଇଁ ଅଟକି ଯାଉ ଏବଂ ଏହି ଦୁଇଟି ଏଦନକୁ ବିବେଚନା କରୁ, ଏବଂ ବିଶେଷ କରି ଗୋଟିଏ କଥା, ଯେ ବାଇବଲ କିପରି ଆମକୁ କୁହେ ଯେ ପରମେଶ୍ୱରଙ୍କ ବାକ୍ୟ ସେହି ଏଦନକୁ ଉତ୍ପନ୍ନ କରିଥିଲା, ଏବଂ କିପରି ପରମେଶ୍ୱରଙ୍କ ବାକ୍ୟ ଆମକୁ ଚେତାବନୀ ଦିଏ ଯେ ସେହି ଅନ୍ୟ ଏଦନଟି ଆସିବ।

104 ବର୍ତ୍ତମାନ, ଆମେ ଏହା ମଧ୍ୟ ଜାଣୁ ଯେ ଅନ୍ୟ ଏକ ଏଦନ ହେବା ଆବଶ୍ୟକ, ଯଦି ଆମେ ଭବିଷ୍ୟଦ୍‌ବକ୍ତା, ପାଉଲଙ୍କ କଥା ମଧ୍ୟ ଶୁଣିବା, ଦ୍ୱିତୀୟ ଥେସଲନୀକୀୟ ତାର 2ୟ ପର୍ବରେ। ଯଦି ଆପଣମାନେ ଚାହିଁବେ ତାହାହେଲେ ମୁଁ ଏହାକୁ ପାଠ କରିପାରେ।

> ଯିଏ ଆପଣାକୁ ଉନ୍ନତ କରେ; *ସେହି ଅଧର୍ମ ପୁରୁଷ ପ୍ରକାଶିତ ହେବା ଆବଶ୍ୟକ,*...ନ ହେଲେ ପ୍ରଭୁଙ୍କର, ସେହି *ଦିନ ଉପସ୍ଥିତ* ହେବ *ନାହିଁ,*
>
> ...ଏପରିକି ପରମେଶ୍ୱରଙ୍କ ମନ୍ଦିରରେ ବସି, ନିଜକୁ *ସେମାନଙ୍କଠାରୁ ଉନ୍ନତ କରେ ଯେଉଁମାନେ ପରମେଶ୍ୱରଙ୍କ ନାମରେ ଖ୍ୟାତ,* ଯେପରିକି ସେ ପରମେଶ୍ୱର ବୋଲାଇ ପରମେଶ୍ୱରଙ୍କ ପରି ପୂଜିତ ହୁଏ।

105 ତାହା ବିଷୟରେ ଚିନ୍ତା କରନ୍ତୁ! ତେବେ ଯିଶାଇୟ 14, ଭବିଷ୍ୟଦ୍‌ବକ୍ତା କହିଥିଲେ ଯେ ସେ ଦେଖିଲେ "ଲୁଶିଫର୍, ତାର ମନେ ମନେ," ପରମେଶ୍ୱରଙ୍କ ପ୍ରେରଣାର ଅନ୍ତର୍ଗତରେ ଏକ ଦର୍ଶନ ମାଧ୍ୟମରେ, "କହିଥିଲା ଯେ ସେ ଏହା କରିବ।" ପାଉଲଙ୍କ ଆଠ ଶହ ବର୍ଷ ପୂର୍ବରୁ, କିମ୍ବା ପ୍ରାୟଃ ସେତିକି ସମୟ ପୂର୍ବେ, ଯିଶାଇୟରେ।

106 ବର୍ତ୍ତମାନ ଏଠାରେ, ଆଠ ଶହ ବର୍ଷ ଉତ୍ତାରେ, ପାଉଲ ତାକୁ, ତାହାର ସ୍ଥିତିକୁ ଆସୁଥିବାର ଦେଖିଲେ। ଧ୍ୟାନ ଦିଅନ୍ତୁ, ତାହାର ଏଦନ, ଏହା ଉପରକୁ ଆସୁଅଛି; ତାହାର ବୈଜ୍ଞାନିକ ଏଦନ, ତାହାର ବୈଜ୍ଞାନିକ ଜଗତ ସହ, ଏକ ବୈଜ୍ଞାନିକ କନ୍ୟା-ମଣ୍ଡଳୀ ସହିତରେ,

ସମସ୍ତକିଛି ସେହି—ସେହି ଶବ୍ଦ "ଜ୍ଞାନ" ଅଧୀନରେ, ମହାନ ସେମିନାରୀମାନ, ମହାନ ଶିକ୍ଷାଗତ ଉପାଧିମାନ, ଶିକ୍ଷାଗତ କାର୍ଯ୍ୟକ୍ରମମାନ।

107 ଶୁଣନ୍ତୁ, ଭାଇ, ଭଉଣୀ, ଆମେମାନେ ପ୍ରତ୍ୟେକେ ସେହି ମାର୍ଗ ଦେଇ ଚାଲିବାକୁ ଯାଉଅଛୁ ଯେଉଁ ମାର୍ଗ ଫ୍ଲୋରେନ୍ସ ଚାଲିଥିଲେ। ମୁଁ ଆପଣମାନଙ୍କୁ, ଯୀଶୁଙ୍କ ନାମରେ, ଏହାକୁ ବିବେଚନା କରିବା ପାଇଁ କହୁଅଛି। ମୋତେ ବିବେଚନା କରନ୍ତୁ ନାହିଁ। ମୁଁ ଆପଣମାନଙ୍କର ଭାଇ ଅଟେ। ଏହା ତାହା—ତାହା ନୁହେଁ। ପରମେଶ୍ୱରଙ୍କ ବାଇବଲର, ମୁଁ ଯେଉଁ ବାକ୍ୟ କହୁଅଛି ତାହା ବିବେଚନା କରନ୍ତୁ। ଏବଂ ତାହାକୁ ପରମେଶ୍ୱରଙ୍କ ନିଜ ବାକ୍ୟରେ, ସିଦ୍ଧ ଭାବରେ ପ୍ରମାଣିତ ହୋଇଥିବାର ଦେଖନ୍ତୁ, ଯେ ଆମେ ଯେଉଁ ଯୁଗରେ ରହୁଅଛୁ, ଆମେମାନେ କେଉଁଠାରେ ଅଛୁ।

108 ଏହି କାର୍ଯ୍ୟକ୍ରମଗୁଡ଼ିକ ନିଜ ଭିତରେ, ସମ୍ପୂର୍ଣ୍ଣ ଖ୍ରୀଷ୍ଟ ବିରୋଧୀ ଅଟନ୍ତି। ବର୍ତ୍ତମାନ, ତାହାର ଏକ ଏଦନ ରହିବାକୁ ଅଛି, ସେ କହିଥିଲା ଯେ ସେ ତାହା କରିବ। ଏଠାରେ ପରମେଶ୍ୱରଙ୍କ ସେହି ସରଳ ବାକ୍ୟ କହୁଅଛି ଯେ ସେ ଏହା କରିବ, ଏବଂ ଏଠାରେ ଆମେମାନେ ଠିକ୍ ଦୃଷ୍ଟିପାତ କରୁଅଛୁ ଏବଂ ତାକୁ ଏହା କରୁଥିବାର ଦେଖୁଅଛୁ। ସେ ତାହାର ବୌଦ୍ଧିକ, ବୈଜ୍ଞାନିକ, ନାମଧାରୀ କନ୍ୟା ସହିତ ଏହା କରିଅଛି। ସେ ଏହି ଦିନମାନଙ୍କ ମଧ୍ୟରୁ ଗୋଟିଏ ଦିନ, ସ୍ଥାପିତ ହେବାକୁ ଥିବା ଏକ ବିଶ୍ୱ ଗୀର୍ଜା ପରିଷଦରେ ନେତୃତ୍ୱ ନେବାକୁ ଯାଉଅଛି। ସମସ୍ତେ ତାହା ସହିତ ରହିବେ।

109 ଲୋକମାନଙ୍କୁ ପରୀକ୍ଷା କରୁଅଛି, ଏଥି ପାଇଁ ନୁହେଁ ଯେ ସେମାନେ ଖରାପ ଲୋକମାନେ ଅଟନ୍ତି; ସେମାନେ ତ ଶସ୍ୟ ପରି, ସେହି ସିଧା ଧାଡିରେ ରୋପିତ କରା ଯାଇଥିଲେ, ମାତ୍ର ଶୟତାନ ବିଜ୍ଞାନ, ଅନୁସନ୍ଧାନ, ଶିକ୍ଷା, ପଣ୍ଡିତ ଉପାଧି ନାମକ ଲତାମାନଙ୍କୁ ବୁଣି ଦେଇଥିଲା। ବେଳେ ବେଳେ ତ ସେମାନେ ଆପଣଙ୍କୁ ପ୍ରଚାର ମଞ୍ଚକୁ ସୁଦ୍ଧା ଯିବାକୁ ଦିଅନ୍ତି ନାହିଁ ଯେପର୍ଯ୍ୟନ୍ତ କି ଆପଣ କୌଣସି ସେମିନାରୀରୁ ଏକ ପଣ୍ଡିତ ଉପାଧି ଦେଖାଇ ନ ଦିଅନ୍ତି। ଏହା ସବୁ ଭୁଲ ଅଟେ! ସେହି ଲୋକମାନେ ନୁହଁନ୍ତି; ଏହା ତ ସେହି କାର୍ଯ୍ୟକ୍ରମ ଯାହାକି ଭୁଲ୍ ଅଟେ। ଏବଂ ବର୍ତ୍ତମାନ ଏହା କଅଣ କରିଅଛି? ଏହାସବୁ ପୁଣିଥରେ ଆସୁଅଛି, ଏବଂ ସମଗ୍ର ସମ୍ପୂର୍ଣ୍ଣ ବିଶ୍ୱକୁ (ଦଳେ ସଙ୍କରଣ ମାଧ୍ୟମରେ, ପରମେଶ୍ୱରଙ୍କ ମୂଳ ବୀଜକୁ ବିକୃତ କରିବା ଦ୍ୱାରା) ଅନ୍ୟ ଏକ ଅନ୍ଧକାର ବିଶୃଙ୍ଖଳା ମଧ୍ୟକୁ ନେଇ ଆସିଅଛି।

110 ମାତ୍ର ମୁଁ ବହୁତ ଖୁସି ଯେ ପରମେଶ୍ୱର ପୁନର୍ବାର ଆମ ବିଷୟରେ ମନୋଯୋଗ ଅଟନ୍ତି, ଯେ ସେ ଏବେ ମଧ୍ୟ ସେହି ପରିସ୍ଥିତିର ସମ୍ମୁଖରେ ବିଚରଣ କରିପାରନ୍ତି। ସେ ପ୍ରତିଜ୍ଞା କରିଥିଲେ ଯେ ସେ ଏହା କରିବେ, ଏବଂ ଏକ ଛୋଟ ପଲକୁ ଡାକିବେ ଯିଏକି ତାହାଙ୍କର କନ୍ୟା ହେବ।

111 ବର୍ତ୍ତମାନ ଏଠାରେ ପୁନର୍ବାର ଧ୍ୟାନ ଦିଅନ୍ତୁ, ଯେ ଏହି ମଣ୍ଡଳୀଗୁଡିକ, କିମ୍ବା ଏହି ଏଦନଗୁଡିକ କେତେ ସିଦ୍ଧ ଭାବେ ପ୍ରତିଚିତ୍ରଣ କରନ୍ତି।

112 ପରମେଶ୍ୱର, ତାହାଙ୍କ ବାକ୍ୟର ଏକ ବୀଜ ଦ୍ୱାରା! ଏବଂ କେବଳ ଗୋଟିଏ ମାତ୍ର ବିଷୟ ଅଛି ଯାହାକି ବାକ୍ୟକୁ ସଂଜୀବିତ କରିପାରେ, ଏବଂ ତାହା ହେଉଛି ଆତ୍ମା, କାରଣ ଏହା ବାକ୍ୟ ପ୍ରତି ଜୀବନ-ପ୍ରଦାନକାରୀ ଅଟେ। ଏବଂ ଯେତେବେଳେ ବାକ୍ୟରେ ଥିବା ଜୀବନ ଆତ୍ମାର ଜୀବନକୁ ସାକ୍ଷାତ କରେ, ଏହା ସେହି ସମସ୍ତ ବିଷୟକୁ ଉତ୍ପନ୍ନ କରେ ଯାହା ସବୁ ସେହି ବୀଜ ଅଟେ।

113 ତେବେ ଧ୍ୟାନ ଦିଅନ୍ତୁ ଯେ କଅଣ ଘଟିଥିଲା। ଏଦନ ଉଦ୍ୟାନରେ ପରମେଶ୍ୱରଙ୍କ ନିଷ୍କଳୁଷତାର ରାଜ୍ୟ ଥିଲା, ଏବଂ ତାହା ସମୟାବଧି ଗୁଡିକରୁ—ରୁ ଅନ୍ୟତମ ଥିଲା। ପ୍ରଥମ ସମୟାବଧି ନିଷ୍କଳୁଷ ଥିଲା, ଲୋକମାନେ କୌଣସି ପାପ ବିଷୟ ଜାଣି ନ ଥିଲେ। ସେମାନେ ପାପ ବିଷୟରେ କିଛି ହେଲେ ଜାଣି ନ ଥିଲେ। ଉଭୟ ଆଦମ ଏବଂ ହବା ଉଲଗ୍ନ ଥିଲେ, କିନ୍ତୁ ସେମାନେ ନିଜର ମୁଖ ଉପରେ ଥିବା ଆତ୍ମାଙ୍କ ଏକ ଆବରଣ ଦ୍ୱାରା, ସେମାନଙ୍କର ଉଲଗ୍ନତାରୁ ଲୁଚି ରହିଥିଲେ। ସେମାନେ ଆଦୌ, କଦାପି ଜାଣି ନ ଥିଲେ ଯେ ସେମାନେ ଉଲଗ୍ନ ଥିଲେ, କାରଣ ସେମାନେ ସେଥିରୁ ଲୁଚି ରହିଥିଲେ। କାରଣ, ନିଜ ମନରେ ଥିବା ପରମେଶ୍ୱରଙ୍କ ଆବରଣ ଯୋଗୁଁ, ସେମାନେ ଜାଣି ନ ଥିଲେ ଯେ କେଉଁ ବିଷୟ ଠିକ୍ ଏବଂ ଭୁଲ୍ ଥିଲା। ଏବଂ ଦୁହେଁ ସେଠାରେ ଉଲଗ୍ନ ହୋଇ ଠିଆ ହୋଇଥିଲେ, ଏହା ଦର୍ଶାଉ ଥିଲା ଯେ ଏପର୍ଯ୍ୟନ୍ତ ସେମାନଙ୍କ ପାଖକୁ ସେହି ଜ୍ଞାନ ଆସି ନ ଥିଲା, ଦେଖନ୍ତୁ, ଯେ ସେମାନେ ଉଲଗ୍ନ ଥିଲେ। ସେହି ଯୋଡି ଉଲଗ୍ନ ଥିଲା ଏବଂ ତାହା ଜାଣି ନ ଥିଲା।

114 ବର୍ତ୍ତମାନ ଯଦି ଆପଣ ଓଲଟାଇବେ, ଯଦି ଆପଣ ଇଚ୍ଛା କରନ୍ତି, କିମ୍ଵା ଏହାକୁ ଲେଖିବାକୁ ଚାହାଁନ୍ତି, ତେବେ ପ୍ରକାଶିତ ବାକ୍ୟ, ତାର ୩ୟ ପର୍ବ। ପବିତ୍ରଆତ୍ମା ଏହି ଶେଷ ଯୁଗକୁ, ଶେଷ ଦିନରେ ଏହି ଲାଅଦୀକିଆ ପେଣ୍ଟିକଷ୍ଟାଲ ମଣ୍ଡଳୀ ଯୁଗକୁ ଭବିଷ୍ୟତ୍‌ବାଣୀ କରିଥିଲେ, ସେ କହିଲେ, "ତୁମେ ଉଲଗ୍ନ, ଓ ଅନ୍ଧ ଅଟ, ଆଉ ତାହା ଜାଣ ନାହିଁ।"

115 ସେଠାରେ ପରମେଶ୍ୱରଙ୍କ ବୀଜ, ନିଷ୍କଳୁଷତା ଅଧୀନରେ ଥିଲା, ଏହା ଆଦୌ ଜାଣି ନ ଥିଲା ଯେ ସେମାନେ ଉଲଗ୍ନ ଥିଲେ, ପବିତ୍ରଆତ୍ମାଙ୍କ ଏକ ଆବରଣ ତଳେ, ସେମାନଙ୍କୁ ପାପରୁ ଆଚ୍ଛାଦନ କରିଥିଲା।

116 ଏବଂ ବର୍ତ୍ତମାନ ଏହି ଶେଷ ମଣ୍ଡଳୀ ଯୁଗରେ, ଆମେ ଏଠାରେ ପାଉ ଯେ ସେମାନେ ପୁନର୍ବାର ଉଲଗ୍ନ ଅଟନ୍ତି, ଏବଂ ତାହା ଜାଣନ୍ତି ନାହିଁ। କିନ୍ତୁ ଏହା ପବିତ୍ରଆତ୍ମାର ଆବରଣ ନୁହେଁ। ଏହା ତ ସେହି ଆବରଣ ଅଟେ ଯାହାକି ଶୟତାନ ସେଠାରେ ହବା ଉପରେ ପକାଇ ଦେଇଥିଲା, କାମବାସନାର ଆବରଣ, ସେହି କାମ ଲାଳସାର ଆବରଣ। ସେମାନେ ଏତେ ଅପରିଷ୍କାର ଅଟନ୍ତି ଯେ ସେମାନେ ଜାଣନ୍ତି ନାହିଁ ଯେ ସେମାନେ ଉଲଗ୍ନ ଅଟନ୍ତି, ରାସ୍ତାରେ ଚାଲୁଥିବା ଆମର ସ୍ତ୍ରୀଲୋକମାନେ, ଛୋଟ ଛୋଟ ଜାମା ସର୍ଟ ପିନ୍ଧି, ଯୌନ ଉତ୍ତେଜକ ପୋଷାକ।

117 କେହି ଜଣେ ମୋତେ ଅନ୍ୟ ଏକ ଦିନ ଖବରକାଗଜରେ ଥିବା ଖଣ୍ଡଟିଏ ପଠାଇଲେ, ଏହି ନୂଆ ପୋଷାକ ସମ୍ବନ୍ଧରେ ଯାହା ସେମାନେ ପିନ୍ଧିବାକୁ ଯାଉଛନ୍ତି, ମୁଁ ଭାବୁଛି, ନିତମ୍ବରୁ ଚଉଦ ଇଞ୍ଚ, କିମ୍ବା ସେପରି କିଛି ଅଟେ । ଏବଂ ମୁଁ ଆଶ୍ଚର୍ଯ୍ୟ କରେ ଯଦି ଆମର—ଯଦି ଆମର ମହିଳାମାନେ ଏହା ହୃଦୟଙ୍ଗମ କରିପାରନ୍ତି ଯେ ଏହା ଏକ କାମାସକ୍ତ ଆବରଣ ଅଟେ?

118 ତେବେ ଆପଣ—ଆପଣ କହିବେ, "ମୁଁ ପରମେଶ୍ୱରଙ୍କ ନିକଟରେ, ପ୍ରମାଣ କରିପାରେ, ଯେ ମୁଁ ମୋ ସ୍ୱାମୀ ପ୍ରତି କୌଣସି ବ୍ୟଭିଚାର କ୍ରିୟାର ନିର୍ଦ୍ଦୋଷ ଅଟେ, କିମ୍ବା ମୁଁ—ମୁଁ...ଏହି ସବୁ ।"

119 ମାତ୍ର ତଥାପି, ବିଚାର ସମୟରେ, ଆପଣ ଏକ "ବ୍ୟଭିଚାରୀ" ବୋଲି କୁହାଯିବାକୁ ଯାଉଛନ୍ତି । ବାଇବଲ ଏହିପରି ହିଁ ବ୍ୟକ୍ତ କରେ । ଯୀଶୁ କହିଲେ, "ଯଦି କେହି ସ୍ତ୍ରୀଲୋକ ଉପରେ କାମ ବାସନାର ଦୃଷ୍ଟିରେ ଦେଖେ, ସେ ନିଜ ହୃଦୟରେ ତାହା ସହିତ ବ୍ୟଭିଚାର କରିସାରିଛି ।"

120 "ଅନ୍ଧ, ଉଲଗ୍ନ, ଏବଂ ଏହା ଜାଣନ୍ତି ନାହିଁ!" ସେଠାରେ ସେହି ସାନ ଦରିଦ୍ର ସ୍ତ୍ରୀଲୋକମାନେ ନୁହେଁ; ମୋର ସେମାନଙ୍କ ବିରୁଦ୍ଧରେ କିଛି ହେଲେ ନାହିଁ । ଏହା ତ ସେହି ମନ୍ଦ ଅଟେ! ଏବଂ ମଣ୍ଡଳୀର ସେହି ବ୍ୟବସ୍ଥା ଏହାକୁ ଚିହ୍ନିବାରେ କିମ୍ବା ଏହା ବିରୁଦ୍ଧରେ ଛିଡା ହେବାରେ ବିଫଳ ଥିବା ପରି ବୋଧ ହୁଏ; ସେମାନଙ୍କୁ ଖ୍ରୀଷ୍ଟିୟାନ ନାମର ତଳେ, ସେମାନଙ୍କର କେଶକୁ ଛୋଟ କରି କାଟିବାକୁ, ସୌନ୍ଦର୍ଯ୍ୟ ପ୍ରସାଧନ ଲଗାଇବାକୁ, ଏବଂ ଛୋଟ ଛୋଟ ଜାମା ସର୍ଟସ୍ ପିନ୍ଧିବାକୁ ଓ ପ୍ରଭୃତି ବିଷୟସବୁ କରିବାକୁ ଅନୁମତି ଦିଏ । ଏହା କେଡ଼େ ଏକ ଭୟଙ୍କର ବିଷୟ ଅଟେ! ଦେଖନ୍ତୁ, ସେମାନେ ପୁନର୍ବାର, ଶୟତାନର ଏଦନରେ ଉଲଗ୍ନ ଅଟନ୍ତି, ଏବଂ ଏହା ଜାଣନ୍ତି ନାହିଁ । ସେମାନେ ଏହା ଜାଣନ୍ତି ନାହିଁ ।

121 ମୁଁ ବିଶ୍ୱାସ କରେ ଯେ ମୁଁ ଦେଖୁଅଛି, ବୋଧହୁଏ, ଏଠାରୁ ଆର ପାର୍ଶ୍ୱକୁ ଦେଖିଲେ, ସେହି ସନ୍ତରଣ କୁଣ୍ଡକୁ, ସେହି ମହିଳାମାନେ ବର୍ତ୍ତମାନ ସେଠାରେ ଅଛନ୍ତି । ଯଦି ସେହି ମହିଳା କେବଳ ଏହା ହୃଦୟଙ୍ଗମ କରନ୍ତି ଯେ ସେ କଅଣ କରୁଅଛନ୍ତି, କିନ୍ତୁ ସେ ତାହା ଜାଣନ୍ତି ନାହିଁ । ସେ ଉଲଗ୍ନ ଅଟେ । ତାହାର ଶରୀର ପବିତ୍ର ଅଟେ । ସେ ସେହି ପୋଷାକକୁ କାଢି ଦିଏ ଯେଉଁଥିରେ ପରମେଶ୍ୱର ଏହି ପୀଢ଼ୀ ପାଇଁ, ତାକୁ ବସ୍ତ୍ରାନ୍ୱିତ କରିଥିଲେ, ଚର୍ମ ଦ୍ୱାରା ବସ୍ତ୍ରାନ୍ୱିତ କରିଥିଲେ । ସେ ନିରନ୍ତର ଏହାକୁ କାଟିଦିଏ । ସେ "ସଭ୍ୟତା, ଉଚ୍ଚ ଶିକ୍ଷା, ଉନ୍ନତ ସଭ୍ୟତା, ଉଚ୍ଚ ନୈତିକତା" ର ଶବ୍ଦ ତଳେ, ଉଲଗ୍ନ ଅଟେ । ମୋତେ ସୁନିଶ୍ଚିତ କରିବାକୁ ଦିଅନ୍ତୁ ଯେପରିକି ଏହା ନିମଜ୍ଜିତ ହୋଇଯାଏ । ଏହା ସବୁକିଛି ଶୟତାନର ଅଟେ, ଏବଂ ପ୍ରଭୁ ଯୀଶୁଙ୍କ ଆଗମନରେ ଧ୍ୱଂସ ହୋଇଯିବ । ଏହା ବିନଷ୍ଟ ହୋଇଯିବ, ଏହାର ପ୍ରତ୍ୟେକ ଅଂଶ । ଗୋଟିଏ ହେଲେ ଜିନିଷ ବାକି ରହିବ ନାହିଁ ।

122 ଏବଂ, ହେ ବନ୍ଧୁ, ସମଗ୍ର ଦେଶ ସାରା, ଯେତେବେଳେ ଆପଣ ମୋତେ ଏଠାରେ ଫିନିକ୍ସଠାରୁ ଶୁଣୁଛନ୍ତି, ସେହି ଜିନିଷଗୁଡ଼ିକ ବିଷୟରେ ଚିନ୍ତା କରନ୍ତୁ! ଆପଣ ଏଠାରେ

ସେମାନଙ୍କ ଅଧୀନରେ ଅଛନ୍ତି । ତେବେ, ଯୀଶୁ ତାହା କହିଲେ, "ଯଦି ସମ୍ଭବ ହୁଏ ତେବେ ସେମାନେ ମନୋନୀତ ଲୋକମାନଙ୍କୁ ସୁଦ୍ଧା ଭ୍ରାନ୍ତ କରି ପକାଇବେ ।"

123 ପ୍ରଥମ ଆତ୍ମା ଏକ...ପ୍ରଥମ ଆବରଣ ଏକ ପବିତ୍ର ପରଦା ଥିଲା, ପବିତ୍ରଆତ୍ମା, ଏବଂ ତାଙ୍କୁ ସେଥିରୁ ବାହାରକୁ ଦେଖିବାର ଉଚିତ୍ ନ ଥିଲା । କିନ୍ତୁ ଯେତେବେଳେ—ଯେତେବେଳେ ଶୟତାନ ତାଙ୍କ ସହିତ ଜ୍ଞାନ ବିଷୟରେ କଥାବାର୍ତ୍ତା କରିବାକୁ ଆରମ୍ଭ କଲା, ସେତେବେଳେ ତାଙ୍କୁ କେବଳ ଜଗତ ଆଡକୁ ଅଳ୍ପ ଟିକିଏ ଅନାଇବାକୁ ଥିଲା ।

124 ଏବଂ ଅବିକଳ ତାହାହିଁ ଅଟେ ଯାହାକି ତାର କନ୍ୟା, ସେହି ମଣ୍ଡଳୀ, କରିଅଛି । ଆପଣଙ୍କୁ ଦେଖିବାକୁ ଅଛି, ଆପଣଙ୍କୁ କୌଣସି ଚଳଚ୍ଚିତ୍ର ତାରକା ପରି ବସ୍ତ୍ର ପରିଧାନ କରିବାକୁ ଅଛି, କିମ୍ବା ଯୁବା ଲୋକମାନଙ୍କୁ ଏଲଭିସ୍ ପ୍ରେସ୍ଲି କିମ୍ବା—କିମ୍ବା ପ୍ୟାଟ୍ ବୁନ୍ ପରି ଅଭିନୟ କରିବାକୁ ଅଛି, କିମ୍ବା—କିମ୍ବା ସେହି ଲୋକମାନଙ୍କ ମଧ୍ୟରୁ କେତେକଙ୍କୁ, ଧର୍ମ ନାମରେ କରିବାକୁ ଅଛି ।

125 ପ୍ୟାଟ୍ ବୁନ୍ ଚର୍ଚ୍ଚ ଅଫ କ୍ରାଇଷ୍ଟ ମଣ୍ଡଳୀର ଜଣେ ଅଟନ୍ତି । ଏଲଭିସ୍ ପ୍ରେସ୍ଲି ଜଣେ ପେଣ୍ଟିକଷ୍ଟାଲ୍ ଅଟନ୍ତି । ଦୁଇଟି ପ୍ରେତାତ୍ମାଯୁକ୍ତ ଚରିତ୍ରମାନ ଯେଉଁମାନେକି ଜଗତକୁ ଅପେକ୍ଷାକୃତ ଏକ ଖରାପ ବିଶୃଙ୍ଖଳାରେ ପକାଇ ଦେଇଛନ୍ତି ଯେତିକି ଖରାପ ଯିହୂଦା ଇସ୍କାରିୟୋତ ଯୀଶୁ ଖ୍ରୀଷ୍ଟଙ୍କ ବିଶ୍ୱାସଘାତକତାର ସମୟରେ କରିଥିଲେ । ସେମାନେ ଏହା ଜାଣନ୍ତି ନାହିଁ । ସେହି ବାଳକମାନେ ତାହା ଜାଣନ୍ତି ନାହିଁ । ସେହି—ସେହି ବାଳକମାନଙ୍କ, ପୁରୁଷମାନଙ୍କ ବିରୁଦ୍ଧରେ ମୋର କିଛି ହେଲେ ନାହିଁ, ଏହା ତ ସେହି ଆତ୍ମା ଅଟେ ଯାହାକି ଏହାକୁ ଉତ୍ପ୍ରେରିତ କରୁଅଛି ।

126 କେବଳ ଗୋଟିଏ କ୍ଷଣ ପାଇଁ ସେହି ଅନ୍ୟ ପାର୍ଶ୍ୱକୁ ପାଦ ଦିଅନ୍ତୁ, ସେହି ଲତାକୁ କେବଳ ସେହି ଶସ୍ୟ କେଣ୍ଡାର ଚାରି ଆଡେ ଥରେ, ଟିକିଏ ଧରିବାକୁ ଦିଅନ୍ତୁ, ଦେଖନ୍ତୁ ଯେ କଅଣ ଘଟିବ; ସେହି ଶସ୍ୟ ନଷ୍ଟ ହୋଇଯିବ । ଓଃ, ହଁ, ଏହା ତ ତାଙ୍କୁ ଧରି ନେଇଛି । ଏବଂ ସେହି ପ୍ରକାରେ ହିଁ ଏହା କରିବ । ଏହା ପ୍ରତ୍ୟେକ ଥର ତାହା କରିବ । ହବାଙ୍କୁ କେବଳ ଜଗତ ଆଡ଼କୁ ଟିକିଏ ଉଙ୍କି ମାରିବାକୁ ଥିଲା ।

127 ଏବଂ ଭାଇ, ଓ ଭଉଣୀ ମୋତେ ଆପଣମାନଙ୍କୁ କିଛି କହିବାକୁ ଦିଅନ୍ତୁ । ପ୍ରଥମ ଯୋହନ, ତାର 2ୟ ପର୍ବ ଏବଂ 15ତମ ପଦରେ, ଯଦି ଆପଣମାନେ ଚାହିଁବେ ତେବେ ଆମେ ଏହାକୁ ପାଠ କରିପାରିବା, ବାଇବଲ କୁହେ:

> ...*ଯଦି* ଆମେ *ସଂସାରକୁ ପ୍ରେମ କରୁ,* କିମ୍ବା ସେଥିରେ ଥିବା ବିଷୟସବୁକୁ ପ୍ରେମ କରୁ, ଏହାର କାରଣ ହେଉଛି ପରମେଶ୍ୱରଙ୍କ *ପ୍ରେମ* ଆମ *ଠାରେ ନାହିଁ* ।

128 ବର୍ତ୍ତମାନ, ସେଠାରେ ସେହି ଶବ୍ଦ *ପୃଥିବୀ* ନୁହେଁ; ଏହା ତ ଏକ ଗ୍ରୀକ୍ ଶବ୍ଦ, *କୋସ୍ମୋସ୍* ଅଟେ, ଯାହାର ଅର୍ଥ "ଜଗତର କ୍ରମ ।" ଯଦି ଆମେ ପୃଥିବୀର, ସଂସାରର ବେଶଭୁଷା ଶୈଳୀକୁ ପ୍ରେମ କରୁ, ଯଦି ଆମେ ଏହି ଦିନର ଧାରାକୁ ପ୍ରେମ କରୁ, ଯଦି ଆମେ ଭାବୁ "ଏହା

ତ ଏକ ଅଦ୍ଭୁତ ସମୟ ଅଟେ, ଓଃ, ଆମ ପାଖରେ ଏହି ସମସ୍ତ ବିଷୟ ଅଛି," ଯଦି ଆପଣ ତାହା ଭାବନ୍ତି, ଏହା ଏଇଥି ପାଇଁ ଅଟେ କାରଣ ଆପଣଙ୍କର ଚିନ୍ତାଧାରା ଭୁଲ ଅଟେ । ଏହା ଶୟତାନ ଦ୍ୱାରା ବିକୃତ କରା ହୋଇଛି । "କାରଣ ଯଦି ଆପଣ ଜଗତର କ୍ରମକୁ, ଏବଂ ବର୍ତ୍ତମାନ ଜଗତର ବିଷୟବସ୍ତୁକୁ ପ୍ରେମ କରନ୍ତି, ଏହାର କାରଣ ହେଉଛି ଯେ ଏପରିକି ପରମେଶ୍ୱରଙ୍କ ପ୍ରେମ ସୁଦ୍ଧା ଆପଣଙ୍କଠାରେ ନାହିଁ ।" ତାହା ମନେରଖନ୍ତୁ । ହେ ପରମେଶ୍ୱର! ଆମେମାନେ କଅଣ ଦୃଷ୍ଟିପାତ କରୁଅଛୁ ତାହା ଦେଖନ୍ତୁ!

129 ଏଠାରେ ମୁଁ ମାତ୍ର ଗୋଟିଏ ମିନିଟ୍ ପାଇଁ ଅଟକିବାକୁ ଚାହେଁ ଏବଂ ଆପଣଙ୍କୁ ଏକ ଛୋଟ କାହାଣୀଟିଏ କହିବାକୁ ଚାହେଁ । ମୁଁ ପ୍ରଥମ ବିଶ୍ୱଯୁଦ୍ଧରୁ ଜଣେ ପୁରୋହିତଠାରୁ ଶୁଣିଥିଲି । ସେମାନେ ପକାଇ ଦେଇଥିଲେ...

130 ଯେପରି ଶୟତାନ ଆରମ୍ଭରେ ଥିଲା, ଯେତେବେଳେ ସେ ଏଦନ ଉଦ୍ୟାନକୁ ଆସିଥିଲା । ସେ ସେହି ବୀଜଗୁଡିକୁ ଖୋଳି ପାରି ନ ଥିଲା । ସେ ସେମାନଙ୍କୁ ବିନାଶ କରିପାରି ନ ଥିଲା । କିନ୍ତୁ ସେ ସେଗୁଡିକ ଉପରେ ବିଷରେ ଛିଞ୍ଚି ଦେଇଥିଲା, ଏବଂ ତାହା ବୀଜକୁ ବିକୃତ କରି ପକାଇଲା, ଏହା ତାହାର ସଠିକ୍ ପ୍ରକାର ଉତ୍ପନ୍ନ କଲା ନାହିଁ । ଏହା ମୂଳ ବୀଜକୁ ବିକୃତ କରି ଦେଲା ।

131 ଏବଂ ତାହାହିଁ ଅଟେ ଯାହାକି ଧର୍ମର ଏହି ସମସ୍ତ କାର୍ଯ୍ୟକ୍ରମମାନ ଅଟେ । ସେମାନେ ଏବେ ସୁଦ୍ଧା ପରମେଶ୍ୱରଙ୍କ ପୁତ୍ର ଏବଂ କନ୍ୟା ଅଟନ୍ତି, ମାତ୍ର ଏହା ବିକୃତ ହୋଇଅଛି । ସେମାନେ ମଣ୍ଡଳୀକୁ ଯାଆନ୍ତି, ସଠିକ୍ କର୍ମ କରିବାକୁ ଇଚ୍ଛା କରନ୍ତି । ଜଣେ ନନ୍ କଦାପି ଏକ ନୀଚ ମହିଳା ହେବା ପାଇଁ ଗୋଟିଏ ନନ୍ନେରୀ ବିଦ୍ୟାଳୟକୁ ପ୍ରବେଶ କରେ ନାହିଁ । ଜଣେ ସେବକ କେବେ ବି ଜଣେ—ଜଣେ—ଜଣେ ଖରାପ ଲୋକ ହେବା ପାଇଁ ବିଦ୍ୟାଳୟକୁ ଯାଆନ୍ତି ନାହିଁ । ଆପଣ କଦାପି ଜଣେ ଖରାପ ଲୋକ ହେବା ପାଇଁ, ମଣ୍ଡଳୀରେ ଯୋଗ ଦିଅନ୍ତି ନାହିଁ, ଏବଂ ହାତ ମିଶାନ୍ତି ନାହିଁ, ପୁସ୍ତକରେ ନିଜର ନାମକୁ ରଖନ୍ତି ନାହିଁ, କିମ୍ବା ଆପଣ ନିଜର ମଣ୍ଡଳୀରେ ଯାହାକିଛି ବି କାର୍ଯ୍ୟ କରନ୍ତି ନାହିଁ । ଆପଣ ତାହା ଜଣେ ଭଲ ମଣିଷ ହେବା ପାଇଁ କରନ୍ତି । ମାତ୍ର ଏହା ତ ସେହି ପ୍ରତାରଣା, ଏହା ସେହି ବିକୃତି ଅଟେ ଯାହାକି ତାହା କରିଥାଏ । ଶୟତାନ ଏହାକୁ ଛିଞ୍ଚି ଦେଇଥିଲା । ବୁଝିଲେ? ପରମେଶ୍ୱରଙ୍କର କଦାପି କୌଣସି ସଂଗଠନ ରହି ନ ଥିଲା । ପରମେଶ୍ୱରଙ୍କ ବାକ୍ୟଗୁଡିକରେ କୌଣସିଠାରେ ବି ଏହିପରି କିଛି ବିଷୟ ମିଳେ ନାହିଁ ।

132 ପରମେଶ୍ୱର ଆମର ସଂଗଠନ ଅଟନ୍ତି, ଆମେମାନେ ତାହାଙ୍କଠାରେ, ଏକ ଶରୀର ରୂପରେ, ପରମେଶ୍ୱରଙ୍କଠାରେ, ସ୍ୱର୍ଗରେ ସଂଗଠିତ ଅଟୁ । ତାହା ଠିକ୍ ଅଟେ । ଆମର ନାମଗୁଡିକ ମେଷଶାବକଙ୍କ ଜୀବନ ପୁସ୍ତକରେ ରହିଅଛି । ଧ୍ୟାନ ଦିଅନ୍ତୁ ।

133 ମାତ୍ର, ଦେଖନ୍ତୁ, ମୁଁ ଜାଣେ ଯେ ଏହା ବହୁତ କଠିନ ଅଟେ, କିନ୍ତୁ ମୁଁ—ମୁଁ ଚାହେଁ ଯେ ଆପଣ ଟିକିଏ ସମୟ ସହ୍ୟ କରି ନିଅନ୍ତୁ ଯଦି ଆପଣ ଚାହିଁବେ । ବିଶ୍ୱଯୁଦ୍ଧର ସମୟରେ...ମୋ ବିଷୟଠାରୁ ଦୂରେଇ ଯିବା ପାଇଁ ମୋତେ କ୍ଷମା କରନ୍ତୁ ।

134 କିନ୍ତୁ ଏହି କଥାକୁ ଉପସ୍ଥାପିତ କରିବା ପାଇଁ, ସେହି ବିଷୟରେ ମୁଁ—ମୁଁ ମୋର ବିଶ୍ଳେଷଣକୁ ଦେବା ପାଇଁ ଚାହେଁ ଯେ ଶୟତାନ ଏଦନରେ କଅଣ କରିଥିଲା: ଭୟଙ୍କର ବିଷାକ୍ତ ସ୍ପ୍ରେକୁ ଛିଞ୍ଚି ଦେଇଥିଲା । କଅଣ ଆପଣ ଜାଣିବାକୁ ଚାହିଁବେ ଯେ ସେହି ସ୍ପ୍ରେଟି କଅଣ ଥିଲା? ମୁଁ ଆପଣଙ୍କୁ କହିପାରେ । ମୁଁ ଏହାର ସୂତ୍ର ପାଇଛି, ଦୁଇଟି ଶବ୍ଦ: ଅବିଶ୍ୱାସ, ଯାହାକି ବିଶ୍ୱାସର ବିପରୀତ ଅଟେ, ଅବିଶ୍ୱାସକୁ, ସନ୍ଦେହକୁ ଛିଞ୍ଚି ଦେଲା । ଏବଂ ବିଜ୍ଞାନ ଏହାର ସ୍ଥାନ ପୂରଣ କଲା । ଯେଉଁଠାରେ ବି ସେହି ଫାଙ୍କ ଅଟେ, ଯାହାକି ସେହି ବୀଜ ଭିତରକୁ ଗଲା, ଶୟତାନ ସେହି ଫାଙ୍କକୁ ଜ୍ଞାନ ଏବଂ ବିଜ୍ଞାନ ଓ ସଭ୍ୟତାରେ ପରିପୂର୍ଣ୍ଣ କରି ପକାଇଲା, ଏବଂ ତାହା ପରେମେଶ୍ୱରଙ୍କ ସମଗ୍ର, ସମ୍ପୂର୍ଣ୍ଣ ସୃଷ୍ଟିକୁ ବିକୃତ କରି ଦେଲା ।

135 ମୁଁ ଜାଣେ ଯେ ଆପଣ ଭାବୁଛନ୍ତି ମୁଁ ଆପଣଙ୍କୁ ଗୋଟିଏ ପଟକୁ ନେଇ ଯାଉଅଛି, କିନ୍ତୁ ସେହି ଡାଳରେ ମୁଁ ଆପଣଙ୍କ ସହିତରେ ଅଛି । ଏବଂ ଆମେ ସମସ୍ତେ ଏଠାରେ ତାହା ଖୋଜିବାକୁ ଚେଷ୍ଟା କରିବା ପାଇଁ ଅଛୁ ଯେ ଆମେମାନେ କଅଣ କରିପାରୁ । ଆମେମାନେ ସେହି ବିଷୟଗୁଡିକୁ ଭିନ୍ନ ହେବା ପାଇଁ କହୁ ନାହୁଁ । ଆମେମାନେ ସଙ୍କୋଚ ରହିବା ଉଚିତ୍ ।

136 ଆମେମାନେ, ପ୍ରତ୍ୟେକ ଜଣ, ମାର୍ଗର ଶେଷକୁ ଆସିଥାଉ, ଯେଉଁଠାରେକି ଆମେ ପ୍ରତ୍ୟେକ ଶବ୍ଦ ପାଇଁ ହିସାବ ଦେବାକୁ ଯାଉଅଛୁ । ଠିକ ବର୍ତ୍ତମାନ, ଆମେ ଜାଣୁ ଯେ ଆମର ସ୍ୱରଗୁଡାକ...ଯେତେବେଳେ ଆମେମାନେ ଜନ୍ମ ହୋଇଥାଉ, ଆମର ପ୍ରଥମ ଛୋଟ କାନ୍ଦଟି ସବୁ ଏକ ଟେପ୍‌ରେ ଯାଇଥାଏ । ଏହା ବିଚାର ଦିନରେ ପୁନର୍ବାର ବଜାଯିବାକୁ ଅଛି । ଏପରିକି ଆପଣ ପିନ୍ଧୁଥିବା ପୋଷାକଗୁଡିକ ମଧ୍ୟ ଆପଣଙ୍କ ସମ୍ମୁଖରେ, ବିଚାର ଦିନରେ ପ୍ରଦର୍ଶିତ କରାଯିବ । ଏପରିକି ବିଜ୍ଞାନ ମଧ୍ୟ ତାହା, ଟେଲିଭିଜନ୍ ଦ୍ୱାରା ପାଇଅଛି । ଦେଖନ୍ତୁ, ଟେଲିଭିଜନ୍ ଏକ ଚିତ୍ରକୁ ନିର୍ମାଣ କରେ ନାହିଁ, ଏହା ତ କେବଳ ଏହାକୁ ପ୍ରସାରିତ କରେ । ପୋଷାକର ରଙ୍ଗ, ପ୍ରତ୍ୟେକ ଥର ଆପଣମାନେ ଗମନାଗମନ କରନ୍ତି, ଆପଣଙ୍କ ମନରେ ଥିବା ପ୍ରତ୍ୟେକ ଚିନ୍ତାଧାରା, ଅବିକଳ ଭାବରେ ପରମେଶ୍ୱରଙ୍କ ନଥିପତ୍ରରେ ରଖାଯାଏ । ଏବଂ ସେହି ବଡ ବିଷୟଟି ଠିକ ଆପଣଙ୍କ ସମ୍ମୁଖରେ ଉପସ୍ଥାପିତ କରାଯିବ, ଆପଣ ପିନ୍ଧିଥିବା ପ୍ରତ୍ୟେକ ସେହି ଅପରିଷ୍କାର ପୋଷାକଗୁଡିକ; ପ୍ରତ୍ୟେକ ଥର ଯେତେବେଳେ ଆପଣ ବାରିକ ଦୋକାନକୁ ଯାଇଥିଲେ, ସେହି କେଶକୁ କାଟିଥିଲେ ଯାହା ପରମେଶ୍ୱର ଆପଣଙ୍କୁ ଦେଇଥିଲେ । ଏହା ହେବାକୁ ଯାଉଅଛି । ଆପଣ ଏଥିପାଇଁ ଉତ୍ତର ଦେବେ । ଆପଣ ଠିକ ସେଠାରେ ଏକ ପଦକ୍ଷେପ ନେଇପାରନ୍ତି ନାହିଁ, ଏପରିକି ଆପଣଙ୍କର ହୃଦୟର ଚିନ୍ତାଧାରା ସୁଦ୍ଧା ଠିକ ଯେତେବେଳେ ଆପଣ ଏହା କରୁଥାନ୍ତି, ଆପଣଙ୍କ ସମ୍ମୁଖରେ ଠିକ ଖେଳାଯିବ । ଆପଣ କିପରି ରକ୍ଷା ପାଇବାକୁ ଯାଉଛନ୍ତି? "ଯଦି ଆମେ ଏତେ ବଡ଼ ଏକ ପରିତ୍ରାଣକୁ ଅବହେଳା କରିବା ତେବେ ଆମେ କିପରି ରକ୍ଷା ପାଇବା?" ବୁଝିଲେ? ଆମେ ଖସିଯିବାକୁ ଯାଉନାହୁଁ । ପ୍ରତ୍ୟେକ ଗତି, ଏବଂ ହୃଦୟର ଚିନ୍ତାଧାରାମାନ, ଠିକ ଅନ୍ୟ ଏକ ପରିସରରେ ରେକର୍ଡ ହେଉଅଛି, ଏପରିକି ଆପଣ ପିନ୍ଧିଥିବା ପୋଷାକର ରଙ୍ଗ ମଧ୍ୟ । ଟେଲିଭିଜନ, ରଙ୍ଗୀନ ଟେଲିଭିଜନ ଏହାକୁ ଠିକ୍ ପ୍ରମାଣ କରେ, ଏହାକୁ ବାହାର କରେ ଓ ଦେଖାଏ, ଦେଖନ୍ତୁ,

ଆଉ ତାହା ତ କେବଳ ସେହି ତିନୋଟି ପରିସରରୁ ଗୋଟିଏ ଅଟେ ଯେଉଁଥିରେ ଆମେମାନେ ବାସ କରୁଅଛୁ । ବୁଝିଲେ?

137 ତେବେ ବିଷ କିପରି ମଣ୍ଡଳୀକୁ ଆଘାତ କରିଅଛି, ପୃଥିବୀକୁ ଆଘାତ କରିଅଛି! ଶୟତାନର ବିଷ ବୀଜଗୁଡିକ ଉପରେ, ଏଥିରେ ଫାଙ୍କ କରି ଦେଇଛି ଏବଂ ଏହାକୁ ବିକୃତ କରି ଦେଇଛି । ଆହୁରି ଏବଂ ଆହୁରି, ସେ ମଣ୍ଡଳୀର ହୃଦୟଗୁଡିକ ଭିତରେ, ଏବଂ ଲୋକମାନଙ୍କ ହୃଦୟରେ ଗଭୀର ଭାବରେ ନିମଜ୍ଜିତ ହେଉଅଛି ପୁଣି ସବୁକିଛି, ବିଜ୍ଞାନ, ବିଜ୍ଞାନ । ଯେପର୍ଯ୍ୟନ୍ତକି ଏହା ଏପରି ଏକ ସ୍ଥାନକୁ ହୋଇ ଯାଉଅଛି ଯେଉଁଠାରେକି ମାନବ ଜାତି, ଆନ୍ତଃପ୍ରଜନନ କରିବା ଦ୍ୱାରା...ମୁଁ ବିଶ୍ୱାସ କରେ ଯେ ପ୍ରତ୍ୟେକ ବୀଜକୁ ତାହାର ନିଜ ପ୍ରକାରର ଉତ୍ପନ୍ନ କରିବା ଉଚିତ୍ । ଏବଂ ମାନବ ଜାତି, ଓ ଉଦ୍ଭିଦ, ଏବଂ ସମସ୍ତେ ଆନ୍ତଃପ୍ରଜନନ ହୋଇ, ଆମକୁ ଏପରି ଏକ ସ୍ଥାନକୁ ନେଇ ଆସିଛି; ପୃଥିବୀରୁ ଆମର ଖାଦ୍ୟ ଖାଇବାରେ, ଯାହାକି, ଆମ ଶରୀରଗୁଡିକ, ସଙ୍କରିତ କରି ଦେଇଅଛି, ଏହା ଆମର ସମଗ୍ର ମନଗୁଡିକୁ କରି ଦେଇଛି...ବର୍ତ୍ତମାନ, ଯଦି ଆମର ଶରୀରଗୁଡିକ, କୋଡ଼ିଏ ବର୍ଷରୁ ପଚି-ଶ ବର୍ଷକୁ ପତିତ ହେଉଅଛି, ସଙ୍କରିତ ଖାଦ୍ୟ ଦ୍ୱାରା, ଅବକ୍ଷୟ କୋଷଗୁଡିକ ହେତୁ, ତାହାହେଲେ କଅଣ ଆମର ମସ୍ତିଷ୍କର କୋଷଗୁଡ଼ିକ କ୍ଷୟପ୍ରାପ୍ତ ହୁଏ ନାହିଁ କି? କଅଣ ସେହି କୋଷଗୁଡ଼ିକ, ମଧ୍ୟ ହୁଏ ନାହିଁ କି? ସେଇଥି ପାଇଁ ବାଳୁଙ୍ଗା ରିକି ଏହି ଦୃତ ବେଗର ଯାନ ହଟ୍ ରଡ୍ ସହିତ, ଏଠାରେ ମାର୍ଗରେ ଦୌଡିଥାଏ; ଯେତେବେଳେକି ରିକେଟା, ଏଲଭିଟାମାନ, ଏବଂ ସେମାନଙ୍କ ମଧ୍ୟରୁ ଅନେକେ, ଯେପରିକି ଆମେ ନାମ ଡାକିଥାଉ, ଏଠାରେ ଲୋକମାନଙ୍କ ଆଗରେ ଅର୍ଦ୍ଧ ନଗ୍ନ ଭାବରେ ରହିଥାନ୍ତି, ମାନସିକ ସ୍ତରରେ କ୍ଷୟପ୍ରାପ୍ତ, ଭଦ୍ରତା କିମ୍ବା ନୈତିକତା ବିଷୟରେ ଆଉ କୌଣସି ଧାରଣା ନ ଥାଏ ।

138 ମୋର ଛୋଟ କାହାଣୀରେ । ଏହି ପୁରୋହିତଜଣକ କହିଲେ ଯେ ସେ ଡାକ୍ତରଖାନାରେ ରହିଥିଲେ, ଏବଂ କହିଲେ ଯେ ବହୁତ ସଂଖ୍ୟକ ବାଳକମାନେ ତମ୍ବୁରେ ପଡ଼ି ରହିଥିଲେ...ସେ ଠିକ ସେହି ସମୟରେ ବାହାରୁ ଆସିଥିଲେ । ସେ କହିଲେ ଯେ ସେ ସେଠାକୁ ଯାଇଥିଲେ, ଏବଂ କୌଣସି ଅଧିକାରୀ ତାଙ୍କୁ କହିଲେ, "ପୁରୋହିତ, ଆମେ ସେଠାରେ ଥିବା ସେହି କ୍ଷେତଗୁଡିକୁ ଦେଖିବା ନିମନ୍ତେ, ବାହାରକୁ ଯିବା ପାଇଁ ଚାହୁଁଅଛୁ ।" ସେମାନେ ଏହି ସୋରିଷ ଏବଂ କ୍ଲୋରିନ୍ ଗ୍ୟାସ୍‌କୁ ଫିଙ୍ଗି ଦେଇଥିଲେ, ଯେପରିକି ସେମାନେ ସେହି ଦିନମାନଙ୍କରେ କରିଥାନ୍ତି ।

139 ଏବଂ କହିଲେ, "ମୁଁ ସେଠାରେ ବାହାରକୁ ଗଲି, ଭାଇ ବ୍ରାନହାମ୍," କହିଲେ, "ସେଠାରେ ଗୋଟିଏ ହେଲେ ଗଛ ଉପରେ କୌଣସି ବଳକଳ ନ ଥିଲା, ସେଠାରେ ଗୋଟିଏ ଘାସର ପତ୍ରଟିଏ ନ ଥିଲା । ଏହା ଏକ ଇଷ୍ଟର ସକାଳ ଥିଲା ।" ସେ କହିଲେ, "ସେଠାରେ କିଛି ପୁରୁଣା ଭଙ୍ଗା ଟ୍ୟାଙ୍କଗୁଡିକ ରହିଥିଲା, ସେହି ଅଧିକାରୀକୁ ସେଗୁଡିକର ହିସାବ ରଖିବାକୁ ଥିଲା, ଏବଂ ଏହା ଦେଖିବାକୁ ଥିଲା ଯଦି ସେହି ମହାନ ଆର୍ଗୋନ ଜଙ୍ଗଲ ନିକଟରେ, ସେଗୁଡିକ ସହିତ କିଛି କରାଯାଇପାରିବ କି ।" କହିଲେ, "ଯେତେବେଳେ ମୁଁ ସେଠାରେ ଏକାକୀ ଛିଡା ହୋଇଥିଲି," କହିଲେ, "ମୁଁ ଉପରକୁ ଚାହିଁଲି, କହିଲି, 'ହେ ପରମେଶ୍ୱର, ଏହିପରି ଭାବରେ ହିଁ ଏହା

ଆସୁଅଛି ।'" ତାହା ଠିକ୍, ଏହା ସବୁ ଆସୁଅଛି । ଏହା ସବୁ ଜଳି ଯାଇଥିଲା, କୌଣସିଠାରେ ବି କିଛି ଜୀବନ ନ ଥିଲା, ଘାସ ଜଳି ଯାଇଥିଲା; ଗଛ, ସେହି ଗ୍ୟାସ୍ ଦ୍ୱାରା, ଗଛଗୁଡିକ ମରି ଯାଇଥିଲା, ସବୁକିଛି ମରି ଯାଇଥିଲା, ଅଙ୍କା ବଙ୍କା ହୋଇ ଯାଇଥିଲା, ଝୁଲି ରହିଥିଲା, ଯେଉଁଠାରେକି ଗୁଳି ଏବଂ ପ୍ରଭୃତି ବିଷୟସବୁ ଏହାକୁ ଛିଦ୍ର କରି ଦେଇଥିଲା ।

140 ଯଦି ତାହା ଆଜି ଜଗତର ଚିତ୍ର ନୁହେଁ କି, ଯେଉଁଠାରେକି ଶୟତାନ ତାର ଅବିଶ୍ୱାସ, ତାର ସଙ୍କରଣ, ତାର ବିଜ୍ଞାନ, ତାର ଜ୍ଞାନକୁ ଛିଞ୍ଚି ଅଛି! ଯେପର୍ଯ୍ୟନ୍ତକି, ଏହା ଆରମ୍ଭରେ ଯାହା ଥିଲା, ଯେତେବେଳେ ପରମେଶ୍ୱର ଆଦମ ଏବଂ ହବାଙ୍କୁ ଉଦ୍ୟାନରେ ରଖିଥିଲେ, ସେହି ସୁନ୍ଦର ପାରଦୀଶକୁ ମୃତ୍ୟୁ ବିହୀନ, ଅସୁସ୍ଥତା ବିହୀନ, ଦୁଃଖ ବିହୀନ ରଖିଥିଲେ, ଏବଂ ସବୁକିଛି ସିଦ୍ଧ ଭାବରେ ରହିଥିଲା, ଦେଖନ୍ତୁ ଯେ ଶୟତାନର ଡିଡିଟି ରସାୟନ କଅଣ କରିଅଛି! ସେ ଏକ ବିଶୃଙ୍ଖଳା ଅଟେ । ଏଥିରେ ଆଉ କିଛି ବାକି ନାହିଁ ।

141 ସେ କହିଲେ, "ମୁଁ କାନ୍ଦିବାକୁ ଲାଗିଲି । ମୁଁ ପଛକୁ ଗଲି, ମୁଁ ଗୋଟିଏ ପଥର ପ୍ରତି ଆକର୍ଷିତ ହେଲି ।" କହିଲେ, "ମୁଁ ଠିକ ସେଠାକୁ ଯାଇ ସେହି ପଥରକୁ ଦେଖିଲି, ଏହାକୁ ଠେଲି ଦେଲି । ପଥର ତଳେ ଗୋଟିଏ ଛୋଟ ଧଳା ଫୁଲ ବଢୁଥିଲା, କେବଳ ମାତ୍ର ଜୀବନ୍ତ ବିଷୟ ଯାହା ବାକି ରହିଥିଲା, କାରଣ ଏହା ଏକ ପଥର ଦ୍ୱାରା ଆଶ୍ରୟ ପାଇଥିଲା ।"

142 ପରମେଶ୍ୱର, ମୋର ପଥର, ଆଜି ଆମକୁ ଆଶ୍ରୟ ଦିଅ, ହେ ପରମେଶ୍ୱର, ଯେତେବେଳେକି ବିଜ୍ଞାନ ଏବଂ ଶିକ୍ଷା ନାମରେ ଏହି ବିଷଗୁଡ଼ିକ ସବୁଆଡେ ବିତରିତ ହେଉଅଛି । ଆମକୁ ଆଶ୍ରୟ ଦିଅ । ହେ ପରମେଶ୍ୱର, ସେହି ଦିନ ପର୍ଯ୍ୟନ୍ତ ମୋତେ ସୁରକ୍ଷାରେ ରଖ, ଏହାହିଁ ମୋର ପ୍ରାର୍ଥନା ଅଟେ । ବର୍ତ୍ତମାନ ମୁଁ ଆଶା କରେ ଯେ ଆମେ, ପ୍ରତ୍ୟେକ ଜଣ, ସେହି ପଥର, ଖ୍ରୀଷ୍ଟଙ୍କ ତଳେ ଅଛୁ ।

143 ମୁଁ ଠିକ ଅନ୍ୟ ଦିନ ପ୍ରଚାର କରିଥିଲି, ଆପଣମାନଙ୍କ ମଧ୍ୟରୁ ଅନେକେ ଏହା ଶୁଣିଥିବେ । ମୁଁ ଜଙ୍ଗଲ ଦେଇ ଯାଉଥିଲି, ଶିକାର କରୁଥିଲି, ଏବଂ ମୁଁ ବୁଲି ପଡ଼ିବା ହେତୁ ଆକର୍ଷିତ ହେଲି । ଏବଂ ମୁଁ ଦେଖିଲି, ଆଉ ସେଠାରେ ଗୋଟିଏ ଖାଲି ସିଗାରେଟ୍ ଡବା କିମ୍ବା ଖୋଳ ରହିଥିଲା, ଅବା ଆପଣ ଏହାକୁ ଯାହାକିଛି ବି କୁହନ୍ତି । ଏବଂ ଏହା ସେହି କମ୍ପାନୀ ଅଟେ, ମୁଁ ଅନୁଭବ କରେ ଯେ ମୁଁ ତାହାର ନାମ କହିବା ଉଚିତ୍ ନୁହେଁ, କିନ୍ତୁ ସେହି ତମ୍ବାଖୁ କମ୍ପାନୀର…ସେମାନଙ୍କର ଏକ ସ୍ଲୋଗାନ ରହିଛି, "ଜଣେ ଚିନ୍ତାଶୀଳ ମନୁଷ୍ୟର ଛଣା ଯନ୍ତ୍ର, ଜଣେ ଧୂମପାନ କରୁଥିବା ବ୍ୟକ୍ତିଙ୍କର ସ୍ୱାଦ ।"

144 ମୁଁ ଜଙ୍ଗଲ ଭିତରକୁ ଆଉ ଟିକିଏ ଅଳ୍ପ—ଅଳ୍ପ ଚାଲିବାକୁ ଆରମ୍ଭ କଲି, ଏବଂ କିଛି ଗୋଟାଏ ବିଷୟ ମୋତେ ଆକର୍ଷିତ କଲା, "ସେହି ସିଗାରେଟ୍ ଖୋଳ ପାଖକୁ ଫେରିଯାଅ ।"

145 ମୁଁ ଭାବିଲି, "ସ୍ୱର୍ଗୀୟ ପିତା, ମୁଁ ସେଠାରେ ସେହି ଗଛ ତଳକୁ ଯାଉଅଛି ଯେଉଁଠାରେ ଦିନେ ସକାଳେ, ସେହି ଗୁଣ୍ଡୁଚିମୂଷାଗୁଡ଼ିକ ତୁମର କଥିତ ବାକ୍ୟ ଦ୍ୱାରା ଅସ୍ତିତ୍ୱରେ ଅଣା ଯାଇଥିଲେ । ତୁମେ ମୋତେ କାହିଁକି ଫେରାଇ ଡାକି ନେବ?"

146 ଆଉ କିଛି ଗୋଟେ କହିଲା, "ଆଗାମୀ ରବିବାର ଦିନ ପାଇଁ ତୁମ ନିମନ୍ତେ ଏକ ଉପଦେଶ ଆସୁଅଛି । ତୁମର ମୂଳ ପାଠ ଏହା ଉପରେ ଲେଖାହୋଇଛି ।"

ମୁଁ ଭାବିଲି, "ଗୋଟିଏ ସିଗାରେଟ୍ ଖୋଳ ଉପରେ?" ମୁଁ ଫେରିଗଲି ।

147 ଏବଂ ମୁଁ ଚିନ୍ତା କରିବାକୁ ଲାଗିଲି, "ଜଣେ ଚିନ୍ତାଶୀଳ ମନୁଷ୍ୟର ଛଣା ଯନ୍ତ୍ର," ତାହା କି ଏକ ପ୍ରତାରଣା ଅଟେ! ଯଦି ଜଣେ ବ୍ୟକ୍ତି ଏକ ଚିନ୍ତାଶୀଳ ମନୁଷ୍ୟ ହୁଏ, ତାହାହେଲେ ତ ସେ ଆଦୌ ଧୂମପାନ କରିବ ନାହିଁ । ମାତ୍ର, ଆପଣ ଦେଖନ୍ତୁ, ଲୋକମାନେ ତ ଏହାକୁ ଗିଳି ପକାଉଛନ୍ତି ।

148 ମୁଁ ବିଶ୍ୱାସ କରେ ଯେ ଏହା ଦୁଇ ବର୍ଷ ପୂର୍ବେ ଥିଲା, ଯେତେବେଳେ ମୁଁ ଗୋଟିଏ ସମ୍ମିଳନୀରେ ଥିଲି, ମୁଁ ବିଶ୍ୱ ମେଳାକୁ ଯାଇଥିଲି ଯେତେବେଳେ ତାହା ପଶ୍ଚିମ ତଟରେ ହୋଇଥିଲା । ଏବଂ ସେଠାରେ ସେମାନେ ୟୁଲ୍ ବ୍ରିନ୍ନରଙ୍କ ଚିତ୍ର ଏବଂ ଅନେକ କେତେକଙ୍କର ଚିତ୍ର ରଖିଥିଲେ । ଏବଂ ବୈଜ୍ଞାନିକମାନେ, ସେମାନଙ୍କ ମଧ୍ୟରୁ ଅନେକେ, ସେହି ସମାନ ହଲରେ, ଧୂମପାନର ବିପଦ ବିଷୟରେ କହିଥିଲେ । ସେମାନେ କିପରି ସେହି ଧୂଆଁକୁ ଏକ ମାର୍ବଲ ପଥରରେ ଟାଣିଲେ, ଏବଂ ଏକ ଛୋଟ ଗୋଲାକାରରେ ଘୁରାଇଲେ ଆଉ ସେଠାରୁ ସେହି ନିକୋଟିନ୍‌କୁ ନେଇ ତାକୁ ଗୋଟିଏ ମୂଷାର ପିଠି ଉପରେ ଥୋଇଲେ, ଏବଂ ତାକୁ ଏକ ପିଞ୍ଜରାରେ ରଖିଲେ, ସାତ ଦିନ ମଧ୍ୟରେ ସେ କର୍କଟରେ ଏତେ ପରିପୂର୍ଣ୍ଣ ହୋଇଗଲା ଯେ ଏପରିକି ସେ ଚାଲି ସୁଦ୍ଧା ପାରିଲା ନାହିଁ । ବୁଝିଲେ? ସେ କହିଲେ…ଏହାକୁ ପାଣି ଦେଇ ଟାଣିଲେ, ଏବଂ କହିଲେ, "ଛଣା ଯନ୍ତ୍ର!"

149 କହିଲି, "ଛଣା ଯନ୍ତ୍ର? ସେପରି କୌଣସି ବିଷୟ ନାହିଁ ।" କହିଲେ, "ତୁମେ…" ତେବେ, ଏହା ନିଜେ ବିଜ୍ଞାନ ଅଟେ । ସେମାନେ କହିଲେ, "ଆପଣଙ୍କ ପାଖରେ ଟାର୍ ନ ହେବା ଯାଏଁ ଆପଣ ଧୂଆଁ ପାଇପାରନ୍ତି ନାହିଁ । ଟାର୍ ଧୂଆଁକୁ ତିଆରି କରେ ।"

150 ଏବଂ ଏହା କେବଳ ଗୋଟିଏ ବିଷୟ ଅଟେ, ତାହା ହେଉଛି ଏହା ଅଧିକ ସିଗାରେଟ୍ ବିକ୍ରୟ କରିବା ପାଇଁ ଏକ କୌଶଳ ଅଟେ, ଯେତେବେଳେ ତାହା…ଯଦି…ମୁଁ ଆଶା କରେ ନାହିଁ ଯେ ଆପଣ ଏହା ଭାବନ୍ତି ଯେ ମୁଁ ଦେବଦ୍ରୋହୀ କିମ୍ୱା ଜଣେ ଧର୍ମାନ୍ଧ ଅଟେ । ଜଣେ ମନୁଷ୍ୟ ଭିତରେ ଥିବା ସେହି ଶୟତାନ, ତାକୁ ଧୂମପାନ କରାଇଥାଏ, ଯେପରିକି ସେ ଆପଣାକୁ ମାରି ଦିଏ । ଯେତେବେଳେକି ସେ—ସେ ଗୋଟିଏ ସିଗାରେଟର ନିକୋଟିନ୍ ଚାହିଁଥାଏ, ଯାହାକି ତାହାର ଇଚ୍ଛାକୁ ପୂରା କରିବ, ବର୍ତ୍ତମାନ ସେହି କମ୍ପାନୀ ଏହି ପ୍ରତାରଣାକାରୀ କୌଶଳ ସହିତ ଆସେ, ଏବଂ କୁହେ, "ଏକ ଚିନ୍ତାଶୀଳ ମଣିଷର ଛଣା ଯନ୍ତ୍ର ।" ତାକୁ ଚାରୋଟି କିମ୍ୱା ପାଞ୍ଚୋଟି ସିଗାରେଟ୍ ଟାଣିବାକୁ ପଡିବ, ଯେ ଆପଣଙ୍କ ଭିତରେ ସେତିକି ଟାର୍ ତିଆରି କରେ (ତାଙ୍କୁ ସନ୍ତୁଷ୍ଟ କରିବା ପାଇଁ) ଯେତିକି ଆପଣ ଗୋଟିକରେ କରିଥିଲେ । ଆମେରିକୀୟମାନେ ନିଜ ଭାଇ ଓ ଭଉଣୀମାନଙ୍କୁ ମୃତ୍ୟୁ ବିକ୍ରି କରୁଛନ୍ତି! ମୁଁ ତାହା ବୁଝେ ନାହିଁ ।

151 କିନ୍ତୁ ତଥାପି, ସେଠାରେ, ମୁଁ ଭାବିଲି, "ସେଠାରେ ଏକ ଚିନ୍ତାଶୀଳ ମନୁଷ୍ୟର ଛଣା ଯନ୍ତ୍ର *ଅଛି* ଯାହାକି ଠିକ୍ ଅଟେ ।"

152 ବର୍ତ୍ତମାନ, ଯଦି ଜଣେ ବ୍ୟକ୍ତି ଧୂମପାନ କରୁଛନ୍ତି, ମନେରଖନ୍ତୁ, ଏହା ଧୂମପାନ କରୁଥିବା ଜଣେ ବ୍ୟକ୍ତିଙ୍କର ସ୍ୱାଦକୁ ଉତ୍ପନ୍ନ କରେ । ତାହାପରେ, ଯଦି ଆପଣ ଏକ ଇ-...ଧୂଆଁର ଏକ ଇଚ୍ଛାକୁ ପୂରଣ ନ କରିପାରନ୍ତି ଯେପର୍ଯ୍ୟନ୍ତକି ଆପଣ ସେଠାରେ ଧୂଆଁ ନ ପାଇଯାଆନ୍ତି, ଯାହାକି ଆପଣଙ୍କଠାରେ କରିବ...ସ୍ୱାଦକୁ ଉତ୍ପନ୍ନ କରିବାକୁ ଅଛି, ତେଣୁକରି, ଆପଣ ଚାରୋଟି ସିଗାରେଟ୍, କିମ୍ବା ପାଞ୍ଚୋଟି ଧୂମପାନ କରନ୍ତି, ଏବଂ ତାହା ପାଇଁ ଆଗଠାରୁ ଅଧିକ ମୂଲ୍ୟ ଦିଅନ୍ତି, ଯେତିକି ଆପଣ କେବଳ ଗୋଟିଏ ନିୟମିତ ସିଗାରେଟ୍ ଟାଣିବାରେ ଦେଇଥାନ୍ତି । ଦେଖନ୍ତୁ, ଏହା ଏକ କୌଶଳ ଅଟେ, ଏକ ବିକ୍ରୟ କରିବାର କୌଶଳ; ଲୋକମାନଙ୍କୁ, ଆମେରିକୀୟମାନଙ୍କୁ ପ୍ରତାରଣା କରିଥାଏ । ଯେତେବେଳେ ମୁଁ ଭ୍ୟାଲି ଫୋର୍ଜ, ଜର୍ଜ ୱାଶିଂଟନ୍ ବିଷୟରେ ଚିନ୍ତା କରେ; ତାଙ୍କର ଦୁଇ-ତୃତୀୟାଂଶ ସୈନିକମାନଙ୍କ ସହିତରେ ଥିଲେ, ପୁଣି ସେହି ଶୀତ ଦିନରେ, ସେମାନଙ୍କ ପାଦରେ କୌଣସି ଜୋତା ନ ଥିଲା, କେବଳ ସେହି ଅର୍ଥନୀତିକୁ ନିର୍ମାଣ କରିବା ପାଇଁ ଯାହାକି ଆଜି ଆମର ଅଛି! ଆଉ ତାହାପରେ ଆମେରିକୀୟମାନେ ଆମେରିକୀୟକୁ, ନିଜର ଭାଇ ଏବଂ ଭଉଣୀକୁ, ଏକ ମିଥ୍ୟା କୌଶଳ ତଳେ, ମୃତ୍ୟୁ ବିକ୍ରି କରନ୍ତି, ଅଶୁଭ ଧନ ପାଇଁ, ଯାହାକି ସମସ୍ତ ମନ୍ଦତାର ମୂଳ ଅଟେ । ଟଙ୍କାର ଅଭିଳାଷ, ପ୍ରେମ । ସମଗ୍ର ବିଷୟଟି ପାଗଳ ହୋଇ ଯାଇଅଛି, ଏହା ନ ଜାଣି ଯେ ଏହି ସମଗ୍ର ଜିନିଷ ନଷ୍ଟ ହୋଇଯିବ! କିନ୍ତୁ ଯଦି ଆପଣ ଧୂଆଁ ନ ପାଆନ୍ତି, ଆପଣ ସ୍ୱାଦ ପାଇପାରିବେ ନାହିଁ ।

153 ତାହାପରେ ମୁଁ ଚିନ୍ତା କଲି, "ସେଠାରେ ଜଣେ ଚିନ୍ତାଶୀଳ ମନୁଷ୍ୟର ଛଣା ଯନ୍ତ୍ର ଅଛି ।" ଜଣେ ଚିନ୍ତାଶୀଳ ମନୁଷ୍ୟର ଛଣା ଯନ୍ତ୍ର! ଏବଂ ମୁଁ ମୋର ମୂଳ ପାଠ "ଜଣେ ଚିନ୍ତାଶୀଳ ମନୁଷ୍ୟର ଛଣା ଯନ୍ତ୍ର ଏକ ପବିତ୍ର ମନୁଷ୍ୟର ସ୍ୱାଦକୁ ଉତ୍ପନ୍ନ କରେ" ଠାରୁ ନେଲି ।

154 ତେଣୁ ମୁଁ ଚିନ୍ତା କଲି ଯେ ଆମର ନାମଧାରୀ ସଂସ୍ଥାମାନ ସେହିପରି ଅନେକ କାର୍ଯ୍ୟଗୁଡିକ କରିଛନ୍ତି, ଲୋକମାନଙ୍କୁ ଭିତରକୁ ନେଇ ନିଅନ୍ତି ଓ ନିଜକୁ ଯେକୌଣସି ଉପାୟରେ ବି ଖ୍ରୀଷ୍ଟିଆନ ବୋଲି କୁହାଇଥାନ୍ତି । କାହିଁକି? ସେମାନେ ତ ସେମାନଙ୍କର ନାମଧାରୀ ସଂସ୍ଥା କିମ୍ବା ସଂଗଠନଗୁଡିକରେ ଅଧିକ ଲୋକମାନଙ୍କୁ ପାଆନ୍ତି । ଆମେ ସେଠାରେ ଅଧିକ ପାଇଥାଉ କାରଣ ଆମେ ସେମାନଙ୍କୁ *ଏହା, ତାହା,* ଏବଂ ସେହି *ଅନ୍ୟ,* ପୁଣି ଯେକୌଣସି ବିଷୟ ତଳେ ଭିତରକୁ ଆସିବା ପାଇଁ ଦେଇଥାଉ । "ଏଥିରେ କୌଣସି ଫରକ୍ ପଡେ ନାହିଁ, କେବଳ ଏତିକି ଯେ ସେମାନେ ସେମାନଙ୍କର ନାମକୁ ପୁସ୍ତକରେ ରଖନ୍ତୁ ଏବଂ ସେମାନେ ଖ୍ରୀଷ୍ଟିଆନ ବୋଲି କୁହନ୍ତୁ । ତାହାହିଁ ସବୁ କିଛି । ଓଃ, 'ବିଶ୍ୱାସ ଦ୍ୱାରା ତୁମେ ଉଦ୍ଧାର ପାଇଥାଅ ।' ଆପଣଙ୍କୁ ବିଶ୍ୱାସ କରିବାକୁ ଅଛି ।" ଶୟତାନ ମଧ୍ୟ ସେହି ସମାନ ବିଷୟ କରିଥାଏ । ହଁ ।

155 ଆପଣଙ୍କୁ ତ ନୂତନ ଭାବେ ଜନ୍ମ ହେବାକୁ ପଡିବ, ଏବଂ ତାହା ପରମେଶ୍ୱରଙ୍କ ଛଣା ଯନ୍ତ୍ର ମାଧ୍ୟମରେ ଆସିଥାଏ! ବର୍ତ୍ତମାନ ସେଠାରେ ଜଣେ ଚିନ୍ତାଶୀଳ ମନୁଷ୍ୟର ଛଣା ଯନ୍ତ୍ର ଅଛି । ମୁଁ ଏହାକୁ ମୋ ହାତରେ ଧରିଛି । ଏହା ଏକ ନାମଧାରୀ ସ୍ୱାଦ ଉତ୍ପାଦନ କରିବ ନାହିଁ, କିନ୍ତୁ ଏହା ନିଶ୍ଚିତ ଭାବରେ ଜଣେ ପବିତ୍ର ବ୍ୟକ୍ତିଙ୍କର ସ୍ୱାଦକୁ ସନ୍ତୁଷ୍ଟ କରିବ, ଆପଣ ଜାଣନ୍ତି ।

156 କିପରି ଭାବରେ ଜଣେ ଛୋଟ ଛୋଟ କେଶ-ବିଶିଷ୍ଟ ମହିଳା ଏହି ଛଣା ଯନ୍ତ୍ର ଦେଇ ଆସି ପାରିବ? କିପରି ଜଣେ ମହିଳା ଛୋଟ ଜାମା ସର୍ଟଗୁଡିକ ପିନ୍ଧି, କିମ୍ବା ଚିପା ଜମା ସ୍ଲାକଗୁଡିକ ପିନ୍ଧି ଏହି ମାଧ୍ୟମ ଦେଇ ଆସି ପାରିବ, ଯେତେବେଳେକି ବାଇବଲ କୁହେ, "ଜଣେ ସ୍ତ୍ରୀଲୋକ ପାଇଁ ପୁରୁଷର ପୋଷାକ ପିନ୍ଧିବା, ଏହା ପରମେଶ୍ୱରଙ୍କ ଦୃଷ୍ଟିରେ ଘୃଣ୍ୟଯୋଗ୍ୟ ବିଷୟ ଅଟେ"? ଏବଂ କିପରି ଜଣେ ପୁରୁଷ ଯିଏକି ନିଜ ବିଷୟରେ କିଛି ଗୋଟାଏ ଭାବୁଥାଏ, ଏଠାରେ ବାହାରି ଯାଇ ସ୍ତ୍ରୀଲୋକ ଭଳି ବସ୍ତ୍ର ପରିଧାନ କରିପାରେ, ନିଜର କେଶକୁ ଜଣେ ସ୍ତ୍ରୀଲୋକ ପରି ବଢିବାକୁ ଦେଇପାରେ, ଆଖିର ତଳେ, ବେଣୀ କରିପାରେ, ଏବଂ *ସେହିପରି* କୁଞ୍ଚନ କରିପାରେ? ସେ ତ ନିଜ ପତ୍ନୀର ଆନ୍ତରିକ ପୋଷାକ ପିନ୍ଧିଛି। ତାର ପତ୍ନୀ ତାହାର ବାହ୍ୟ ପୋଷାକ ପିନ୍ଧିଛି। ଜଣେ ଚିନ୍ତାଶୀଳ ମନୁଷ୍ୟର ଛଣା ଯନ୍ତ୍ର? ଜଣେ ଚିନ୍ତାଶୀଳ ମନୁଷ୍ୟ ତାହା କରିବେ ନାହିଁ, କିମ୍ବା ଜଣେ ଚିନ୍ତାଶୀଳ ମହିଳା ତାହା କରିବେ ନାହିଁ। ପରମେଶ୍ୱରଙ୍କ ବାକ୍ୟ ଏହାକୁ ଅତିକ୍ରମ କରିବାକୁ ଦେବ ନାହିଁ।

157 ଏପରି ଗୋଟିଏ ହେଲେ ଜିନିଷ ନାହିଁ ଯାହାକି ସେହି ବାକ୍ୟ ଦେଇ ଅତିକ୍ରମ କରିପାରିବ। ତାହାହିଁ ପବିତ୍ରଆତ୍ମା ଅଟନ୍ତି, ଏବଂ ଏହା ଆପଣଙ୍କ ଭିତରେ ବାକ୍ୟକୁ ନେଇ ଆସିଥାଏ, ଏବଂ ଏହା ପବିତ୍ର ବ୍ୟକ୍ତିଙ୍କର ଏକ ସ୍ୱାଦକୁ ଉତ୍ପନ୍ନ କରେ।

158 ଆଜି ଦେଖନ୍ତୁ, ରାସ୍ତାରେ ରିକେଟାକୁ, ପରମେଶ୍ୱର ସୁନ୍ଦର, ସୁଗଠିତ ଶରୀର ଦେଇଛନ୍ତି, ଆଉ ଶୟତାନ ଏହାକୁ ବ୍ୟବହାର କରୁଅଛି। ଏବଂ ସେ ଏତେ ଅନୈତିକ ପୋଷାକ ପିନ୍ଧିବ, ଏହା ନ ଜାଣି ଯେ ଆଜିଠାରୁ ନେଇ ଗୋଟିଏ ସପ୍ତାହ ଭିତରେ ସେ କବରରେ କ୍ଷୟପ୍ରାପ୍ତ ହେଉଥିବ।

159 ଅଳ୍ପ କେତେ ଦିନ ପୂର୍ବରୁ ଏଠାରେ ରାସ୍ତାରେ ଆସୁଥିବା ବେଳେ। ପଶ୍ଚିମ ତଟରେ ଥିବା ଆସେମ୍ବଲି ଅଫ୍ ଗଡର ଏକ ସମ୍ମିଳନୀରେ ମୁଁ ପ୍ରଚାର କରୁଥିଲି, ଦକ୍ଷିଣ-ପଶ୍ଚିମାଞ୍ଚଳ ବାଇବଲ ବିଦ୍ୟାଳୟର ଏକ ସଭାରେ। ଜଣେ ସାନ ମହିଳା ରାସ୍ତାରେ ଚାଲି ଯାଉଥିଲେ, ଜଣେ ସାନ...ସେହି ଛୋଟ ଛୋଟ ପୋଷାକ ପିନ୍ଧିଥିଲେ, ସନ୍ତରଣ ପୋଷାକ ବିକିନି, କିଅବା ଯାହା ବି ଆପଣ ଏହାକୁ କୁହନ୍ତି, ଏବଂ ସେହି ପୋଷାକର ଅଗ ଝୁଲି ରହିଥିଲା, ଏକ ଗାଈ ଚରୁଆ ଟୋପି ଏବଂ ଜୋତା ପିନ୍ଧିଥିଲେ। ମୁଁ ରାସ୍ତାରେ ଯାଉଥିଲି। ମୁଁ ଚିନ୍ତା କଲି, "ବେଚାରା ସାନ ମହିଳାଟି, କୌଣସି ମାଆ ଏବଂ ବାପାଙ୍କ ସନ୍ତାନ, ଏଠାରେ ପରମେଶ୍ୱରଙ୍କ ଝିଅ ହେବା ପାଇଁ ରଖାଯାଇଥିଲେ, ଆଉ ଶୟତାନର ଏକ ଚାରା ଜାଲରେ ପରିଣତ ହୋଇ ଯାଇଅଛି।" ମୁଁ ଭାବିଲି, "ମୁଁ ବିଶ୍ୱାସ କରେ ଯେ ମୁଁ କେବଳ ବୁଲି ପଡିବି, ଏବଂ ଯାଇ ସେହି ପିଲାଟିକୁ କହିବି।" ସେ ସେଠାରେ ମୋର ସାରାର ବୟସ, ସତର ବର୍ଷ, ଷୋହଳ ବର୍ଷ କିମ୍ବା ସେହିପରି କିଛି ହୋଇଥିବା ପରି ଦେଖାଯାଉଥିଲେ। ମୁଁ ଭାବିଲି, "ନା, ମୋର ଯିବା ଉତ୍ତମ ନୁହେଁ। ମୁଁ କେବଳ ଏଠାରେ ରାସ୍ତାରେ ଯାଇ ତାଙ୍କ ପାଇଁ ପ୍ରାର୍ଥନା କରିବି। କେହି ଯଦି ମୋତେ ତାଙ୍କୁ ଅଟକାଇ ତାଙ୍କ ସହ କଥାବାର୍ତ୍ତା କରୁଥିବାର ଦେଖି ପକାଇବ, ଉତ୍ତମ ହେବ ଯେ ମୁଁ ତାହା ନ କରେ।"

160 ତେବେ, ପୁଣି ଶୁଣନ୍ତୁ, ହେ ପରମେଶ୍ୱରଙ୍କର ପୁତ୍ରଗଣ, ଆପଣ ସେହି ସମାନ ସ୍ଥାନକୁ ପହଞ୍ଚନ୍ତି, ଯେଉଁଠାରେ ଏହି ଦିନର ଇଷେବଲମାନେ ଆପଣଙ୍କ ସହିତ ଖେଳନ୍ତି, ମାତ୍ର ଜଣେ ଚିନ୍ତାଶୀଳ ମନୁଷ୍ୟ ପ୍ରଥମେ ଚିନ୍ତା କରିବ । ସେ ଅତି ସୁନ୍ଦର ହୋଇ ଥାଇପାରେ, ହୋଇପାରେ ଯେ "ମୋର ତାହା ସହିତ ଏକ ଚର୍ଚ୍ଚିତ ଯୋଡ଼ି ହୋଇପାରେ," କିନ୍ତୁ ହେ ବାଳକ, ଏହା ଆପଣଙ୍କୁ ଆପଣଙ୍କର ପ୍ରାଣର ମୂଲ୍ୟ ଦେବାକୁ ପଡିପାରେ; ଆପଣଙ୍କ ମଧ୍ୟରୁ କେତେକ ଝିଅମାନେ, ଏହି ରିକୀ ପିଲାମାନଙ୍କ ପାଇଁ ଦେବାକୁ ପଡିପାରେ! ଚିନ୍ତାଶୀଳ ମନୁଷ୍ୟର ଛଣା ଯନ୍ତ୍ର ଏକ ପବିତ୍ର ବ୍ୟକ୍ତିଙ୍କର ସ୍ୱାଦକୁ ଉତ୍ପନ୍ନ କରେ ।

161 ଆପଣ ବିବାହିତ ପୁରୁଷମାନେ, ଯେତେବେଳେ ଆପଣ ସେହି ପ୍ରକାରେ ରାସ୍ତାରେ ସ୍ତ୍ରୀମାନଙ୍କୁ ଦେଖନ୍ତି, ହେ ପରମେଶ୍ୱରଙ୍କ ପୁତ୍ରଗଣ, କଅଣ ଆପଣ ଏହା ହୃଦୟଙ୍ଗମ କରନ୍ତି ନାହିଁ ଯେ ପ୍ରଥମ ଆରମ୍ଭରେ କଅଣ ଘଟିଥିଲା? ଯେତେବେଳେ ଜଳ ପ୍ଲାବନର ଜଗତ ସମୟରେ ବିଜ୍ଞାନ ସ୍ତ୍ରୀମାନଙ୍କୁ ଏତେ ସୁନ୍ଦର କରି ଦେଇଥିଲା, ଏପରିକି ଯେ ପରମେଶ୍ୱରଙ୍କ ପୁତ୍ରଗଣ ମନୁଷ୍ୟର କନ୍ୟାଗଣଙ୍କୁ ଗ୍ରହଣ କରି ନେଲେ (ପରମେଶ୍ୱରଙ୍କ କନ୍ୟାଗଣଙ୍କୁ ନୁହଁନ୍ତି), ଏବଂ ପରମେଶ୍ୱର ଏହାକୁ କଦାପି ଭୁଲି ନ ଥିଲେ । ସେମାନେ ସମଗ୍ର ବିଷୟକୁ ନଷ୍ଟ କରି ଦେଲେ; ବିଜ୍ଞାନ, ଅତ୍ୟଧିକ ସୁନ୍ଦର । ଏହା ଏପରି ହେଉଥିଲା...ଆପଣ ଶେଷ ଦିନରେ ସ୍ତ୍ରୀମାନଙ୍କର ସୁନ୍ଦରତାରେ ବୃଦ୍ଧିକୁ ଲକ୍ଷ୍ୟ କରନ୍ତୁ, ଏହା ଅନ୍ତ ସମୟର ଚିହ୍ନ ଅଟେ; ପରମେଶ୍ୱର ଏହା ପ୍ରମାଣ କରିଛନ୍ତି । ତେଣୁ, ଜଣେ ଚିନ୍ତାଶୀଳ ମନୁଷ୍ୟର ଛଣା ଯନ୍ତ୍ରକୁ ବ୍ୟବହାର କରନ୍ତୁ, ଆପଣ ଜଣେ ପବିତ୍ର ବ୍ୟକ୍ତିଙ୍କର ସ୍ୱାଦକୁ ପାଇବେ । ଏହା ଆପଣଙ୍କୁ ନିଜର ଘରର ମୂଲ୍ୟ ଦେବାକୁ ପଡ଼ିପାରେ । ଏହା ଆପଣଙ୍କୁ ନିଜର ବୃତ୍ତିର ମୂଲ୍ୟ ଦେବାକୁ ପଡ଼ିପାରେ । ଆପଣଙ୍କ ପାଖରେ ଯାହାକିଛି ଅଛି ଆପଣଙ୍କୁ ତାହା ସବୁର ମୂଲ୍ୟ ଦେବାକୁ ପଡ଼ିପାରେ; ଏହା ବ୍ୟତୀତ, ଆପଣଙ୍କର ପ୍ରାଣର ମୂଲ୍ୟ ଦେବାକୁ ପଡ଼ିପାରେ! ଏହା ଆପଣଙ୍କର ଘରକୁ ଭାଙ୍ଗି ଦେବ । ହୋଇପାରେ ଯେ ଅନ୍ୟ ଜଣେ ପୁରୁଷ ଆପଣଙ୍କର ସନ୍ତାନମାନଙ୍କୁ ଲାଳନ ପାଳନ କରନ୍ତି, କିମ୍ୱା ଅନ୍ୟ ଜଣେ ସ୍ତ୍ରୀଲୋକ ଆପଣଙ୍କର ସନ୍ତାନମାନଙ୍କୁ ଲାଳନ ପାଳନ କରନ୍ତି ।

162 ଜଣେ ଚିନ୍ତାଶୀଳ ମନୁଷ୍ୟର ଛଣା ଯନ୍ତ୍ରକୁ ନିଅନ୍ତୁ, ଏହା ଜଣେ ପବିତ୍ର ମହିଳାଙ୍କର ସ୍ୱାଦକୁ ଉତ୍ପନ୍ନ କରିବ । ଯେତେବେଳେ ଆପଣ ବାରିକ ଦୋକାନକୁ ଯାଆନ୍ତି, କିମ୍ୱା ଅନ୍ୟ କିଛିକୁ ଯାଆନ୍ତି, ଏବଂ ସେମାନେ ଆପଣଙ୍କୁ କୁହନ୍ତି, "ଆପଣ ଜାଣନ୍ତି, ଆପଣଙ୍କର ଏକ ମୁଣ୍ଡବିନ୍ଧା ହେବାକୁ ଯାଉଅଛି ।" ଜଣେ ଚିନ୍ତାଶୀଳ ମହିଳାଙ୍କର ଛଣା ଯନ୍ତ୍ରକୁ ନିଅନ୍ତୁ, ଯେ ବାଇବଲ କଅଣ କୁହେ, ଦେଖନ୍ତୁ, ତାହାପରେ ଏଥିରୁ ଦୂରେଇ ଯାଆନ୍ତୁ । ବୁଝିଲେ? ଆପଣ ତାହା କରନ୍ତୁ ନାହିଁ ।

163 ମୁଁ ଆପଣଙ୍କର ଭାଇ ଅଟେ, ଏବଂ ମୁଁ ଆପଣଙ୍କୁ ପ୍ରେମ କରେ । ଆପଣଙ୍କ ବିରୁଦ୍ଧରେ ମୋର କିଛି ହେଲେ ନାହିଁ । ପରମେଶ୍ୱର ଜାଣନ୍ତି । ଏବଂ ତାହା ହିଁ ଅଟେ ଯାହାକି ମୋତେ ସେହି ବିଷୟସବୁ କହିବା ପାଇଁ ବାଧ୍ୟ କରେ ଯାହା ମୁଁ କହିଥାଏ, ତାହାର କାରଣ ହେଉଛି ଆପଣମାନଙ୍କ ପାଇଁ ପରମେଶ୍ୱରଙ୍କର—ର ପ୍ରେମ । ଯଦି ଜଣେ ବ୍ୟକ୍ତି ସେଠାକୁ ଯାଆନ୍ତି ଏବଂ ସେମାନେ ଆପଣଙ୍କୁ କୁହନ୍ତି ନାହିଁ, ଆପଣଙ୍କର ପାଳକ ଆପଣଙ୍କୁ ଆଖପାଖରେ ବସି

ସେହିପରି କାର୍ଯ୍ୟକଳାପ କରିବାକୁ ଦିଅନ୍ତି, ତେବେ ସେ ଆପଣଙ୍କୁ ପ୍ରେମ କରନ୍ତି ନାହିଁ । ସେ ଆପଣଙ୍କୁ ପ୍ରେମ କରିପାରନ୍ତି ନାହିଁ । ମୁଁ ସ୍ତ୍ରୀଲୋକମାନଙ୍କ ପାଇଁ ସେହିପରି କୌଣସି ପ୍ରେମ ଚାହିଁବି ନାହିଁ । ମୁଁ ତ ମୋର ଭଉଣୀ ପାଇଁ ଏକ ପବିତ୍ର ସ୍ୱାଦ ରଖିବାକୁ ଚାହିଁବି । ମୁଁ ଚାହେଁ ଯେ ସେ ପ୍ରକୃତରେ ମୋର ଭଉଣୀ ହୁଅନ୍ତୁ । ଏପରି ନୁହେଁ ଯେ କେହି ଜଣେ କହିପାରନ୍ତି, କେହି ଜଣେ ତାଙ୍କ ବିଷୟରେ ସେ ଏତେ ସୁନ୍ଦର ଏବଂ ସେ ଏପରି ଅଟନ୍ତି ବୋଲି କହିପାରନ୍ତି, ଏବଂ ସେହି ଯୌନ ଅଭିଳାଷୀ ରାଣୀ, "ସେ ତ ଯାଆନ୍ତି..." ହୁଃ-ଉଃ । ନା । ସେ ଜଣେ ମହିଳା ହେଉନ୍ତୁ ବୋଲି ମୁଁ ଚାହେଁ!

164 ହେ ପ୍ରଭୁ, ମୋତେ ସେହି ଶୈଳ ତଳେ ରଖ । ହଁ । ଏଫିସୀୟ 5:26 ରେ, କେବଳ ଗୋଟିଏ ମାତ୍ର ଉପାୟ ଯେ ଆପଣ ସେହି ଶୈଳ ଦେଇ ଯାଇପାରନ୍ତି, ତାହା ହେଉଛି, "ବାକ୍ୟ ଦ୍ୱାରା ପୃଥକ୍କୀକରଣର ଜଳ ଦ୍ୱାରା ଧୌତ ହୋଇ ।" ତାହା ଠିକ୍ ଅଟେ ।

165 ତେବେ, ଏହି ଶୟତାନକୁ ତାର ଶିକ୍ଷା ଦ୍ୱାରା ଆପଣଙ୍କୁ ଛିଞ୍ଚିବାକୁ ଦିଅନ୍ତୁ ନାହିଁ । ନା ନା । ଏହା ଆପଣଙ୍କର ପ୍ରଭାବକୁ ମାରି ପକାଇବ । ଶୟତାନକୁ ତାହା ହରି ନେବାକୁ ଦିଅନ୍ତୁ ନାହିଁ, "ତେବେ, ମୁଁ ସେହି ମଣ୍ଡଳୀରେ ସମ୍ପୃକ୍ତ ଅଟେ ଯେଉଁଥିରେ ମୋର ମାଆ ସମ୍ପୃକ୍ତ ଥିଲେ, ଯେଉଁଥିର ମୋର ବାପା, ମୋର ଜେଜେମା ଥିଲେ ।" ଶୟତାନକୁ ତାହା ସହିତ ଆପଣଙ୍କୁ ଛିଞ୍ଚିବାକୁ ଦିଅନ୍ତୁ ନାହିଁ । ସପ୍ତ ମଣ୍ଡଳୀ ଯୁଗ ଉପରେ, ଏବଂ ସେଠାରେ ଥିବା ବିଷୟଗୁଡ଼ିକରେ, ବାଇବଲ ପୂର୍ବରୁ କହିସାରିଛି, ଯେ ଏହା ସବୁ ବୀଜ ମଧ୍ୟକୁ ଯାଇଅଛି! ତାହା ଠିକ୍ । ସମଗ୍ର ବିଷୟଟି ଦୁର୍ନୀତିଗ୍ରସ୍ତ ଅଟେ । ସମଗ୍ର ବିଷୟଟି ଏକ ଦୁର୍ଗନ୍ଧଯୁକ୍ତ ଘାଆ ଅଟେ । ତାକୁ ଆପଣଙ୍କ ଉପରେ ଛିଞ୍ଚିବାକୁ ଦିଅନ୍ତୁ ନାହିଁ, କହିବାକୁ ଦିଅନ୍ତୁ ନାହିଁ, "ତେବେ, ଏହା ତ ଉଚ୍ଚ ନୈତିକତାର ବିଷୟ ଅଟେ । ପୁରୁଣା ଦିନ ତୁଳନାରେ ଆମେମାନେ ଅଧିକ ଶିକ୍ଷିତ ଅଟୁ ।" ଶୟତାନକୁ ତାହା ଆପଣଙ୍କ ଉପରେ ରଖିବାକୁ ଦିଅନ୍ତୁ ନାହିଁ । ମୁଁ ଆପଣଙ୍କୁ ତାର ସଭ୍ୟତା, ଶିକ୍ଷା ଏବଂ ବିଜ୍ଞାନର ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମ ଦେଖାଇ ଦେଇଅଛି । ସେ ଏହାକୁ ଠିକ୍ ମଣ୍ଡଳୀ ଭିତରକୁ ନେଇ ଆସିଅଛି, ଏବଂ ଆପଣ ତାହା ଶୁଣନ୍ତୁ ନାହିଁ । ଆପଣ ନିଜର ମୁଣ୍ଡକୁ ସେହି ପୁରୁଣା ମଇଳା ଟେଲିଭିଜନ୍ ଏବଂ ଜିନିଷଗୁଡ଼ିକରୁ ଦୂରେଇ ରଖନ୍ତୁ!

166 ଏବଂ ଆମର ମୂଳପାଠ କହେ, "ଅନୁରୂପୀ ହୁଅ ନାହିଁ, ମାତ୍ର ତୁମେ ପରିବର୍ତ୍ତିତ ହୁଅ ।" ଏପରି ନୁହେଁ ଯେ ଭିତରକୁ ଯାଇ ଏହା କହିବେ, "ରବିବାର ଦିନ, ମୁଁ ସୁନିଶ୍ଚିତ ହୋଇଥିଲି ।" ନା । ଭିତରକୁ ଯାଆନ୍ତୁ ଏବଂ ଠିକ ବର୍ତ୍ତମାନ ହିଁ ରୂପାନ୍ତରିତ ହୁଅନ୍ତୁ, ଆପଣ ଯାହା ଥିଲେ ସେଥିରୁ, ପରମେଶ୍ୱର ଆପଣଙ୍କୁ ଯାହା କରିବାକୁ ଚାହାଁନ୍ତି ସେଥିରେ ରୂପାନ୍ତରିତ ହୁଅନ୍ତୁ ।

167 ତେବେ, ଏହା ସେଥିରେ ନିର୍ଭର କରେ ଯେ ଆପଣଙ୍କ ଭିତରେ କେଉଁ ପ୍ରକାରର ବୀଜ ଅଛି । ଯଦି ଆପଣଙ୍କ ଭିତରେ ଏକ ବୌଦ୍ଧିକ, ଶିକ୍ଷାଗତ ବୀଜ ରଖାଯାଇଛି, ତାହାହେଲେ ସେଠାରେ କେବଳ ଗୋଟିଏ ବିଷୟ ଅଛି ଯାହାକି ତାହା କରିପାରେ, ଯେ ଆପଣଙ୍କୁ, ପରମେଶ୍ୱରଙ୍କ ପୁତ୍ର କିମ୍ବା କନ୍ୟା ଭାବରେ, ବିକୃତ କରେ, ତାହାହିଁ ସବୁକିଛି ଅଟେ । ଏହା

ହିଁ କେବଳ ମାତ୍ର ବିଷୟ ଯାହାକି ତାହା କରିପାରେ । ଲୋକମାନେ ଆଜି, ଯେତେବେଳେକି ମୁଁ ଦେଖେ, ସେମାନେ ଏପରି ଭାବରେ ଆଚରଣ କରନ୍ତି ଯେପରିକି ସେମାନେ ଏହା ସୁଦ୍ଧା ବିଶ୍ୱାସ କରନ୍ତି ନାହିଁ ଯେ ଜଣେ ପରମେଶ୍ୱର ଅଛନ୍ତି ।

168 ଏହି ଅଭିବ୍ୟକ୍ତିକୁ କ୍ଷମା କରନ୍ତୁ । ଯଦି ଏହା ଦ୍ୱାରା କାହାରି ଭାବନା ଆଘାତ ପାଇଥାଏ, ମୋର ତାହା ଅଭିପ୍ରାୟ ନୁହେଁ। କେତେକ ରବିବାର ପୂର୍ବରୁ ମୋତେ ମୋର ନିଜର ଝିଅ ଦ୍ୱାରା ଆମନ୍ତ୍ରଣ କରା ଯାଇଥିଲା, ଯେ ଏକ ଟେଲିଭିଜନ ସେଟ ପାଖକୁ ଯାଇ ଏକ ଧାର୍ମିକ ଗୀତଗାନକୁ ଦେଖେ । ଏହା ରବିବାର ସକାଳେ ଥିଲା । ମୁଁ ଓରାଲ୍ ରୋବର୍ଟସ୍‌ଙ୍କୁ ତାଙ୍କ କାର୍ଯ୍ୟକ୍ରମରେ ଶୁଣିବାକୁ ଚାହୁଁଥିଲି, ମୋତେ ତାହା ଜଣାଇବା ପାଇଁ ମୁଁ ସେମାନଙ୍କୁ କହିଥିଲି । କହିଲେ, "ଆପଣ ଏହା ଶୁଣନ୍ତୁ, ଏହା ଏକ ମହାନ୍ ଭଜନ ଗାନ ଅଟେ ।" ମୋ ପୁଅ ମଧ୍ୟ, ସେଠାରେ ଠିଆ ହୋଇ, ମୋତେ ତାହା ବିଷୟରେ କହିଲା । ଏବଂ ମୁଁ ସେହି ସେଟ୍ ଆଡ଼କୁ ବୁଲି ପଡିଲି...

169 ଆମେ ଜଣେ ମହିଳାଙ୍କଠାରୁ ସେହି ଟେଲିଭିଜନ ଭଡାରେ ନେଲୁ ଯାହାକି ତାଙ୍କ ଘରେ ଥିଲା । ମୁଁ ମୋ ଘରେ କେବେବି ସେହିପରି ଗୋଟିଏ ଜିନିଷ ରଖିବାକୁ ଇଚ୍ଛା କରେ ନାହିଁ । ନା, ମହାଶୟ । ମୁଁ ମୋ ଘରେ ସେହି ଜିନିଷ ଚାହେଁ ନାହିଁ । ମୁଁ ମୋର ବନ୍ଧୁକରେ ଏହାକୁ ଉଡ଼ାଇ ଦେବି । ମୁଁ ସେହି ମନ୍ଦ ଜିନିଷ ସହିତ କିଛି ହେଲେ କରିବାକୁ ଚାହେଁ ନାହିଁ । ନା, ଆଜ୍ଞା! କିନ୍ତୁ ଗୋଟିଏ ନେଲି...

170 ମୋତେ ଆପଣମାନଙ୍କୁ ଏଠାରେ ଆପଣ ଆରିଜୋନାବାସୀମାନଙ୍କ ବିଷୟରେ କହିବାକୁ ଦିଅନ୍ତୁ । ଆପଣମାନେ ଅନ୍ୟ ଦିନ ବିଦ୍ୟାଳୟଗୁଡ଼ିକ ସମ୍ବନ୍ଧରେ, ସେହି ବିଶ୍ଳେଷଣକୁ ଦେଖିଲେ, କଅଣ ନୁହେଁ କି? ଆରିଜୋନାର ବିଦ୍ୟାଳୟରେ ଅଶୀ ପ୍ରତିଶତ ପିଲାମାନେ ମାନସିକ ଅଭାବରେ ପୀଡିତ ଅଟନ୍ତି, ସେମାନଙ୍କ ମଧ୍ୟରୁ ସତ-ଷଠି ପ୍ରତିଶତ ଟେଲିଭିଜନ ଦେଖିବା ଦ୍ୱାରା ହୋଇଥିଲେ । ତାହା ବିଷୟରେ କଅଣ ଅଟେ?

171 ଉତ୍ତମ ହେବ ଯେ ଆପଣ ନିଜର ବନ୍ଧୁକ ବ୍ୟବହାର କରି ନେଇଥାନ୍ତେ! ବୁଝିଲେ? ବର୍ତ୍ତମାନ, ଶୟତାନକୁ ତାହା ଆପଣମାନଙ୍କ ଉପରେ ଛିଞ୍ଚିବାକୁ ଦିଅନ୍ତୁ ନାହିଁ । ନା, ଆଜ୍ଞା । ବର୍ତ୍ତମାନ ଲୋକମାନେ, ଯେପରି ମୁଁ କହିଲି, ଲୋକମାନେ ଏପରି ଭାବରେ ଆଚରଣ କରନ୍ତି ଯେପରିକି ସେମାନଙ୍କୁ ବିଚାରକୁ ଆସିବାକୁ ହିଁ ପଡିବ ନାହିଁ ।

172 ଏହି ବାଳକ ଏବଂ ବାଳିକାମାନେ, ସେମାନେ କୌଣସି ଭାରତୀୟ ପରିବାରରୁ ଥିଲେ, ଏବଂ ଅନେକ କିଛି ସୌନ୍ଦର୍ଯ୍ୟ ପ୍ରସାଧନ ଲଗାଇଥିଲେ । ମୁଁ ଭାବୁଛି ଯେ ଶ୍ରୀମାନ ପୁଲ୍ ନାମକ ଜଣେ ବ୍ୟକ୍ତି ଏହାର ମୁଖ୍ୟ ଅଟନ୍ତି । ଏବଂ ଯଦି ମୁଁ କେବେ ଭଜନଗୁଡ଼ିକର ଏକ ଆଧୁନିକ ଉପହାସ ଦେଖିଥିଲି, ତେବେ ସେହି ପ୍ରକାରେ ହିଁ ସେମାନେ ଏହାକୁ ପରିଚାଳନା କରିଥିଲେ; ସେଠାରେ ଦଳେ ବାଳୁଙ୍ଗା ରିକୀ ଠିଆ ହୋଇ, ନିଜର ହାତଗୁଡିକୁ ଉପରକୁ-ଓ-ତଳକୁ ହଲାଇଥିଲେ ।

173 ମୁଁ ନିଶ୍ଚିତ ଭାବରେ ଆଜି ସକାଳେ ଏଠାରେ ଥିବା ସେହି ଯୁବା ବ୍ୟକ୍ତିଙ୍କୁ ପ୍ରଶଂସା କରେ, ଯିଏକି ଗୀତ ଗାଇଥିଲେ, ଜଣେ ବାସ୍ତବ ପୁରୁଷ ପରି, ଭଦ୍ର ଦିଶୁଥିଲେ। ମୁଁ—ମୁଁ ତାହା ପସନ୍ଦ କରେ। ଯେତେବେଳେ ଆପଣ—ଆପଣ ବ୍ୟବସାୟୀମାନେ କୌଣସି ସମୟରେ ଏଠାରେ ଦଳେ ବାଳୁଙ୍ଗା ରିକୀମାନଙ୍କୁ ନେଇ ଆସନ୍ତି ଯେଉଁମାନେକି ଏଠାରେ ଛିଡା ହୁଅନ୍ତି, ଏବଂ ହୋ ହାଲ୍ଲା ଓ ପାଟିତୁଣ୍ଡ କରନ୍ତି, ଆଉ ସେହିପରି କାର୍ଯ୍ୟକଳାପ କରନ୍ତି, ଏବଂ ମୁହଁ ନୀଳ ନ ପଡ଼ିବା ପର୍ଯ୍ୟନ୍ତ ସେମାନେ ନିଜର ନିଶ୍ୱାସକୁ ଧରି ରଖନ୍ତି; ତେବେ ତାହା ଗୀତ ଗାଇବା ନୁହେଁ, ତାହା ତ କେବଳ ବହୁତ ଅଧିକ ବୈଜ୍ଞାନିକ ପାଟିତୁଣ୍ଡ କରିବା ଅଟେ। *ଗୀତଗାନ* ହେଉଛି "ହୃଦୟରୁ ସଂଗୀତ ବାହାରିବା।"

174 ଏବଂ ମୁଁ ଭାବିଲି, "କେଡ଼େ ଦୁଃଖର ବିଷୟ! ଏହା କେତେ ଲଜ୍ଜାଜନକ ଅଟେ! ତେବେ କିପରି ଧର୍ମ ନାମରେ, ସେମାନେ ଏପରି ଭାବରେ ଆଚରଣ କରନ୍ତି ଯେପରିକି କୌଣସି ପରମେଶ୍ୱର ହିଁ ନାହାଁନ୍ତି!" କେହି ଜଣେ, ଅନ୍ୟ ଦିନେ ଗୋଟିଏ ପୁଅ ପିଲାକୁ କହିଲେ, ଯିଏକି ମୋ ଝିଅ ସହିତ ଯାଏ, ଖ୍ରୀଷ୍ଟିଆନ ବାଳକ କହିଲେ, ଆଦମ ଏବଂ ହବା ବିଷୟରେ ଏକ ପ୍ରଖର ଟିପ୍ପଣୀ ଦେଲେ, କହିଲେ, "ହବା ଉଦ୍ୟାନ ଦେଇ ଯାଉଅଛି। କହିଲେ, 'ପିଲାମାନେ, କଅଣ ତୁମେ ସେହି ଗଛକୁ ସେଠାରେ ଦେଖୁଅଛ?' କହିଲେ, 'ସେଠାରେ ହିଁ ଅଟେ ଯେଉଁଠାରେକି ତୁମର ମାଆ ଆମକୁ ଘର ଏବଂ ଗୃହରୁ ଖାଇଦେଲା।'" କଅଣ ଆପଣ କଳ୍ପନା କରିପାରିବେ, ଯାହାକୁ ଜଣେ କଠୋର ଖ୍ରୀଷ୍ଟିଆନ ବୋଲି ଅନୁମାନ କରାଯାଏ, ସେ ପରମେଶ୍ୱରଙ୍କ ଏକ ପ୍ରତିଜ୍ଞା ଏବଂ ବାକ୍ୟକୁ ଗ୍ରହଣ କରିବେ ଓ ଏହାକୁ ଏକ ଘୁଷୁରୀ ଗଦାରେ ଫିଙ୍ଗିଦେବେ! ସେମାନେ ଏପରି ଭାବରେ ଆଚରଣ କରନ୍ତି ଯେପରି ସେମାନଙ୍କୁ ବିଚାରକୁ ଆସିବାକୁ ପଡ଼ିବ ନାହିଁ। ମାତ୍ର ପରମେଶ୍ୱର ପ୍ରତ୍ୟେକ ଗୁପ୍ତ ବିଷୟକୁ ବିଚାରରେ ନେଇକରି ଆସିବେ। ସେମାନେ ପରମେଶ୍ୱର ନ ଥିବା ପରି ଆଚରଣ କରନ୍ତି।

175 ମୁଁ ସେମାନଙ୍କୁ ମୂର୍ଖ ବୋଲି କହିବାକୁ ଚାହେଁ ନାହିଁ, କାରଣ ବାଇବଲ କୁହେ ଯେ ମୂର୍ଖ...ଠିକ୍ ନୁହେଁ। ଯୀଶୁ କହିଲେ ଯେ ଏହା କହିବା ଉଚିତ୍ ନୁହେଁ। "କୌଣସି ମନୁଷ୍ୟକୁ ମୂର୍ଖ ବୋଲି କୁହ ନାହିଁ।" ମାତ୍ର ଗୀତସଂହିତା 14:1 ରେ, "ମୂଢ଼ ମନେ ମନେ କହିଅଛି, 'ପରମେଶ୍ୱର ନାହାଁନ୍ତି।'" ବୁଝିଲେ? ସେମାନେ—ସେମାନେ ନୁହଁନ୍ତି...ମୁଁ ସେମାନଙ୍କୁ ମୂର୍ଖ ବୋଲି କହିବାକୁ ଚାହେଁ ନାହିଁ, କିନ୍ତୁ ସେମାନେ ସେହିପରି ହୋଇଥିବା ଭଳି ଆଚରଣ କରନ୍ତି। ସେମାନେ ସେହିପରି ଆଚରଣ କରନ୍ତି।

176 ତେଣୁକରି, ଆପଣ ଦେଖନ୍ତୁ ଯେ ଆଜି ଆମେମାନେ କେଉଁଠାରେ ଅଛୁ, ଯେପରିକି, "ପରମେଶ୍ୱର ନାହାଁନ୍ତି।" "ମୁଁ ମଣ୍ଡଳୀରେ ସମ୍ପୃକ୍ତ ଅଟେ!" ଏବଂ ସେମାନେ ସମସ୍ତେ, ସମଗ୍ର ବିଷୟଟି, ସେହି ବାଇବଲଟି, ଏକ ବଡ଼ ପରିହାସର ବିଷୟ ଅଟେ। "ଆମ ମଣ୍ଡଳୀ ଜାଣେ ଯେ ସେମାନେ କେଉଁଠାକୁ ଯାଉଅଛନ୍ତି!" ହଁ...[ଟେପ୍‌ରେ ରିକ୍ତ ସ୍ଥାନ—ସମ୍ପା।]...ଠିକ୍ ସିଧାସଳଖ ନରକକୁ, ଅବିକଳ ଭାବେ। ଠିକ ସେମାନଙ୍କ ମାର୍ଗରେ, ବିଜ୍ଞାନ ଏବଂ ଶିକ୍ଷା ଦେଇ ଠିକ, ଈଶ୍ୱରତତ୍ତ୍ୱବିଦ ସେମିନାରୀ ଏବଂ ଜିନିଷଗୁଡିକ ଦେଇ, ଠିକ ସେମାନଙ୍କୁ ମାର୍ଗରେ

ବୁହାଇ ନେଇଯାଆନ୍ତି। ପବିତ୍ରଆତ୍ମାଙ୍କ ପାଖରେ କୌଣସି ବିଷୟ ଉପରେ କିଛି ହେଲେ ପ୍ରକାଶନ ଦେବାର ଏକ ସୁଯୋଗ ହିଁ ନାହିଁ; ସେମିନାରୀ ଏହାକୁ କାଟି ରୁଦ୍ଧ କରି ଦେଇଛି।

177 ପବିତ୍ରଆତ୍ମା ଆମକୁ ଆଗେଇ ନେବା ପାଇଁ ଅଛନ୍ତି; କୌଣସି ଏକ ସେମିନାରୀ ନୁହେଁ, ବିଶପ୍ ଏବଂ ପର୍ଯ୍ୟବେକ୍ଷକ ନୁହେଁ, ଏବଂ ପ୍ରଭୃତି ନୁହେଁ। ପବିତ୍ରଆତ୍ମା ଆମର ନେତା ଅଟନ୍ତି।

178 କୟିନ ସେହିପରି ଜଣେ ବ୍ୟକ୍ତି ଥିଲେ। ସେ କର୍ମରେ ବହୁତ ଧାର୍ମିକ ଥିଲେ। ତେବେ, ଯଦି ଧର୍ମ ହିଁ ସବୁକିଛି ଯାହାକି ଆପଣଙ୍କ ପାଖରେ ରହିବା କଥା, ତାହାହେଲେ ପରମେଶ୍ୱର କୟିନଙ୍କୁ ନିନ୍ଦା କରିବାରେ ଅନ୍ୟାୟ କରିଥିଲେ। କାରଣ, ସେ ଧାର୍ମିକ ଥିଲେ, ସେ ସେତିକି ଧାର୍ମିକ ଏବଂ ନିଷ୍ଠାବାନ ଥିଲେ ଯେତିକି ହେବଲ ଥିଲେ। ତେବେ ମନେରଖନ୍ତୁ, ସେ ପରମେଶ୍ୱରଙ୍କ ବିଷୟରେ ଚିନ୍ତା କଲେ, ସେ ପରମେଶ୍ୱରଙ୍କୁ ଉପାସନା କଲେ, ତାଙ୍କର ଏକ ମଣ୍ଡଳୀ ରହିଥିଲା, ସେ ଏକ ବେଦୀ ନିର୍ମାଣ କଲେ, ସେ ଏକ ବଳିଦାନ ଉତ୍ସର୍ଗ କଲେ, ସେ ପ୍ରାର୍ଥନା କଲେ, ସେ ଉପାସନା କଲେ, କିନ୍ତୁ ତାଙ୍କୁ ପ୍ରତ୍ୟାଖ୍ୟାନ କରା ଯାଇଥିଲା। ଯାଏ ଆସେ ନାହିଁ ଯେ କିପରି...ଏଣ୍ଟୌ ମଧ୍ୟ, ଥିଲେ। ବୁଝିଲେ?

179 ଦେଖନ୍ତୁ, ଧର୍ମ, ତାହା ଶୟତାନର ବେପାର ଅଟେ; ସମଗ୍ର ବିଷୟକୁ ମାରିବା ପାଇଁ ନୁହେଁ, କେବଳ ଏହାକୁ ଦୂଷିତ କରିବା ପାଇଁ। ତାହାହିଁ ସବୁ କିଛି ଅଟେ। ସେ ସମଗ୍ର ବିଷୟକୁ ମାରିବାକୁ ଯାଉନାହିଁ। ଓଃ, ସାମ୍ୟବାଦୀ ନୁହଁନ୍ତି; ନା, ନା, ସେହି ଖ୍ରୀଷ୍ଟାରୀ ସାମ୍ୟବାଦୀ ନୁହେଁ। ବାଇବଲ କୁହେ, "ଯଦି ଏହା ସମ୍ଭବ ହୁଏ ତେବେ ମନୋନୀତ ଲୋକମାନଙ୍କୁ ସୁଦ୍ଧା ଭ୍ରାନ୍ତ କରି ପକାଇବ।" ଲୌହ ପରଦାକୁ ଧ୍ୟାନ ଦିଅନ୍ତୁ ନାହିଁ, ବରଂ ବାଇଗଣୀ ରଙ୍ଗକୁ ଦିଅନ୍ତୁ। ଉଃ-ହୁଃ।

180 ମାତ୍ର, ଧ୍ୟାନ ଦିଅନ୍ତୁ, କୟିନ ଉପାସନା କରିବାକୁ ଆସିଥିଲେ, କିନ୍ତୁ ତାଙ୍କଠାରେ ଭୁଲ ବୀଜ ଥିଲା, ସର୍ପବଂଶ ଥିଲା। ସର୍ପର ଫୁଁଙ୍କ ତାଙ୍କ ଉପରେ ଫୁଁଙ୍କି ଦେଇଥିଲା, କାରଣ ସେ ସେହି ସ୍ତ୍ରୀର ବଂଶ ଥିଲେ। ସେ ପରମେଶ୍ୱରଙ୍କ ସିଦ୍ଧ ଇଚ୍ଛା ଜାଣିଥିଲେ, ମାତ୍ର ସେ ତାହା କରିବାକୁ ନାସ୍ତି କରି ଦେଇଥିଲେ। କଅଣ ଆପଣ ତାହା ଜାଣନ୍ତି କି? ଶୟତାନ ପରମେଶ୍ୱରଙ୍କ ଇଚ୍ଛା ଜାଣେ, କିନ୍ତୁ ତାହା କରିବାକୁ ନାସ୍ତି କରେ।

181 ଧ୍ୟାନ ଦିଅନ୍ତୁ, ସେ ପରମେଶ୍ୱରଙ୍କୁ ହେବଲଙ୍କ ବାର୍ତ୍ତାକୁ ସୁପ୍ରମାଣିତ କରିବାର ଦେଖିଥିଲେ। ବର୍ତ୍ତମାନ ମୁଁ ଚାହେଁ ଯେ ଆପଣ ଚିନ୍ତା କରନ୍ତୁ, ନିଜର ଚିନ୍ତାଶୀଳ ମନୁଷ୍ୟର ଛଣା ଯନ୍ତ୍ରକୁ ଗୋଟିଏ ମିନିଟ୍ ପାଇଁ ବ୍ୟବହାର କରନ୍ତୁ। ହେବଲଙ୍କ ସଠିକ୍ ବାର୍ତ୍ତା, ଯାହାକୁ ପରମେଶ୍ୱର ସତ୍ୟ ବୋଲି ସୁପ୍ରମାଣିତ କରିଥିଲେ! କଅଣ ଆପଣ ବର୍ତ୍ତମାନ ଚିତ୍ର କରୁଛନ୍ତି କି? ଉଃ-ହୁଃ। ହେବଲଙ୍କ ବାର୍ତ୍ତା ଗ୍ରହଣ କରାଯାଇଥିଲା, ଏବଂ କୟିନ ଏହା ଦେଖି ଜାଣିଥିଲେ ଯେ ପରମେଶ୍ୱର ସେହି ବାର୍ତ୍ତାକୁ ଠିକ୍ ବୋଲି ପ୍ରମାଣିତ କରିଛନ୍ତି। କିନ୍ତୁ ସେ ତ ତାହା କରିପାରିଲେ ନାହିଁ। ତାଙ୍କର ଗର୍ବ ତାଙ୍କୁ ଏଥିରୁ ଦୂରେଇ ରଖିଦେଲା। ତାହା ଠିକ୍ ଅଟେ, ତାଙ୍କର ଗର୍ବ ତାଙ୍କୁ ଏହା କରିବାରୁ ବାରଣ କରିଥିଲା। ସେ ପରମେଶ୍ୱରଙ୍କୁ ଏହି ବାର୍ତ୍ତାକୁ ସୁପ୍ରମାଣିତ କରିବାର ଦେଖିଥିଲେ।

182 ତେଣୁ ବର୍ତ୍ତମାନ ଏହା ଏପରି ଦିଶେ, ଯେ ଲୋକମାନଙ୍କ ପାଇଁ ନିଜକୁ ପରମେଶ୍ୱରଙ୍କ ବାକ୍ୟ ପ୍ରତି ନମ୍ର କରିବା କଷ୍ଟକର ଅଟେ । ସେମାନେ—ସେମାନେ—ସେମାନେ ତ କେବଳ ଏହା କରିବାକୁ ଚାହାଁନ୍ତି ହିଁ ନାହିଁ । ସେମାନେ ଆପଣାକୁ ମଣ୍ଡଳୀର ବିଶ୍ୱାସମତ ପ୍ରତି ନମ୍ର କରି ଦେବେ, ନିଶ୍ଚିତରେ, ମାତ୍ର ପରମେଶ୍ୱରଙ୍କ ବାକ୍ୟ ପ୍ରତି କରିବେ ନାହିଁ ।

183 ଯଦି ଆପଣ ଏହା ଖୋଜିବାକୁ ଚାହୁଁଛନ୍ତି, ତାହହେଲେ ଆପଣ ଯାଆନ୍ତୁ…ମୋ ପାଖରେ ଏଠାରେ ଏକ ଶାସ୍ତ୍ରାଂଶ ଅଛି, ତାହାହିଁ ଅଟେ ଯାହା ମୁଁ ଏଠାରେ ଉଦ୍ଧୃତ କରୁଅଛି । ଆଦିପୁସ୍ତକ 4:6 ଓ 7, ପରମେଶ୍ୱର କୟିନଙ୍କୁ କହିଥିଲେ, କହିଲେ, "କାହିଁକି ଅଧୋମୁଖ ହେଉଅଛ? କାହିଁକି ତୁମେ କ୍ରୋଧରେ ପରିପୂର୍ଣ୍ଣ ହୋଇ, ଏଣେ ତେଣେ ବୁଲୁଅଛ? ତୁମେ ବର୍ତ୍ତମାନ ହିଁ ଏକ ବାର୍ତ୍ତା ଶୁଣିଅଛ ଯାହା ତୁମକୁ ବିବ୍ରତ କରିଅଛି ।" କହିଲେ, "ତେବେ, ତୁମେ ଏହା କେଉଁଥି ପାଇଁ କରୁଅଛ? ତୁମେ କାହିଁକି ଅଧୋମୁଖ ଅଟ, ଯେହେତୁ ମୁଁ ତୁମ ମଣ୍ଡଳୀକୁ ଆସିଲି ନାହିଁ? ତେବେ ତୁମେ ଏହା କାହିଁକି କଲ?"

କଅଣ ତୁମେ ଜଣେ ଚିନ୍ତାଶୀଳ ମନୁଷ୍ୟର ଛଣା ଯନ୍ତ୍ର ବ୍ୟବହାର କରୁଅଛ କି? ବୁଝିଲେ?

184 କିମ୍ବା, "କାହିଁକି ନୁହେଁ…ତୁମେ ସେହିପରି କାହିଁକି ଦେଖୁଅଛ?" କହିଲେ, "ଯଦି ତୁମେ ସତ୍କର୍ମ କରିବ, ଯାଇ ସେପରି କରିବ ଯେପରିକି ତୁମର ଭାଇ ସେଠାରେ କରୁଅଛି, ତାହାହେଲେ ମୁଁ ତୁମକୁ ଗ୍ରହଣ କରି ନେବି ଏବଂ ତୁମକୁ ଆଶୀର୍ବାଦ କରିବି । ମୁଁ ତୁମ ପାଇଁ ସେହି ସମାନ କାର୍ଯ୍ୟ କରିବି ।" କିନ୍ତୁ ସେ ତାହା କରି ହିଁ ପାରିଲେ ନାହିଁ । ସେ କହିଲେ, "ତେବେ, ଯଦି ତୁମେ ତାହା ନ କର, ତାହାହେଲେ ଅବିଶ୍ୱାସର ପାପ ଦ୍ୱାରରେ ଛକି ବସିଥାଏ ।"

185 ତେବେ ଯେତେବେଳେ ସେମାନେ ଆମକୁ କୁହନ୍ତି, "ଆଶ୍ଚର୍ଯ୍ୟ କର୍ମର ଦିନଗୁଡିକ ବିତି ଯାଇଅଛି," ସେମାନେ ଏହାକୁ ଏତେ ସଠିକ୍ ଭାବରେ ସୁପ୍ରମାଣିତ ଏବଂ ସିଦ୍ଧ ହେବାର ଦେଖିଥାନ୍ତି, ଆପଣ ଦେଖନ୍ତୁ, ଏହି ସମସ୍ତ ବିଷୟ ଯାହା ପରମେଶ୍ୱର ପ୍ରକାଶିତ ବାକ୍ୟ 10 ଏବଂ ମଲାଖି 4 ରେ ପ୍ରତିଜ୍ଞା କରିଥିଲେ, ଯେ ସେ ଏହି ଶେଷ ଦିନରେ ତାହା କରିବେ, ସେହି ସମସ୍ତକିଛି ବିଷୟ ଏତେ ସିଦ୍ଧ ଭାବରେ ସୁପ୍ରମାଣିତ ଅଟେ, ତାହାହେଲେ ଭାଇମାନେ, ମାମଲାଟି କଅଣ? ଭୁଲ୍ କଅଣ ଅଟେ, ଦେଖନ୍ତୁ?

186 ଯଦି ସେମାନେ ତାହା ନ କରନ୍ତି, ଅବିଶ୍ୱାସ, ଯାହାକି ପାପ ଅଟେ…କେବଳ ଗୋଟିଏ ମାତ୍ର ପାପ ଅଟେ, ତାହା ହେଉଛି, ଅବିଶ୍ୱାସ । ତାହା ଠିକ୍ ଅଟେ । ଆପଣ ଏଇଥି ପାଇଁ ନିନ୍ଦିତ ନୁହଁନ୍ତି ଯେହେତୁ ଆପଣ ମଦ ପିଅନ୍ତି, ଧୂମପାନ କରନ୍ତି, ତମ୍ବାଖୁ ଖାଆନ୍ତି, ସାନ ସାନ ଜାମା ସର୍ଟ ପିନ୍ଧନ୍ତି, ଆପଣଙ୍କର ଯାହା ଇଚ୍ଛା ତାହା କରନ୍ତି । ନା, ତାହା ଆପଣଙ୍କୁ ନିନ୍ଦା କରେ ନାହିଁ । ଏହାର କାରଣ ହେଉଛି ଯେ ଆପଣ ବିଶ୍ୱାସ କରନ୍ତି ନାହିଁ । ଯଦି ଆପଣ ବିଶ୍ୱାସ କରିଛନ୍ତି, ତାହାହେଲେ ଆପଣ ତାହା କରିବେ ନାହିଁ । ବୁଝିଲେ? ଜଣେ ବିଶ୍ୱାସୀ ତାହା କରନ୍ତି ନାହିଁ । ସେ ଜଣେ ଚିନ୍ତାଶୀଳ ପୁରୁଷର ଛଣା ଯନ୍ତ୍ର ନିଅନ୍ତି, ଦେଖନ୍ତୁ, ଦେଖନ୍ତୁ, କିମ୍ବା ଏକ ଚିନ୍ତାଶୀଳ

ମହିଳାର ଛଣା ଯନ୍ତ୍ର ନିଅନ୍ତି, ଉଭୟ ଭିତରୁ ଗୋଟିଏ ନିଅନ୍ତି। ଠିକ୍ ଅଛି। ମାତ୍ର, ଆପଣ ଦେଖନ୍ତୁ, ପାପ ଦ୍ୱାରରେ ଛକିଥାଏ।

187 ତେବେ ଧ୍ୟାନ ଦିଅନ୍ତୁ ଯେ ତାହା କୟିନଙ୍କୁ କଅଣ କଲା, ଏବଂ ତାହା ଆଜି ସେହି ସମାନ ବିଷୟ ହେବାକୁ ଯାଉଅଛି। ତାହା କୟିନଙ୍କୁ, ଜଣେ ସ୍ୱେଚ୍ଛାକୃତ ପାପୀ ଭାବରେ ଯିବାକୁ ଦେଇଥିଲା। ସେ ଜାଣିଶୁଣି ଅବାଧ୍ୟ ହୋଇଥିଲେ। ପ୍ରତ୍ୟେକ ବ୍ୟକ୍ତି ସେହି ସମାନ ଭାବରେ ରହିବେ। ସେ ହେବଲଙ୍କ ବାର୍ତ୍ତାକୁ ପରମେଶ୍ୱରଙ୍କ ଦ୍ୱାରା ଏତେ ଅଧିକ ସୁପ୍ରମାଣିତ ହୋଇଥିବାର ଦେଖିବା ପରେ ସୁଦ୍ଧା ସ୍ୱେଚ୍ଛାକୃତ ଭାବରେ ଅବାଧ୍ୟ ହେଲେ, ଯେ ଏହା ସତ୍ୟ ଥିଲା, ଏବଂ ତାହା କରିବାକୁ ନାସ୍ତି କଲେ। ସେତେବେଳେ ସେହି ସମାନ ବିଷୟକୁ କଲେ। ତାହାପରେ ସେ ବିଭକ୍ତିକର ରେଖାକୁ ଅତିକ୍ରମ କଲେ।

188 ସେଠାରେ ଏକ ରେଖା ଅଛି ଯାହା ଆପଣ ଅତିକ୍ରମ କରିପାରନ୍ତି। ଆପଣ ତାହା ଜାଣନ୍ତି, ନୁହେଁ କି? ବର୍ତ୍ତମାନ, ସେବକମାନେ, ଉଭୟ ଏଠାରେ ଏବଂ ବାହାରେ ସେହି—ସେହି ଟେଲିଫୋନ୍ ସ୍ଥାନରେ ଯେଉଁଠାରେକି ଏହି ପ୍ରସାରଣ ସାରା ଦେଶରେ ଆସୁଅଛି, କଅଣ ଆପଣ ତାହା ହୃଦୟଙ୍ଗମ କରୁଛନ୍ତି କି? ଯେତେବେଳେ ଆପଣ ଦେଖନ୍ତି ଯେ ଏହା ଶାସ୍ତ୍ରାଂଶ ଅଟେ, ଏବଂ ଆପଣ ତାହା କରନ୍ତି ନାହିଁ, ପରମେଶ୍ୱର ସର୍ବଦା ରହିବେ ନାହିଁ... ସେ କରିବେ...ଓଃ, ଆପଣ ତ ଆଗକୁ ବଢିଯିବେ, ଆଶୀର୍ବାଦ ପ୍ରାପ୍ତ ହେବେ। ସେହିପରି ଇସ୍ରାଏଲର ପ୍ରତ୍ୟେକ ଜଣ ଥିଲେ, ସେମାନେ ପ୍ରାନ୍ତରରେ ବାସ କଲେ ଏବଂ ସନ୍ତାନ ସଂତତି ଜନ୍ମ କଲେ, ଫସଲ ଉତ୍ପନ୍ନ କଲେ, ଏବଂ ଆଶୀର୍ବାଦ ପ୍ରାପ୍ତ ହେଲେ, ଏବଂ ସବୁକିଛି ହେଲେ, କିନ୍ତୁ "ସେମାନଙ୍କ ମଧ୍ୟରୁ ପ୍ରତ୍ୟେକ ଜଣ ଅନନ୍ତକାଳ ନିମନ୍ତେ ପରମେଶ୍ୱରଙ୍କଠାରୁ ପୃଥକ ହୋଇଗଲେ।" ଯୀଶୁ ଏହା କହିଥିଲେ। ଓଃ, ହଁ, ପରମେଶ୍ୱର ଆପଣଙ୍କୁ ଠିକ ଆଶୀର୍ବାଦ କରୁଥିବେ, ମାତ୍ର ଆପଣ ବିନଷ୍ଟ ଥିବେ। ନିଶ୍ଚିତ ଭାବରେ। ତାହାହିଁ ଅଟେ ଯାହାକି ବାଇବଲ ବର୍ତ୍ତମାନ କୁହେ, ତାହାହିଁ ଅଟେ ଯାହାକି ସେ କହିଥିଲେ। ଧ୍ୟାନ ଦିଅନ୍ତୁ, ଆପଣ ସେହି ପୃଥକ୍କୀକରଣ ରେଖାକୁ ଅତିକ୍ରମ କରିପାରନ୍ତି। କଅଣ ଆପଣ ତାହା ବିଶ୍ୱାସ କରନ୍ତି କି? କୟିନ କରିଥିଲେ।

189 ଆସନ୍ତୁ—ଆସନ୍ତୁ ଏଠାରେ ଗୋଟିଏ ମିନିଟ୍ ପାଇଁ ଯିବା, ମୋ ପାଖରେ ଏବ୍ରୀ 10:26 ଅଛି। ଆସନ୍ତୁ ଦେଖିବା ଯଦି ମୁଁ ତାକୁ ଶୀଘ୍ର ପାଇପାରେ। ଏବ୍ରୀ ପୁସ୍ତକ, ତାର 10ମ ପର୍ବ ଏବଂ...ମୁଁ ବିଶ୍ୱାସ କରେ, ଯେ 26ତମ ପଦ। ମୁଁ ତାକୁ ଏଠାରେ ଲେଖି ରଖିଛି। କେବଳ ଗୋଟିଏ ମିନିଟ୍, ଯଦି ଆପଣ ମୋ ସହିତ ଟିକେ ରହିବେ, ଏବଂ ଆସନ୍ତୁ ଏହାକୁ ଗୋଟିଏ ମିନିଟ୍ ପାଇଁ ପାଠ କରିବା। ଠିକ ଅଛି, ଆମେ ଏଠାରେ ଅଛୁ।

*କାରଣ ସତ୍ୟ ଜ୍ଞାନ ଲାଭ କରିବା ପରେ...ଯଦି ଆମ୍ଭେମାନେ ସ୍ୱେଚ୍ଛାପୂର୍ବକ ପାପ କରୁଥାଉ, ତେବେ ପାପାର୍ଥକ ବଳି ଆଉ ଅବଶିଷ୍ଟ ନ ଥାଏ,*

*ବରଂ ବିଚାରର ଏକ ପ୍ରକାର ଭୟଙ୍କର ପ୍ରତୀକ୍ଷା, ଓ ବିପକ୍ଷମାନଙ୍କୁ ଗ୍ରାସକାରୀ ଅଗ୍ନିର ପଚଣ୍ଡତା ଅବଶିଷ୍ଟ ଥାଏ ।*

190 ତାହା **ସଦାପ୍ରଭୁଙ୍କ ପବିତ୍ର ବାକ୍ୟ ଏହି କଥା କୁହନ୍ତି** ଅଟେ । ଯଦି ଆମେ ଏହା ଦେଖିବା ଏବଂ ଏହା ଶୁଣିବା ପରେ ସ୍ୱେଚ୍ଛାପୂର୍ବକ ଭାବରେ ଅବିଶ୍ୱାସ କରିବା, ତାହହେଲେ ଆମେ ସେହି ରେଖା ଅତିକ୍ରମ କରିଅଛୁ । ଏହା ପାଇଁ ଆଉ କେବେ କୌଣସି କ୍ଷମା ହେବ ନାହିଁ, ଆପଣ ସୀମା ଅତିକ୍ରମ କରିଛନ୍ତି ।

"ଓଃ," ଆପଣ କୁହନ୍ତି, "ପରମେଶ୍ୱର ତଥାପି ମୋତେ ଆଶୀର୍ବାଦ କରନ୍ତି ।" ଓଃ, ହଁ ।

191 ଇସ୍ରାଏଲକୁ ମନେ ପକାନ୍ତୁ, ସେହି *ସୀମାରେଖାୀୟମାନଙ୍କୁ*, ଯେତେବେଳେ ପରମେଶ୍ୱର ସେମାନଙ୍କୁ, ସେହି ପବିତ୍ର ଦେଶରେ ଏକ ପ୍ରତିଜ୍ଞା ଦେଲେ, ସେହି...ଦେଶରେ, ଯେ ଏହା ଦୁଗ୍ଧ ମଧୁର, ଉତ୍ତମ ଥିଲା, ଏବଂ ମୋଶା ଯେତେବେଳେ କାଲେବ ଓ ଯିହୋଶୂୟ, ଆଉ ସେହି ଗୁପ୍ତଚରମାନଙ୍କୁ ପଠାଇଲେ, ଯେ ଯାଇ, ସେହି ଦେଶକୁ ଅନୁସନ୍ଧାନ କରନ୍ତି, ଏବଂ ସିଦ୍ଧ ପ୍ରମାଣ ନେଇକରି ଫେରି ଆସନ୍ତି, ସେମାନଙ୍କ ମଧ୍ୟରୁ ଦଶ ଜଣ କହିଲେ, "ଆମେମାନେ ଏହା କରିପାରିବା ନାହିଁ, ଆମେମାନେ ଅସମର୍ଥ ଅଟୁ, ସେଠାରେ ଥିବା ସେହି କଷ୍ଟକୁ ଦେଖ, ଆମେମାନେ ପାଗଳ ହୋଇଯିବା, ଆମ ପାଖରେ ଯୁଦ୍ଧ କରିବା ପାଇଁ ଏହି ଛୋଟ ଛୋଟ ଜିନିଷମାନ ଅଛି, ଦେଖନ୍ତୁ ସେମାନଙ୍କ ପାଖରେ କଅଣ ଅଛି, ଆମେ—ଆମେ ଏହା କରିପାରିବା ନାହିଁ, ଆମେ ଏହା କରିବାକୁ ସମର୍ଥ ନୋହୁଁ ।"

192 ଯିହୋଶୂୟ ଏବଂ କାଲେବ କହିଲେ, "ଆମେ ଏହା କରିବାକୁ ଯଥେଷ୍ଟ ସକ୍ଷମ ଅଟୁ, ପରମେଶ୍ୱର ପ୍ରତିଜ୍ଞା କରିଛନ୍ତି ।"

193 ଏବଂ, ମନେରଖନ୍ତୁ, ସେମାନେ ପଛକୁ ଫେରିଗଲେ । ତାହା କାଦେଶ-ବର୍ଣ୍ଣିଆରେ ଥିଲା । ଆଉ ସେମାନେ ଫେରିଗଲେ ଓ ପ୍ରାନ୍ତରରେ ଭ୍ରମଣକାରୀ ହୋଇଗଲେ । ଏବଂ ସେମାନଙ୍କ ମଧ୍ୟରୁ ପ୍ରତ୍ୟେକେ ମରିଗଲେ, ଏବଂ ଅନନ୍ତକାଳ ନିମନ୍ତେ ବିନଷ୍ଟ ହୋଇଗଲେ । ଯୀଶୁ ଏହାହିଁ କହିଥିଲେ ।

194 ଦେଖନ୍ତୁ, ସେହି ପୃଥକ୍କୀକରଣର ରେଖା ଅତିକ୍ରମ କରନ୍ତୁ ନାହିଁ । "ଯେତେବେଳେ ଆପଣ ସତ୍କର୍ମ କରିବାକୁ ଜାଣନ୍ତି, ଏବଂ ତାହା କରନ୍ତି ନାହିଁ, ସେତେବେଳେ ଆପଣଙ୍କ ପ୍ରତି ତାହା ପାପ ଅଟେ ।"

195 ଇସ୍ରାଏଲ ମଧ୍ୟ ସେହି ସମାନ ବିଷୟ କରିଥିଲା । ସେମାନେ ମୋଶାଙ୍କୁ ସୁପ୍ରମାଣିତ ହୋଇଥିବାର ଦେଖିବା ପରେ, ଏବଂ ତାହାପରେ ବିଲିୟାମ୍‌କୁ ସେମାନଙ୍କ ଉପରେ ଛିଞ୍ଚଣ କରିବାକୁ ଦେଇଥିଲେ, ସେହି ମୂଲ୍ୟବାନ ପ୍ରମାଣିତ ବୀଜ ଉପରେ । ପାଳକ, ଆପଣ (କେବେବି) ଏହି ବାକ୍ୟ ବିରୁଦ୍ଧରେ କିଛି କୁହନ୍ତୁ ନାହିଁ । ବିଲିୟାମ୍‌କୁ ଦେଖନ୍ତୁ, ସେ ଜଣେ ଭବିଷ୍ୟଦ୍‌ବକ୍ତା ଥିଲେ, ଏବଂ ସେ ପରମେଶ୍ୱରଙ୍କ ବୀଜକୁ ସୁପ୍ରମାଣିତ ହୋଇଥିବାର ଦେଖିଥିଲେ । ମାତ୍ର ସେ ନିଜେ ରହୁଥିବା ଆପଣାର ସେହି ମହାନ ନାମଧାରୀ ସଂସ୍ଥା ତଳେ,

ମୋୟାବ ଦଳେ ସେହି ଭ୍ରମଣକାରୀ ଲୋକମାନଙ୍କୁ ସେହି ଦେଶ ଦେଇ ଆସୁଥିବାର ଦେଖିଲା, ସେ ଏହାକୁ ଛିଞ୍ଚଣ କଲା, ଓ କହିଲା, "ତେବେ, ଗୋଟିଏ ମିନିଟ୍ ଅପେକ୍ଷା କର। ଆମେମାନେ ସମସ୍ତେ ଖ୍ରୀଷ୍ଟିଆନ ଅଟୁ। ଆମେ ସମସ୍ତେ ବିଶ୍ୱାସୀ ଅଟୁ। କାହିଁକି, ଆମମାନଙ୍କର ପିତା ଏବଂ ତୁମମାନଙ୍କୁର ପିତା ସମାନ ଅଟନ୍ତି। କଅଣ ଆମେ ଲୋଟଙ୍କ ସନ୍ତାନ ନୋହୁଁ କି? ଲୋଟ କଅଣ ଅବ୍ରହାମଙ୍କ ପୁତୁରା ନ ଥିଲା କି? କଅଣ ଆମେ ସମସ୍ତେ ସମାନ ନୋହୁଁ କି? ଆସୁ ପରସ୍ପର ମଧ୍ୟରେ ବିବାହ କରିବା।"

196 ଏବଂ ଇସ୍ରାଏଲ୍, ଯେପରିକି ହବା ଉଦ୍ୟାନରେ ରହିଥିଲା, ଶୟତାନଙ୍କୁ ତାହା ଉପରେ ଛିଞ୍ଚିବାକୁ ଦେଇଥିଲା, ସେ ଇସ୍ରାଏଲକୁ ମଧ୍ୟ ଜଣେ ଭଣ୍ଡ ଭବିଷ୍ୟଦ୍‌ବକ୍ତାଙ୍କ ଦ୍ୱାରା ଛିଞ୍ଚି ଦେଇଥିଲା। ଯେତେବେଳେକି, ସେହି ବାସ୍ତବିକ ଭବିଷ୍ୟଦ୍‌ବକ୍ତା ପ୍ରମାଣିତ ବାକ୍ୟ ସହିତ, ସେମାନଙ୍କ ସହିତରେ ରହିଥିଲେ। କିନ୍ତୁ ଏକ ବୌଦ୍ଧିକ ଜ୍ଞାନର ଧାରଣା ଦ୍ୱାରା, ସେ ସେମାନଙ୍କୁ ଛିଞ୍ଚି ଦେଇଥିଲେ। ଏହା ବିଷୟରେ ଚିନ୍ତା କରନ୍ତୁ। ତେବେ, ଏହାକୁ କେବେ ବି କ୍ଷମା କରାଗଲା ନାହିଁ, ସେହି ପାପ କେବେ ବି କ୍ଷମା କରାଗଲା ନାହିଁ।

197 ସେହି ବୀଜଗୁଡିକ ପ୍ରତିଜ୍ଞାତ ଦେଶର ମାର୍ଗରେ, ଠିକ ସେହି କର୍ତ୍ତବ୍ୟ ପଥରେ କ୍ଷୟପ୍ରାପ୍ତ ହୋଇଗଲା। ସେମାନଙ୍କ ମଧ୍ୟରୁ ପ୍ରତ୍ୟେକ ଜଣ, ପରମେଶ୍ୱରଙ୍କୁ ଅନୁସରଣ କରୁ କରୁ, ସୀଧାସଳଖ ଠିକ କର୍ତ୍ତବ୍ୟ ପଥରେ, ମଣ୍ଡଳୀରେ ବିନଷ୍ଟ ଏବଂ କ୍ଷୟପ୍ରାପ୍ତ ହୋଇ ଯାଇଥିଲେ। ଏବଂ ଶୟତାନକୁ ସେହି ବୌଦ୍ଧିକ ସ୍ପ୍ରେକୁ, ଶିକ୍ଷାଗତ, ବୌଦ୍ଧିକ ଧାରଣାକୁ, ସେମାନଙ୍କ ଉପରେ ଏହା କହି ଛିଞ୍ଚିବାକୁ ଦେଇଥିଲେ, "କାହିଁକି, ଆମେ ସମସ୍ତେ ତ ସମାନ ଅଟୁ, ଆମେ ସମସ୍ତେ ପରମେଶ୍ୱରଙ୍କ ସନ୍ତାନ ଅଟୁ।" ଆପଣ ନୁହଁନ୍ତି! କିନ୍ତୁ ସେ ସେଠାରେ ସେହି ଭଣ୍ଡ ଶିକ୍ଷକଙ୍କୁ ସେହି ବୌଦ୍ଧିକ ଧାରଣା ସହିତ ଯାହାକି ତାଙ୍କ ପାଖରେ ରହିଥିଲା ଛିଞ୍ଚିବାକୁ ଦେଲେ।

198 ଏବଂ ଠିକ ଯେପରିକି ବିଶ୍ୱ ଗୀର୍ଜା ପରିଷଦ ବର୍ତ୍ତମାନ କରୁଅଛି, ଦେଖନ୍ତୁ, ସମାନ ବିଷୟ, "କାହିଁକି, ଆମେମାନେ ତ ସମସ୍ତେ ଏକ ମହାନ ସଂଗଠନରେ ଯୋଗଦେବା।" ଆପଣଙ୍କର ସମ୍ପୂର୍ଣ୍ଣ ସାଂଗଠନିକ ବ୍ୟବସ୍ଥାଟି ଶୟତାନର ଅଟେ। ବାଇବଲରେ, ଏହା ପଶୁର ଚିହ୍ନ ଅଟେ। ପ୍ରଭୁ ଇଚ୍ଛା କଲେ, ମୁଁ ଖୁବ୍ ଶୀଘ୍ର, ଏହା ଉପରେ ସେହି ପୁସ୍ତକକୁ ନେବି।

199 ଧ୍ୟାନ ଦିଅନ୍ତୁ, ନୋହଙ୍କ ସମୟରେ, ଏହା ଦେଖି ଯେ ଭାସିବା ନିମନ୍ତେ, ବାକ୍ୟ ସ୍ଥାପିତ କରା ଯାଇଅଛି। ବର୍ତ୍ତମାନ ମୋତେ ଏଠାରେ ଏକ ଛୋଟ ଟିପ୍ପଣୀ କରିବାକୁ ଦିଅନ୍ତୁ, ସେହି ବାକ୍ୟକୁ ଭୂମିରୁ ଆକାଶକୁ ରୂପାନ୍ତରିତ ହେବା ନିମନ୍ତେ ଏକତ୍ର କରାଯାଇଛି। ସେହି ଜିନିଷର ଗଠନକୁ ଦେଖି; ମାତ୍ର ସେମାନଙ୍କର ବୌଦ୍ଧିକ ଧାରଣା ସହିତରେ, ଭବିଷ୍ୟଦ୍‌ବକ୍ତା ନୋହଙ୍କ ମୁଖରେ ଉପହାସ କରିଥିଲେ, ଯେତେବେଳେ ସେ ଶେଷ ସମୟର ଭବିଷ୍ୟତ୍‌ବାଣୀ କରୁଥିଲେ। ମାତ୍ର କଅଣ କଲା…ସେହି ଡାଙ୍ଗାଟି ପରମେଶ୍ୱରଙ୍କ ବାକ୍ୟରେ ନିର୍ମିତ ହୋଇଥିଲା, ପ୍ରାର୍ଥନା ଏବଂ ବିଶ୍ୱାସ ସହିତ, ଭିତର ଓ ବାହାରେ ଲେପନ କରା ଯାଇଥିଲା। ଯେତେବେଳେ ବର୍ଷା ଆସିଲା, ଧର୍ମର ସମସ୍ତ ବୌଦ୍ଧିକ ଧାରଣା ମୃତ ହୋଇଗଲା ଏବଂ ଠିକ

ସେଠାରେ...ଠିକ ସେମାନଙ୍କର ମଣ୍ଡଳୀଗୁଡ଼ିକରେ, ଠିକ ପୃଥିବୀ ପୃଷ୍ଠ ଉପରେ କ୍ଷୟପ୍ରାପ୍ତ ହୋଇଗଲା । ଏବଂ ଜାହାଜଟି ସେହି ସମସ୍ତ ଉପରେ ଭାସିଲା । ବୈଜ୍ଞାନିକ ଛିଞ୍ଚଣ ହୋଇଥିବା ସେହି ବୀଜ ଠିକ ବିଚାରରେ କ୍ଷୟପ୍ରାପ୍ତ ହୋଇଗଲା ।

200 ଯାହା ବି ହେଉ, ଆମେ କଅଣ କରିବାକୁ ଚେଷ୍ଟା କରୁଅଛୁ? କଅଣ ଆମେ ନିଜର ମଣ୍ଡଳୀ ପ୍ରତିଷ୍ଠା କରିବାକୁ ଚେଷ୍ଟା କରୁଅଛୁ ନା ଆମେ ପରମେଶ୍ୱରଙ୍କ ବାକ୍ୟକୁ ପ୍ରତିଷ୍ଠା କରିବାକୁ ଚେଷ୍ଟା କରୁଅଛୁ? ଆମେ କଅଣ କରିବାକୁ ଚେଷ୍ଟା କରୁଅଛୁ? ଆମେ କଅଣ କାର୍ଯ୍ୟକାରୀ କରୁଅଛୁ? କଅଣ ଆମେ ଲୋକମାନଙ୍କୁ ଏଥିରେ ଫେରାଇ ଆଣିବାକୁ ଚେଷ୍ଟା କରୁଅଛୁ? ଏହି ମହାନ ହବା, ଏହି ମଣ୍ଡଳୀ ହବା ଏହି ଶେଷ ଦିନରେ ଏଠାରେ କଅଣ କରିବାକୁ ଚେଷ୍ଟା କରୁଅଛି?

201 ଭାଇ, ମୋତେ ଠିକ ବର୍ତ୍ତମାନ ହିଁ ଛାଡିବାକୁ ପଡିବ, କାରଣ ଏହା—ଏହା ବହୁତ ବିଳମ୍ବ ହେଉଅଛି । ମୋତେ କେବଳ ପ୍ରାୟଃ ପନ୍ଦର ମିନିଟ୍ ଦିଅନ୍ତୁ, ଏବଂ ମୁଁ ମୋର—ମୋର ଶାସ୍ତ୍ରାଂଶଗୁଡିକ ଉପରେ ଏଠାରେ ସମାପ୍ତ କରିବି । [ଜଣେ ଭାଇ କୁହନ୍ତି, "ନିଶ୍ଚିତ ଭାବରେ, ଆଗକୁ ବଢନ୍ତୁ ।"—ସମ୍ପା] ହଁ । ଠିକ୍ ଅଛି । ମୁଁ ଜାଣେ । ତେବେ, ଲୋକମାନେ ବୋଧହୁଏ ଏଠାକୁ ଆସି ଏହାକୁ ସଫା କରିବାକୁ ଚାହାଁନ୍ତି । କିନ୍ତୁ ମୋତେ ଲାଗୁଛି ଯେପରି ତାହା ଛାଡିବା ମୋ ପାଇଁ କଷ୍ଟକର ଅଟେ । ମୁଁ ଶୀଘ୍ର କରିବି । ଠିକ୍ ଅଛି ।

202 ଦେଖନ୍ତୁ, ସେହି ମହାନ ବୈଜ୍ଞାନିକ, ଶିକ୍ଷାଗତ, ସଙ୍କରିତ ହବାକୁ ଆଜି, ଯାହାକୁ ମଣ୍ଡଳୀ ବୋଲି କୁହାଯାଏ, ସେ କଅଣ କରିବାକୁ ଚେଷ୍ଟା କରୁଅଛି? କଅଣ ସେ ପରମେଶ୍ୱରଙ୍କ ବାକ୍ୟକୁ ଉଚ୍ଚୀକୃତ କରିବାକୁ ଚେଷ୍ଟା କରୁଅଛି, ଏବଂ ଲୋକମାନଙ୍କୁ ଯେପରି ସେମାନେ କରୁଛନ୍ତି ସେହିପରି କରିବାକୁ ଦେଉଅଛି? ସେମାନେ ଏକ ଚିନ୍ତାଶୀଳ ମନୁଷ୍ୟର ଛଣା ଯନ୍ତ୍ର, କିମ୍ବା, ପରମେଶ୍ୱରଙ୍କର ଛଣା ଯନ୍ତ୍ରକୁ ବ୍ୟବହାର କରୁ ନାହାଁନ୍ତି । ଦେଖନ୍ତୁ ଯେ ସେମାନେ କଅଣ ଉତ୍ପାଦନ କରୁଛନ୍ତି ଦେଖନ୍ତୁ । ସେମାନେ ନିଜକୁ ଉଚ୍ଚୀକୃତ କରୁଛନ୍ତି । ସେହି ମଣ୍ଡଳୀ, ଜ୍ଞାନ କାର୍ଯ୍ୟକ୍ରମର ତାର ବିକୃତ ବୀଜରେ, ସମଗ୍ର ଜାତିକୁ ପରମେଶ୍ୱରଙ୍କ ବାକ୍ୟ ବିଷୟରେ ବୈଜ୍ଞାନିକ ଭାବରେ ଅନ୍ଧ କରି ଦେଇଅଛି । ବର୍ତ୍ତମାନ ମୁଁ ସେହି ଟିପ୍ପଣୀଗୁଡିକ ନେବି, ତେବେ ମୁଁ ସମାପ୍ତ କରିବା ଦିଗରେ, ସେଗୁଡିକୁ ଅଧିକ ସମୟ ଧରି ରଖିବାକୁ ଯାଉ ନାହିଁ । ବୈଜ୍ଞାନିକ ଭାବେ ଅନ୍ଧ! ଯେତେବେଳେ ପରମେଶ୍ୱର, ଠିକ ଏଠାରେ ଏହି ପୃଥିବୀ ପୃଷ୍ଠରେ, ସେହି ବିଷୟଗୁଡ଼ିକୁ କରୁଛନ୍ତି, ଯାହାକି ସେ ପ୍ରତିଜ୍ଞା କରାଯାଇଥିବା ବାକ୍ୟ ଦ୍ୱାରା କରନ୍ତି, ଆଉ ସେମାନେ ଏହାକୁ ଅଣଦେଖା କରି ଚାଲିଯାଆନ୍ତି କାରଣ ସେମାନେ ବୈଜ୍ଞାନିକ ଭାବରେ ଅନ୍ଧ ଅଟନ୍ତି । ବୈଜ୍ଞାନିକ ଭାବରେ ଅନ୍ଧ!

203 ଭାଇ ୱିଲିୟମ୍ସଙ୍କ ଯୋଗୁଁ ମୁଁ ସେତେବେଳେ ଏଠାରେ ହସୁଥିଲି, ଯିଏକି ଏଠାରେ ଖଣ୍ଡେ କାଗଜ ଉପରେ ଲେଖିଥିଲେ, "ଆପଣ ଏହା ଉପରେ ସମଗ୍ର ଅପରାହ୍ନ ରହିପାରନ୍ତି," କିଛି ଗୋଟାଏ । ମାତ୍ର, ମୁଁ ତାହା ପ୍ରଶଂସା କରେ, ତାହା ପ୍ରକୃତରେ ଉତ୍ତମ ଅଟେ । ବୁଝିଲେ?

204 କିନ୍ତୁ ଲୋକମାନେ ସ୍ୱେଚ୍ଛାକୃତ ପାପ କରୁଛନ୍ତି—କରୁଛନ୍ତି । ଏହା ସେହି—ସେହି ସମଗ୍ର ମଣ୍ଡଳୀ ବ୍ୟବସ୍ଥାକୁ ଆଜି ପରମେଶ୍ୱରଙ୍କ ବିରୁଦ୍ଧରେ ଏକ ସ୍ୱେଚ୍ଛାକୃତ ପାପକୁ ନେଇଆସିଛି । କାହିଁକି, ସାଧାରଣ ବୋଧଜ୍ଞାନ ଆପଣଙ୍କୁ ପ୍ରମାଣ କରି ଦେବ ଯେ ଏହା ଠିକ୍ ଅଟେ । ଠିକ୍ ଅଛି । ଏକ ଲୋଭନୀୟ ପରଦା ତାଙ୍କ ଆଖିକୁ, ପରମେଶ୍ୱରଙ୍କ ବାକ୍ୟ ପ୍ରତି ଅନ୍ଧ କରିଦେଇଛି, ଏବଂ ସେ ପୁନର୍ବାର ନିଜକୁ ଉଲଗ୍ନ ପାଏ । ଆପଣ ଜାଣନ୍ତି, ପରମେଶ୍ୱର, ପ୍ରକାଶିତ ବାକ୍ୟ ୩ ରେ, କହିଲେ, "ଆସ, ମୋ ଠାରୁ କିଛି ଚକ୍ଷୁ ଅଞ୍ଜନ କ୍ରୟ କରି ନିଅ, ଯେପରି ତୁମର ଚକ୍ଷୁ ଉନ୍ମୁକ୍ତ ହୁଏ ।" ଦେଖନ୍ତୁ, ସେହି ଚକ୍ଷୁ ଅଞ୍ଜନ ହେଉଛି ତାହାଙ୍କର ବାକ୍ୟ ।

205 ଆପଣ ଜାଣନ୍ତି, ସେମାନେ କୁହନ୍ତି, "ତେବେ, ଏହି ବ୍ୟକ୍ତିଜଣକ ତାଙ୍କର ଶିକ୍ଷାଗତ ଉପାଧିଗୁଡିକୁ ହାସଲ କରିବା ପାଇଁ, ଚାଳିଶ ବର୍ଷ ଅଧ୍ୟୟନ କରିଥିଲେ । ସେ ଜଣେ ବି.ଏଲ୍.ଡି., ଡି.ଡି. ଏବଂ ଏହି ସମସ୍ତକିଛି ଅଟନ୍ତି ।"

206 କଅଣ ଆପଣ ଜାଣିଛନ୍ତି ଯେ ଯୀଶୁ ସେହି ବିଷୟରେ କଅଣ କହିଥିଲେ? ସେ କହିଲେ, "ମନୁଷ୍ୟ ଆପଣାକୁ ଅସ୍ୱୀକାର କରୁ ।" ପାଉଲ କରିଥିଲେ ।

ଆପଣ କୁହନ୍ତି, "ଏହାର ଅର୍ଥ ତାହା ନୁହେଁ ।"

207 ତେବେ, ତାହାହେଲେ ପାଉଲ ଏହାକୁ କାହିଁକି, ଅନୁଗମନ କଲେ? ସେ କହିଲେ, "ମୁଁ କଦାପି ତୁମମାନଙ୍କ ନିକଟକୁ ମନୁଷ୍ୟର ଜ୍ଞାନଯୁକ୍ତ ଆକର୍ଷଣୀୟ ବାକ୍ୟ ସହିତ ଆସି ନାହିଁ, କାରଣ ତୁମେମାନେ ତାହା ଉପରେ ନିଜର ଆଶାଗୁଡିକୁ ନିର୍ମାଣ କରିବ । ମାତ୍ର ମୁଁ ପବିତ୍ରଆତ୍ମାଙ୍କର ଶକ୍ତି ଏବଂ ପ୍ରକାଶନରେ ତୁମମାନଙ୍କ ନିକଟକୁ ଆସେ, ଯେପରିକି ତୁମର ବାକ୍ୟ...ତୁମର ବିଶ୍ୱାସ ପରମେଶ୍ୱରଙ୍କ ବାକ୍ୟ ଉପରେ ନିର୍ମିତ ହେବ, ଜ୍ଞାନର ଏକ ପ୍ରକଟୀକରଣ ଉପରେ ନୁହେଁ ।"

208 ଏପରି ଦିଶେ ଯେ ଲୋକମାନେ ସେମାନଙ୍କର ସାଧାରଣ ବୋଧଜ୍ଞାନ ଏବଂ ବିନମ୍ରତା ହରାଇଛନ୍ତି । ସେମାନେ ପୂର୍ବରେ ଯେପରି ଥିଲେ ସେହିପରି ନୁହଁନ୍ତି । ଏହା ସେହିପରି ଥିଲା, ଯେତେବେଳେ ଭବିଷ୍ୟଦ୍‌ବକ୍ତା କହୁଥିଲେ, "**ସଦାପ୍ରଭୁ ଏହି କଥା କୁହନ୍ତି**," ଲୋକମାନେ କମ୍ପିତ ହେଉଥିଲେ । ହଁ, ସେମାନେ ନିଶ୍ଚିତରେ ହେଉଥିଲେ । ଲୋକମାନେ ଦୂରେଇ ଯାଉଥିଲେ, ଯେହେତୁ ସେମାନେ ଭୟଭୀତ ହେଉଥିଲେ । କିନ୍ତୁ ବର୍ତ୍ତମାନ ସେମାନେ ଏହାର ସମସ୍ତ ଭୟ ହରାଇ ଅଛନ୍ତି । ସେମାନେ ପରମେଶ୍ୱରଙ୍କୁ ଭୟ କରନ୍ତି ନାହିଁ ।

209 ଶଲୋମୋନ କହିଲେ, "ପରମେଶ୍ୱରଙ୍କ ଭୟ—ଭୟ ହେଉଛି ଜ୍ଞାନର ପ୍ରାରମ୍ଭ," ଠିକ ଏହାର ଆରମ୍ଭ ଅଟେ ।

210 ମାତ୍ର ଭବିଷ୍ୟଦ୍‌ବକ୍ତା **ସଦାପ୍ରଭୁ ଏହି କଥା କୁହନ୍ତି** କହିପାରନ୍ତି, ଲୋକମାନେ କୁହନ୍ତି, "ନିର୍ବୋଧ!" ଦେଖନ୍ତୁ, ସେମାନଙ୍କ ପାଇଁ କୌଣସି ଆଶା ନାହିଁ । ଏହା ତ, ସେମାନେ କୁହନ୍ତି, "କାହିଁକି, ଆମେ ତ ପ୍ରଖର, ଆମେ ତ ବୌଦ୍ଧିକ ଅଟୁ, ଆମକୁ ସେହି ପ୍ରକାରର ଜିନିଷ ଗ୍ରହଣ

କରିବାର କୌଣସି ପ୍ରୟୋଜନ ନାହିଁ! ଆମେ ଜାଣୁ ଯେ ଆମେ କେଉଁ ବିଷୟରେ କଥା ହେଉଅଛୁ!"

211 ଏହା ମଧ୍ୟ ଏକ ପୁରାତନ ପ୍ରବାଦ ଅଟେ, ଯଥା, "ମୂର୍ଖମାନେ ସେହି ସ୍ଥାନରେ କଣ୍ଟକ ଜୋତା ସହିତ ଚାଲିବେ, ଯେଉଁଠାରେ ଦୂତମାନେ ପାଦ ଦେବାକୁ ଭୟ କରନ୍ତି।" ନିଶ୍ଚିତ ଭାବରେ।

212 ତେବେ, ରୂପାନ୍ତରଣ କଅଣ ଅଟେ? (ଶୀଘ୍ର।) ଆମେ ଏହାକୁ କିପରି ପ୍ରାପ୍ତ ହେବା? ରୂପାନ୍ତରଣ କଅଣ ସାଧନ କରେ? ପରମେଶ୍ୱର ଏହାକୁ ଆପଣାର ବାକ୍ୟର ଆତ୍ମା ଦ୍ୱାରା ସାଧନ କରନ୍ତି। ସେ ପରିବର୍ତ୍ତନ କରନ୍ତି। ସେ ତାହାଙ୍କର ବୀଜ ବପନ କରନ୍ତି, ତାହା ଉପରେ ନିଜର ଆତ୍ମା ଢାଳନ୍ତି, ଏବଂ ଏହା ଉତ୍ପାଦକୁ ନେଇ ଆସିଥାଏ। ତାହାଙ୍କର ପବିତ୍ରଆତ୍ମା ସେହି ବୀଜ ବାକ୍ୟକୁ ନିଜ ପରି ଏକ ପ୍ରକାରରେ ସୁପ୍ରମାଣିତ କରିବା ପାଇଁ ରୂପାନ୍ତରିତ କରିଥାଏ।

213 ଆପଣ କି ପ୍ରକାର ଏକ ବୀଜ ଅଟନ୍ତି, ତାହା ଠିକ ସେହି ବିଷୟକୁ ଦର୍ଶାଏ ଯେ ଆପଣଙ୍କ ଭିତରେ କଅଣ ଅଛି। ଆପଣ ଏହାକୁ ଲୁଚାଇ ପାରନ୍ତି ନାହିଁ। ଆପଣ ଯାହା ଭିତରେ ଅଟନ୍ତି, ତାହା ବାହାରେ ଦେଖାଯାଆନ୍ତି। ଆପଣ ଏଥିରୁ ବଞ୍ଚିତ ହୋଇପାରନ୍ତି ନାହିଁ। ଆପଣ ସେହି ଗଛକୁ ଯାହା ସେ ଅଟେ ତାହାଠାରୁ ଅନ୍ୟ କିଛି କରିପାରନ୍ତି ନାହିଁ। ଦେଖନ୍ତୁ, ଏହାକୁ—ଏହାକୁ ତ ସେହିପରି ହିଁ ହେବାକୁ ଅଛି। ପବିତ୍ରଆତ୍ମା ସେହି ବୀଜଗୁଡିକୁ ସେହିପରି ଭାବରେ ରୂପାନ୍ତରିତ କରନ୍ତି ଯାହା ଏହାର ଭିତର ରହିଥାଏ। ଏଥିରେ କିଛି ଯାଏ ଆସେ ନାହିଁ ଯେ ଏହା କେଉଁ ପ୍ରକାରର ଏକ ବୀଜ ଅଟେ, ଏହା ତ ତାହାକୁ ରୂପାନ୍ତରିତ କରି ପକାଇବ। ଯଦି ଏହା ମନ୍ଦ ଅଟେ, ଏହା ମନ୍ଦକୁ ଉତ୍ପନ୍ନ କରିବ। ଯଦି ଏହା କପଟୀ ଅଟେ, ତେବେ ଏହା ଏକ କପଟୀକୁ ଉତ୍ପନ୍ନ କରିବ। ଯଦି ଏହା ପରମେଶ୍ୱରଙ୍କ ଏକ ପ୍ରକୃତ ବାକ୍ୟ ଅଟେ, ତାହାହେଲେ ଏହା ଏକ ଚିନ୍ତାଶୀଳ ବ୍ୟକ୍ତିଙ୍କ ଛଣା ଯନ୍ତ୍ର ସାହାଯ୍ୟରେ, ପରମେଶ୍ୱରଙ୍କର ଏକ ପ୍ରକୃତ ପୁତ୍ର କିମ୍ବା କନ୍ୟାକୁ ଉତ୍ପନ୍ନ କରିବ। ଯେତେବେଳେ ସେହି ବୀଜ ଉପରକୁ ଆସେ, ଏହା ତାହା ଦେଇ ଆସେ, ଏହା ପରମେଶ୍ୱରଙ୍କ ଏକ ପୁତ୍ର ଏବଂ କନ୍ୟାକୁ ଉତ୍ପନ୍ନ କରେ।

214 ଦିନେ ଯେତେବେଳେ ଜଗତ ବିଶୃଙ୍ଖଳାର ସେହି ଅନ୍ଧକାରରେ ପଡ଼ି ରହିଥିଲା, ପରମେଶ୍ୱର…ବର୍ତ୍ତମାନ ଧ୍ୟାନ ସହକାରେ ଶୁଣନ୍ତୁ, କାରଣ ଆମେ କହିବାକୁ ଯାଉ ନାହୁଁ… ଅଳ୍ପ ଟିକିଏ ଅଧିକ ସମୟ। ଦେଖନ୍ତୁ। ଦିନେ ଯେତେବେଳେ ଜଗତ ପୁଣି ସମସ୍ତ ପ୍ରକାର ଧର୍ମରେ ରହିଥିଲା, ହାତ ଦୋଇବା, ହାଣ୍ଡି ଧୋଇବା, ବିଭିନ୍ନ ପୋଷାକ ଏବଂ ବୋନେଟ୍ ପିନ୍ଧିବା, ଇତ୍ୟାଦିରେ, ଏହା ସମ୍ପୂର୍ଣ୍ଣ ବିଶୃଙ୍ଖଳା ମଧ୍ୟରେ ରହିଥିଲା। ପରମେଶ୍ୱରଙ୍କ ପ୍ରକୃତ ଇସ୍ରାଏଲ୍ ପରମେଶ୍ୱରଙ୍କ ନିୟମ ଏବଂ ବ୍ୟବସ୍ଥାସକଳରୁ ଏତେ ବିକୃତ ହୋଇ ଯାଇଥିଲା, ଯେ ଯୀଶୁ କହିଥିଲେ, "ତୁମେ, ତୁମର ପରମ୍ପରାଗୁଡିକ ଦ୍ୱାରା, ପରମେଶ୍ୱରଙ୍କ ବାକ୍ୟକୁ ଲୋକମାନଙ୍କ ପ୍ରତି ପ୍ରଭାବହୀନ କରି ପକାଇଥାଅ, ତୁମର ପରମ୍ପରାଗୁଡିକ ଦ୍ୱାରା।" ଏବଂ ସେହି ପବିତ୍ର ଯାଜକମାନଙ୍କୁ ଦେଖନ୍ତୁ, ସେମାନେ ତାହାଙ୍କୁ ଡାକନ୍ତି; ଏବଂ ଯୀଶୁ କହିଲେ,

"ତୁମେମାନେ ତୁମର ପିତା, ଶୟତାନଠାରୁ ଅଟ, ଏବଂ ତାହାର କାର୍ଯ୍ୟଗୁଡିକୁ କରୁଥାଅ।" ଦେଖନ୍ତୁ, ଅବିକଳ ତାହାହିଁ ଅଟେ ଯାହା ସେ କହିଥିଲେ।

215 ତେବେ ଯେତେବେଳେ ଜଗତ ସେହି ପ୍ରକାରର ଏକ ପରିସ୍ଥିତିରେ ପଡ଼ି ରହିଥିଲା, ପରମେଶ୍ୱରଙ୍କ ଆତ୍ମା ପୁନର୍ବାର ଏକ ବୀଜ ଉପରେ ବିଚରଣ କଲେ ଯାହାକି ପୂର୍ବନିରୂପିତ ଥିଲା। ସେ ଯିଶାଇୟ ୨:୬ କୁ ତାହାର ପ୍ରତିଜ୍ଞା ଅନୁସାରେ ପରିବର୍ତ୍ତିତ ଏବଂ ରୂପାନ୍ତରିତ କଲେ; ସେ, ପରମେଶ୍ୱର, ସେହି ବିଶୃଙ୍ଖଳାର ସମୟକୁ ଉଦ୍ଧାର କରିବା ପାଇଁ, ମାନବ ଶରୀରରେ ସୃଷ୍ଟି ହୋଇଥିଲେ। ଯେତେବେଳେ ମନୁଷ୍ୟ ପରମେଶ୍ୱରଙ୍କ ପ୍ରତିମୂର୍ତ୍ତିରେ ନିର୍ମାଣ କରା ଯାଇଥିଲେ, ଏଠାରେ ପରମେଶ୍ୱର ଆସନ୍ତି, ଭବିଷ୍ୟଦ୍‌ବକ୍ତା ଏହାକୁ ଆଗରୁ ଦେଖିଥିଲେ… ତେବେ ବାକ୍ୟକୁ ମନେରଖନ୍ତୁ, ଭବିଷ୍ୟଦ୍‌ବକ୍ତା ଏହାକୁ ପୂର୍ବରୁ ଦେଖିଥିଲେ, ଠିକ୍ ସେହି ସମାନ ଭବିଷ୍ୟଦ୍‌ବକ୍ତା ଯିଏକି ଶେଷ ଦିନରେ ଶୟତାନକୁ ଦେଖିଥିଲେ, ବୁଝିଲେ, ଏହି ଶିକ୍ଷାଗତ କାର୍ଯ୍ୟକ୍ରମ ଓ ବିଷୟଗୁଡିକରେ ଯାହାକି ତାର ରହିଥିଲା, ଧାର୍ମିକ କାର୍ଯ୍ୟକ୍ରମରେ ଦେଖିଥିଲେ। ସେହି ସମାନ ଭବିଷ୍ୟଦ୍‌ବକ୍ତା, ଯିଶାଇୟ ୨:୬ କହିଲେ, "ଆମ ପାଇଁ ଏକ ସନ୍ତାନ ଜନ୍ମ ହୋଇଅଛନ୍ତି, ଆମକୁ ଏକ ପୁତ୍ର ଦତ୍ତ ହୋଇଅଛି; ଏବଂ ତାହାଙ୍କର ନାମ ଡକାଯିବ 'ମନ୍ତ୍ରୀ, ଶାନ୍ତିର ରାଜକୁମାର, ପରାକ୍ରମୀ ପରମେଶ୍ୱର, ଅନନ୍ତକାଳୀନ ପିତା।' ଏବଂ ତାହାଙ୍କ ରାଜତ୍ୱର କୌଣସି ଅନ୍ତ ହେବ ନାହିଁ।" ଏବଂ ସେହି ବାକ୍ୟ ହେଉଛି ପରମେଶ୍ୱରଙ୍କ ବାକ୍ୟ। ଏବଂ ଆତ୍ମା ସେହି ବାକ୍ୟ ଉପରେ ବିଚରଣ କଲେ, ଏବଂ ଏହା ଏକ କୁମାରୀ ଗର୍ଭରେ ସୃଷ୍ଟି ହେଲା। ଆମେନ୍। "ଏକ ପୁତ୍ର ଜନ୍ମ ହୋଇଅଛନ୍ତି," ସୃଷ୍ଟି ନୁହେଁ, "ଜନ୍ମ।"

216 ଶୟତାନ ଏହାକୁ ଛିଣ୍ଡିବାକୁ ଚେଷ୍ଟା କଲା ଓ ପୁନର୍ବାର ଚେଷ୍ଟା କଲା। ସେ ତାହାଙ୍କୁ ଉଚ୍ଚ ସ୍ଥାନକୁ ନେଇ କହିଲା, "ଯଦି ତୁମେ ତାହା ଯାହାକି ତୁମେ ଅଟ ବୋଲି ତୁମେ କହୁଛ, ତାହାହେଲେ ମୋ ପାଇଁ ଏଠାରେ ଏହି ଆରୋଗ୍ୟତାରୁ କିଛି ଟିକିଏ ସାଧନ କର। ମୋତେ ଦେଖାଅ ଯେ ତୁମେ ଏହା କିପରି କରିପାର। ଏହାକୁ, ରୁଟିକୁ, ଏବଂ ଏହି ପଥରଗୁଡ଼ିକୁ ରୁଟିରେ ପରିଣତ କର। ଆସୁ ତୁମକୁ ଡ଼େଇଁବାର ଦେଖୁ, କାରଣ ଶାସ୍ତ୍ର କୁହେ ଯେ ତୁମେ ଏହା କରିବ।"

217 କଅଣ ଆପଣ ଆଜି ସେହି ଧାର୍ମିକ ଭୂତମାନଙ୍କୁ ଠିକ ସେହି ସମାନ କଥା କହୁଥିବାର ଦେଖନ୍ତି କି? "ଯଦି ଇଶ୍ୱରୀୟ ଆରୋଗ୍ୟତା ଭଳି ଏକ ଜିନିଷ ଅଛି; ତାହହେଲେ ଭାଇ *ଅମୁକ-ଓ-ଅମୁକ* ଏଠାରେ ପଡ଼ି ରହିଛନ୍ତି, ଆସୁ ତାଙ୍କୁ ସୁସ୍ଥ କରିବାର ତୁମକୁ ଦେଖିବା।"

218 ସେହି ସମାନ ଶୟତାନ ଯୀଶୁଙ୍କ କ୍ରୁଶ ପାଖରେ ଛିଡା ହୋଇ, କହିଥିଲା, "ଯଦି ତୁମେ ପରମେଶ୍ୱରଙ୍କ ପୁତ୍ର ଅଟ, ତେବେ କ୍ରୁଶରୁ ଓହ୍ଲାଇ ଆସ।"

219 ବାକ୍ୟ କୁହେ ଯେ ସେ ପରମେଶ୍ୱରଙ୍କ ପୁତ୍ର ଥିଲେ। ଆତ୍ମା ପ୍ରମାଣ କରିଥିଲା ଯେ ସେ ପରମେଶ୍ୱରଙ୍କ ପୁତ୍ର ଥିଲେ। ଯିଶାଇୟ ୨:୬ ସଫଳ ହୋଇଥିଲା। ଏବଂ ଅନ୍ୟ ରାତିରେ, ଆପଣମାନଙ୍କ ମଧ୍ୟରୁ ଅନେକେ ପ୍ରସାରଣରେ ଏହା ଶୁଣିଥିଲେ ଯେ ଆମେମାନେ କିପରି

ଏହା ପ୍ରମାଣ କରିବା ବିଷୟରେ, ଯେ ଶାସ୍ତ୍ର କୁହେ ଯେ ସେ ତାହା ଅଟନ୍ତି, ପ୍ରାୟଃ, ମୁଁ ବିଶ୍ୱାସ କରେ ଷାଠିଏ-ରୁ-ଉର୍ଦ୍ଧ୍ୱ ଶାସ୍ତ୍ରାଂଶ ପ୍ରଦାନ କରିଥାଉ।

220 ଓଃ, ଶୟତାନ ଚେଷ୍ଟା ଓ ପୁନର୍ବାର ଚେଷ୍ଟା କଲା, ସବୁକିଛି କଲା। ଗୋଟିଏ ରାତି, ସେ ଯୀଶୁଙ୍କୁ ଜାହାଜର ପଛ ପଟରେ ଶୋଇଥିବାର ଦେଖିଲା। ଏବଂ ସେ କହିଲା, "ମୁଁ ବର୍ତ୍ତମାନ ତାଙ୍କୁ ବିନାଶ କରିବି।" କିନ୍ତୁ ସେ ପାରିଲା ନାହିଁ।

221 ସେ ତାଙ୍କୁ ଭୁଲ୍ କାମ କରିବା ପାଇଁ ପ୍ରଲୋଭିତ କରିବାକୁ ଚେଷ୍ଟା କଲା, କିନ୍ତୁ ସେ ତାହା କରିପାରିଲା ନାହିଁ। କାହିଁକି? ସେ ତ ପୂର୍ବନିରୂପଣର ପ୍ରତିରୋଧକ ସହିତ ଛିଞ୍ଚା ଯାଇଥିଲେ। ସେମାନେ ପ୍ରତାରିତ କରାଯାଇପାରନ୍ତି ନାହିଁ। ନା, ନୁହେଁ। ବାକ୍ୟ କହିଥିଲା ଯେ ସେ ଏଠାରେ ରହିବେ। ଆମେନ୍। ସେଠାରେ କୌଣସି ଶୟତାନ ତାଙ୍କୁ ବ୍ୟତିବ୍ୟସ୍ତ କରିବାକୁ ଯାଉ ନାହିଁ, ଏବଂ ଅନ୍ୟ କୌଣସି ପରମେଶ୍ୱରଙ୍କ ପୁତ୍ର ନୁହେଁ, ଯିଏକିକି ତାହାଙ୍କର ସ୍ଥାନ ଗ୍ରହଣ କରିବାକୁ ପୂର୍ବନିରୂପିତ ଅଟନ୍ତି। ସେ ଏକ ପ୍ରତିରୋଧକ ସହିତ ଛିଞ୍ଚଣ କରାଯାଇଛନ୍ତି। ଶୟତାନର ବିଷ, ନାମଧାରୀ ଡାକ୍ତରମାନେ ତ ତାହାଙ୍କୁ ସ୍ପର୍ଶ ସୁଦ୍ଧା କରନ୍ତି ନାହିଁ। ସେ ତ ଠିକ୍ ଆଗକୁ ବଢି ଯାଆନ୍ତି, ତାହାଙ୍କୁ କିଛି ହେଲେ ବ୍ୟତିବ୍ୟସ୍ତ କରିବାକୁ ଯାଉ ନାହିଁ, ବୁଝିଲେ। ଏହାର ତାହାଙ୍କ ଉପରେ କୌଣସି ପ୍ରଭାବ ପଡ଼ିଲା ନାହିଁ।

222 "ତେବେ, ମୁଁ ତୁମକୁ ସମଗ୍ର ପୃଥିବୀର ବିଶପ୍ କରି ଦେବି। ମୋର ଏହା ଉପରେ ଆଧିପତ୍ୟ ଅଛି। ଯଦି ତୁମେ କେବଳ ମୋର ଉପାସନା କରିବ, ଆସି ମୋ ଗୋଷ୍ଠୀରେ ଯୋଗ ଦେବ, ତେବେ ମୁଁ କରି ଦେବି—ମୁଁ ତୁମକୁ ଶାସକ କରି ଦେବି। ମୁଁ ଓହ୍ଲାଇ ଯିବି, ତୁମକୁ ଉନ୍ନତ କରି ଦେବି।"

223 ସେ କହିଲେ, "ଶୟତାନ, ମୋ ପଛରେ ହୁଅ। ଏହା ଲେଖା ଅଛି, 'ତୁମେ ପରମେଶ୍ୱର, ବାକ୍ୟକୁ ଉପାସନା କରିବ, ଏବଂ କେବଳ ତାହାଙ୍କୁ ତୁମେ ସେବା କରିବ।'" ତାହାପରେ ଦିନେ...

ଏହି ମହାନ ବ୍ୟକ୍ତିଙ୍କ ଉପରେ, ମୁଁ ସେଠାରେ କିଛି ସମୟ ରହିବାକୁ ଚାହିଁବି।

224 ମାତ୍ର ଦିନେ, ଆତ୍ମା ତାହାଙ୍କ ଉପରେ ପୁନର୍ବାର ବିଚରଣ କଲେ; 'କାରଣ ତାହାଙ୍କ ବିଷୟରେ କିଛି ବାକ୍ୟ ଲେଖାଯାଇଥିଲା, ଭବିଷ୍ୟଦ୍‌ବକ୍ତାଙ୍କ ମାଧ୍ୟମରେ, ପରମେଶ୍ୱରଙ୍କଠାରୁ ଆସିଥିଲା, "ଆଉ ତାହାଙ୍କୁ ଏକ ମେଷଶାବକ ପରି, ବଧଶାଳାକୁ କଢେଇ ନିଆଗଲା।" ଆଉ ଆତ୍ମା ତାହାଙ୍କ ଉପରେ ବିଚରଣ କଲେ, ଏବଂ ତାଙ୍କୁ କଢେଇ ନେଇ, କାଲଭରୀ କ୍ରୁଶ ନିକଟକୁ ପ୍ରେରଣ କଲେ। ସେଠାରେ ସେ ମୃତ୍ୟୁବରଣ କଲେ। ଏବଂ ତାହାଙ୍କ ବିଷୟରେ ତାହାଙ୍କ ମୃତ୍ୟୁରେ, ଯାହା ଯାହା କୁହାଯାଇଥିଲା, ତାହାସବୁ ସଫଳ ହେଲା, ଯେପରିକି ପୃଥିବୀରେ ଥିବା ପରମେଶ୍ୱରଙ୍କ ପୂର୍ବନିରୂପିତ ବୀଜକୁ ଆଲୋକ ଏବଂ ଜୀବନ ଆଣି ଦିଆଯାଏ। ସେ ଏହା କରିବାର ଉପାୟ ନେଇ ଆସିଥିଲେ। *ଏଠାରେ* ସେହି ବୀଜ ଅଛି, ସେହି ଆତ୍ମା ଜୀବନ ଆଣିଥାଏ; ପରମେଶ୍ୱରଙ୍କ ପୁତ୍ର ଓ କନ୍ୟାମାନଙ୍କୁ ରୂପାନ୍ତରିତ

କରି, ଜଗତର ଏହି ଅନ୍ଧକାର ବିଶୃଙ୍ଖଳାଠାରୁ, ପରମେଶ୍ୱରଙ୍କ ପୁତ୍ର ଓ କନ୍ୟାମାନ ରୂପେ ଆଣିଥାଏ।

225 ସେହି ଶବ୍ଦ "ପୂର୍ବନିରୂପଣ" ରେ ଝୁଣ୍ଟି ପଡନ୍ତୁ ନାହିଁ। ମୁଁ ଜାଣେ ଯେ ଆପଣ ପଡନ୍ତି। ମାତ୍ର, ଶୁଣନ୍ତୁ, ଏହା ମୋର ବାକ୍ୟ ନୁହେଁ। ଏହା ତ ପରମେଶ୍ୱରଙ୍କ ବାକ୍ୟଗୁଡିକରୁ ଅନ୍ୟତମ ଅଟେ। ଆପଣ ଏହାକୁ ପଢ଼ିବାକୁ ଚାହାଁନ୍ତି, ଏଫିସୀୟ 1:5 ପାଠ କରନ୍ତୁ, ଯାହାକି, "ସେ ଆମମାନଙ୍କୁ ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା ପୁତ୍ର ରୂପେ ଗ୍ରହଣ କରାଯିବା ନିମନ୍ତେ ପୂର୍ବରୁ ନିରୂପଣ କରିଅଛନ୍ତି।" ବୁଝିଲେ?

226 ମୋତେ ଏହାକୁ କେବଳ ଗୋଟିଏ ମିନିଟ ଖଣ୍ଡ ଖଣ୍ଡ କରିବାକୁ ଦିଅନ୍ତୁ, କେବଳ, ଗୋଟିଏ ମିନିଟ, ଯେପରିକି ଆପଣମାନଙ୍କ ମନରୁ ଏହାକୁ ଭାଙ୍ଗିଦିଏ। ଦେଖନ୍ତୁ। ଯେପରିକି ଆରମ୍ଭରେ, ଆପଣ ନିଜ ପିତାଙ୍କଠାରେ ଥିଲେ, ଏକ ଜୀବାଣୁ ବୀଜ। କଅଣ ଆପଣ ତାହା ଜାଣିଥିଲେ, ଆପଣମାନେ ପ୍ରତ୍ୟେକେ? ଆପଣ ନିଜର ଜେଜେ-ଜେଜେ-ଜେଜେ-ଜେଜେ ବାପା ଭିତରେ, ମଧ୍ୟ ଥିଲେ, କଅଣ ଆପଣ ତାହା ଜାଣିଥିଲେ?

227 ଏବ୍ରୀ ପୁସ୍ତକ ପାଠ କରନ୍ତୁ, ଯେଉଁଠାରେ ଆମେମାନେ ପାଉ ଯେ ଲେବୀ ଦଶମାଂଶ ଦେଇଥିଲେ, ଯେତେବେଳେ ସେ ଅବ୍ରହାମଙ୍କ କଟିଦେଶରେ ଥିଲେ, ତାହାର ପରେ ଆସୁଥିବା ଚତୁର୍ଥ ପୁରୁଷରେ। ଯେତେବେଳେ ଅବ୍ରହାମ ମଲ୍‌କୀଷେଦକଙ୍କୁ ଦଶମାଂଶ ଦେଇଥିଲେ, ସେତେବେଳେ ଏହା ତାଙ୍କ ପରେ ଆସୁଥିବା ତାଙ୍କର ଅଣ-ଅଣ-ନାତିର ଖାତାରେ ଲେଖା ଯାଇଥିଲା, ଏବଂ ସେ ସେତେବେଳେ ଅବ୍ରହାମଙ୍କ କଟିଦେଶରେ ରହିଥିଲେ। ଆପଣମାନେ ସେଠାରେ ଅଛନ୍ତି। ବୁଝିଲେ?

228 ଆପଣ ନିଜ ପିତାଙ୍କର କଟିଦେଶରେ ରହିଥିଲେ, କିନ୍ତୁ ଆପଣଙ୍କର ପିତା ଆପଣଙ୍କ ସହିତ ସେତେବେଳେ ଯାଏଁ କୌଣସି ସହଭାଗୀତା କରି ପାରି ନ ଥିଲେ ଯେପର୍ଯ୍ୟନ୍ତ କି ଆପଣ ଏକ ମାଂସମୟ ଶରୀରରେ ରୂପାନ୍ତରିତ ନ ହୋଇଗଲେ।

229 ମୋ ପୁଅ ସେଠାରେ ମୋ ଭିତରେ ରହିଥିଲା। ମୁଁ—ମୁଁ—ମୁଁ ଏକ ପୁଅ ଚାହିଁଥିଲି, ମାତ୍ର ସେ ସେତେବେଳେ ମୋ ଭିତରେ ରହିଥିଲା। ବୁଝିଲେ? ସେ ସେତେବେଳେ ମୋ ଭିତରେ ରହିଥିଲା। ମାତ୍ର ବିବାହ ବନ୍ଧନରେ ଆବଦ୍ଧ ହେବା ଦ୍ୱାରା, ସେ ମୋ ପରି ଜଣେ ବ୍ୟକ୍ତିରେ ରୂପାନ୍ତରିତ ହେଲେ, ଏବଂ ତାହାପରେ ସେ ମୋ ପରି ହୋଇଗଲେ।

230 ଏବଂ ଆପଣ ନିଜର ପିତାମାତାଙ୍କ ପରି ହୁଅନ୍ତି, ଦେଖନ୍ତୁ, 'କାରଣ ଏହା ଆରମ୍ଭରୁ ହିଁ, ଆପଣଙ୍କ ଭିତରେ ରହିଥିଲା। ବର୍ତ୍ତମାନ ଯଦି ଆମେ ପରମେଶ୍ୱରଙ୍କ ପୁତ୍ର, ତାହାଙ୍କର ଗୁଣସକଳ ଅଟୁ...ଯାହାକି, ଆପଣ ନିଜର ପିତାଙ୍କର ଏକ ଗୁଣସକଳ ଅଟନ୍ତି, ନିଜର ମାତାଙ୍କର ନୁହେଁ; ଆପଣା ପିତାଙ୍କର ଅଟନ୍ତି। ସେହି ଜୀବାଣୁ ପିତାଙ୍କଠାରେ ରହିଥାଏ। ବୁଝିଲେ? ଆଉ ବର୍ତ୍ତମାନ ଆପଣଙ୍କର ମାତା ଡିମ୍ବ ସେକିବା ଏକ ଇନକ୍ୟୁବେଟର ଯନ୍ତ୍ର

ଥିଲେ ଯାହାକି ଆପଣଙ୍କୁ ବହନ କରିଥିଲେ, ଆପଣଙ୍କର ପିତାଙ୍କ ବଂଶକୁ ବହନ କରିଥିଲେ। ବୁଝିଲେ?

231 ଏବଂ ପୃଥିବୀ ମଧ୍ୟ, ଶରୀରରେ, ଇନକ୍ୟୁବେଟର ଯନ୍ତ୍ର ଅଟେ ଯାହାକି ପରମେଶ୍ୱରଙ୍କ ବଂଶକୁ ବହନ କରେ। ବୁଝିଲେ, ଠିକ ଅବିକଳ ଭାବେ। ଜଗତ ନୁହେଁ, ଏହି ଜଗତ ଯେ କେତେ ମହାନ ତାହା ନୁହେଁ; ଏହା ତ ସେହି ପରମେଶ୍ୱର କେତେ ମହାନ ଅଟନ୍ତି ଯିଏକି ଏହାକୁ ନିର୍ମାଣ କରିଛନ୍ତି। ବୁଝିଲେ? ବୁଝିଲେ?

232 ତେବେ ଯଦି ଆପଣ ପରମେଶ୍ୱରଙ୍କ ଜଣେ ପୁତ୍ର ଏବଂ କନ୍ୟା ଅଟନ୍ତି, ତାହାହେଲେ ଆପଣ ଆରମ୍ଭରୁ ହିଁ ପରମେଶ୍ୱରଙ୍କଠାରେ ଥିଲେ। ଆପଣ ତାହାଙ୍କର ଗୁଣସକଳ ଅଟନ୍ତି। ଯଦି ଆପଣ ସେତେବେଳେ ସେଠାରେ ନ ଥିଲେ, ତେବେ ଆପଣ କେବେ ନ ଥିଲେ;ଏ କିମ୍ବା କେବେ ବି ରହିବେ ନାହିଁ।

233 କାରଣ, ମୁଁ ମୋ କଟିଦେଶରୁ, *ଏଠାରେ* ଏହି ବ୍ୟକ୍ତିଙ୍କର ପୁତ୍ର କିମ୍ବା *ସେଠାରେ* ସେହି ବ୍ୟକ୍ତିଙ୍କର ପୁତ୍ରକୁ ବହନ କରିପାରେ ନାହେଁ, ମୁଁ ତ କେବଳ ମୋର ନିଜର ପୁତ୍ରମାନଙ୍କୁ ବହନ କରିପାରେ, ଏବଂ ସେମାନେ ମୋର ସାଦୃଶ୍ୟତାକୁ ବହନ କରିବେ। ହାଲ୍ଲେଲୁୟା। କଅଣ ଆପଣ ଏହା ଦେଖୁଛନ୍ତି କି?

234 ଆରମ୍ଭରେ ପୁତ୍ର ଓ କନ୍ୟାମାନେ ପରମେଶ୍ୱରଙ୍କଠାରେ ଥିଲେ। ଏବେ ଦେଖନ୍ତୁ। ଆପଣଙ୍କଠାରେ ଅନନ୍ତ ଜୀବନ ଅଛି, ଆପଣ କୁହନ୍ତି। ଆମେ ଏହାକୁ ବିଶ୍ୱାସ କରୁ, ଯେ ଆମଠାରେ ଅନନ୍ତ ଜୀବନ ଅଛି। ତେବେ, ଅନନ୍ତ ଜୀବନର କେବଳ ଗୋଟିଏ ରୂପ ଅଛି, ଏବଂ ତାହା ହେଉଛନ୍ତି ପରମେଶ୍ୱର। ତାହାହିଁ ଏକମାତ୍ର ଜିନିଷ ଯାହାକି ଅନନ୍ତ ଅଟେ, ତାହା ହେଉଛନ୍ତି ପରମେଶ୍ୱର। ତାହାହେଲେ ଯଦି ଆପଣଙ୍କ ପାଖରେ ଅନନ୍ତ ଜୀବନ ଅଛି, ସେହି ଜୀବନ ଯାହାକି ଆପଣଙ୍କ ଭିତରେ ଅଛି ତାହା ସର୍ବଦା ରହିଥିଲା, ଏବଂ ଏପରିକି ସଂସାର ହେବା ପୂର୍ବରୁ ଆପଣ ପରମେଶ୍ୱରଙ୍କ କଟିଦେଶରେ ରହିଥିଲେ। ଏବଂ ଯେତେବେଳେ ବାକ୍ୟ ନିଜେ...ଯୀଶୁ ନିଜେ ବାକ୍ୟ କୁହାଯାଆନ୍ତି, ଏବଂ ସାଧୁ ଯୋହନ 1 ରେ, କୁହେ, "ଆଦ୍ୟରେ ବାକ୍ୟ ଥିଲେ, ଏବଂ ବାକ୍ୟ ପରମେଶ୍ୱରଙ୍କ ସଙ୍ଗରେ ଥିଲେ, ଏବଂ ସେହି ବାକ୍ୟ ପରମେଶ୍ୱର ଥିଲେ। ଆଉ ସେହି ବାକ୍ୟ ଦେହବନ୍ତ ହେଲେ ଓ ଆମମାନଙ୍କ ମଧ୍ୟରେ ବାସ କଲେ।" ତାହାହେଲେ ଆପଣ ଯୀଶୁଙ୍କ କଟିଦେଶରେ ଥିଲେ, ଏବଂ ତାହାଙ୍କ ସହିତ କାଲଭରୀକୁ ଯାଇଥିଲେ। ଆପଣ ତାହାଙ୍କ ସହିତ ମୃତ୍ୟୁବରଣ କଲେ, ଏବଂ ଆପଣ ତାହାଙ୍କ ସହିତ ଉତ୍ଥିତ ହେଲେ। ଏବଂ ଆଜି ଆମେମାନେ ତାହାଙ୍କଠାରେ, ତାହାଙ୍କ ଆତ୍ମାରେ ପରିପୂର୍ଣ୍ଣ ହୋଇ ପରମେଶ୍ୱରଙ୍କ ପୁତ୍ର ଓ କନ୍ୟା ଭାବରେ, ସ୍ୱର୍ଗୀୟ ସ୍ଥାନରେ ବସିଅଛୁ। ତାହାଙ୍କ ସହିତ ମଲୁ, ତାହାଙ୍କ ସହିତ ଉତ୍ଥିତ ହେଲୁ। ନିଶ୍ଚିତରେ।

235 ବର୍ତ୍ତମାନ ତାହାହେଲେ, ତେବେ, ତେବେ ଆପଣ ତାହାଙ୍କ ସହିତ ସହଭାଗୀତା କରିପାରନ୍ତି। ଆପଣ ସେଠାରେ ପଶ୍ଚାତ ସମୟରେ କରି ପାରି ନ ଥିଲେ, କାରଣ ଆପଣ

ତାହାଙ୍କଠାରେ କେବଳ ଏକ ବାକ୍ୟ, ଏକ ବୀଜ ଥିଲେ। କିନ୍ତୁ ବର୍ତ୍ତମାନ ସେ ଆପଣଙ୍କୁ ପ୍ରକାଶ କରିଛନ୍ତି, ଏବଂ ବର୍ତ୍ତମାନ ସେ ଚାହୁଁଛନ୍ତି ଯେ ଆପଣ ତାହାଙ୍କ ସହିତ ସହଭାଗୀତା କରନ୍ତୁ। ତେବେ ସେ ତଳକୁ ଓହ୍ଲାଇ ଆସିଲେ, ମାଂସମୟ ଦେହ ଧାରଣ କଲେ ଯେଣୁ ସେ ଆପଣଙ୍କ ସହିତ ସିଦ୍ଧ ସହଭାଗୀତା କରିପାରିବେ। କଅଣ ସେହି ସିଦ୍ଧ ସହଭାଗୀତାକୁ ଦେଖୁଛନ୍ତି କି? ହେ, ମୋର ପ୍ରଭୁ, ପରମେଶ୍ୱରଙ୍କ ସେହି ନିଗୁଢ଼ ସଂକଳ୍ପମାନ! କେଡ଼େ ଅଦ୍ଭୁତ! ଦେଖନ୍ତୁ, ପରମେଶ୍ୱର ଆତ୍ମାରେ ସହଭାଗୀତା କରିପାରିବେ ନାହିଁ, ତେଣୁ ପରମେଶ୍ୱର ଆମ ସହିତ ମନୁଷ୍ୟ ହୋଇଗଲେ।

236 ଯୀଶୁ ଖ୍ରୀଷ୍ଟ ନିଜେ ପ୍ରକଟିତ, ପରମେଶ୍ୱର ଥିଲେ, କାରଣ, ସେ ଜଣେ ପୁତ୍ର ଥିଲେ ଯେହେତୁ ସେ ଜନ୍ମ ହୋଇଥିଲେ, କିନ୍ତୁ ଏହା ତ କେବଳ ତାହାଙ୍କର ବାସ କରିବା ନିମନ୍ତେ ଏକ ତମ୍ବୁ ଥିଲା। "କୌଣସି ମନୁଷ୍ୟ କେବେ ହେଲେ ପରମେଶ୍ୱରଙ୍କୁ କୌଣସି ସମୟରେ ଦେଖି ନାହାଁନ୍ତି, ମାତ୍ର ପିତାଙ୍କର ଏକମାତ୍ର ଅଦ୍ୱିତୀୟ ପୁତ୍ର ତାହାଙ୍କୁ ଘୋଷଣା କରିଛନ୍ତି।" ପରମେଶ୍ୱର ଆପଣା ନିମନ୍ତେ ଏକ ଘର, ବାସ କରିବା ପାଇଁ ଏକ ଶରୀର ନିର୍ମାଣ କଲେ, ତଳକୁ ଓହ୍ଲାଇ ଆସିଲେ, ଯେପରିକି ଆପଣ ତାହାଙ୍କୁ ଛୁଇଁ ପାରିବେ। ପ୍ରଥମ ତୀମଥି 3:16, "ନିଃସନ୍ଦେହତଃ, ଈଶ୍ୱର ପରାୟଣର ନିଗୁଢ଼ ସଂକଳ୍ପ ମହାନ; କାରଣ ପରମେଶ୍ୱର ଶରୀରରେ ପ୍ରକଟିତ ହେଲେ, ସ୍ୱର୍ଗଦୂତମାନଙ୍କ ଦ୍ୱାରା ଦେଖା ଦେଲେ, ବିଶ୍ୱାସ କରାଗଲେ, ସ୍ୱର୍ଗକୁ ଗ୍ରହଣ କରାଗଲେ।" ବୁଝିଲେ? ତେବେ ସେ...

237 ଆପଣ ଶରୀର, ଏବଂ ସେ ଶରୀର ହୋଇଥିବା ହେତୁ, ତେବେ ଯାଇ ଆପଣ ବର୍ତ୍ତମାନ ସହଭାଗୀତା କରିପାରନ୍ତି, କାରଣ ସେ ପରମେଶ୍ୱରଙ୍କ ପ୍ରେମର ଗୁଣସକଳ ଅଟନ୍ତି। ପରମେଶ୍ୱର ପ୍ରେମ ଅଟନ୍ତି। କଅଣ ତାହା ଠିକ୍ ଅଟେ? ଏବଂ ଯୀଶୁ ପରମେଶ୍ୱରଙ୍କ ପ୍ରେମର ଗୁଣସକଳ ଥିଲେ। ଏବଂ ଯେତେବେଳେ ପ୍ରେମର ଗୁଣସକଳ ପ୍ରଦର୍ଶିତ ହେଲା, ଯାହାକି, ତାହା ପରମେଶ୍ୱର ନିଜେ ଥିଲେ; ସମସ୍ତ ଗୁଣସକଳ ଯାହାକି ତାହାଙ୍କ ଉପରେ ଆଖ୍ୟା ଦିଆ ଯାଇଥିଲା, ଯୀଶୁଙ୍କ ନିକଟକୁ ଆସିଲା, "ସମସ୍ତ କିଛି ଯାହା ପିତା ମୋତେ ଦେଇଅଛନ୍ତି, ମୋ ନିକଟକୁ ଆସିବେ।" ନିଶ୍ଚିତରେ, ସେମାନଙ୍କୁ ପୂର୍ବନିରୂପିତ ହେବାକୁ ଥିଲା। ଯଦି ଏହା ନ ଥାନ୍ତା, ଆପଣ ସେଠାରେ ରହି ନ ଥାଆନ୍ତେ। ତାହାହିଁ ସବୁକିଛି ଅଟେ। ନିଶ୍ଚିତରେ।

238 ବର୍ତ୍ତମାନ ଆମେମାନେ, ତାହାଙ୍କ ବାକ୍ୟର ସେହି—ସେହି ସମୃଦ୍ଧି ଜରିଆରେ ସହଭାଗୀତା କରିପାରୁ, ଏବଂ ଯେଉଁଥିର ଆପଣ ଏକ ଅଂଶ ଅଟନ୍ତି। ଆପଣ ସେହି ବାକ୍ୟର ଏକ ଅଂଶ ଅଟନ୍ତି; 'କାରଣ ସେ ଆଦ୍ୟରେ ବାକ୍ୟ ଥିଲେ, ଆପଣ ବର୍ତ୍ତମାନ ସେହି ବାକ୍ୟ ଅଟନ୍ତି। ବୁଝିଲେ? ମୁଁ ଆଜି ରାତିରେ, କିମ୍ବା ରବିବାର କିଅବା ଗୋଟିଏ ଦିନରେ ଯେତେବେଳେ ମୁଁ ପ୍ରବେଶ କରେ, ତାହା ବିଷୟରେ ପ୍ରଚାର କରୁଅଛି ଯେ ବାକ୍ୟ କଅଣ ଅଟେ, ଦେଖନ୍ତୁ। ଏବଂ ବର୍ତ୍ତମାନ ଆପଣ ବାକ୍ୟର ଏକ ଅଂଶ ଅଟନ୍ତି।

239 ଶୁଣନ୍ତୁ । ଗୋଟିଏ ଜିନିଷ ଅଛି ଯାହା ମୁଁ କରିପାରେ ନାହିଁ । ମୁଁ ମୋର ପୂର୍ବପୁରୁଷମାନଙ୍କ ଉପରେ ଗର୍ବ କରିପାରେ ନାହିଁ । ନା, ମୁଁ ଏକ ଭୟଙ୍କର ଗଣ୍ଡଗୋଳ ଦେଇ ଆସିଅଛି । ମୋ ବାପା ଜଣେ ଆଇରିଶ୍ ଲୋକ ଥିଲେ । ମୋ ମାଆ ଜଣେ ଉତ୍ତର ଆମେରିକୀୟ ଭାରତୀୟ ସ୍ତ୍ରୀଲୋକ ଥିଲେ, ଅଧା ଭାରତୀୟ; ତାଙ୍କ ମାଆ ଜଣେ ଭାରତୀୟ ଥିଲେ, ପେନ୍‌ସନ୍ ଭତ୍ତା ପାଉଥିଲେ । ତେବେ, ସେମାନେ ସମସ୍ତେ, ମଦ୍ୟପ ଥିଲେ, ସେମାନଙ୍କ ମଧ୍ୟରୁ ଅଧିକାଂଶ ଜୋତା ପିନ୍ଧି, ଯୁଦ୍ଧ କରୁ କରୁ ମରିଗଲେ, ବନ୍ଧୁକ ଚାଳନାକାରୀ, ଏବଂ ପ୍ରଭୃତି ଥିଲେ । ମୁଁ ସେହି ବିଷୟରେ କିଛି ଗର୍ବ କରିପାରେ ନାହିଁ, କାରଣ ମୋର ପୂର୍ବପୁରୁଷମାନେ ଏବଂ ମୋ ପାରିବାରିକ ପୀଢ଼ୀ ଭୟଙ୍କର ଅଟେ ।

240 କିନ୍ତୁ, ଭାଇ, ଗୋଟିଏ ଜିନିଷ ଅଛି ଯାହା ଉପରେ ମୁଁ ଗର୍ବ କରିପାରେ, ମୁଁ ମୋର ପ୍ରଭୁ ଯୀଶୁଙ୍କ ଉପରେ ଗର୍ବ କରିପାରେ ଯିଏକି ମୋତେ ମୁକ୍ତ କରିଅଛନ୍ତି । ଏବଂ ତାହାଙ୍କର ରୂପାନ୍ତରଣ ଶକ୍ତି ସହିତ, ପୂର୍ବ ନିରୂପଣ ଦ୍ୱାରା ଏକ ବୀଜ ରୋପଣ କଲେ, ଏବଂ ମୁଁ ତାହା ଦେଖିଲି । ମୁଁ ବର୍ତ୍ତମାନ କାହାର ପୁତ୍ର ଅଟେ? ହଁ । ମୁଁ ତାହାଙ୍କ ଉପରେ ଗର୍ବ କରିପାରେ । ଏବଂ ମୁଁ ମୋ ଜୀବନର ତେ-ତିରିଶ ବର୍ଷ, ତାହାଙ୍କ ଉପରେ ଗର୍ବ କରି ଅତିବାହିତ କରିଅଛି । ଯଦି ସେ ମୋତେ ଆଉ ତେ-ତିରିଶ ବର୍ଷ ବଞ୍ଚାଇ ରଖିବେ, ମୁଁ ତାହାଙ୍କ ଉପରେ ଆହୁରି ଅଧିକ ଗର୍ବ କରିବାକୁ ଚେଷ୍ଟା କରିବି । ବୁଝିଲେ? ମୁଁ ମୋର ପୂର୍ବପୁରୁଷ ଉପରେ ଗର୍ବ କରିପାରେ, ହାଲ୍ଲେଲୁୟା, ସେ ଯିଏକି ମୋତେ ମୁକ୍ତ କଲେ ଓ ଜୀବନର ସେହି ବୀଜକୁ *ଏଠାରେ* ରୋପଣ କଲେ, ଏବଂ ମୋତେ ଏହି ବାକ୍ୟକୁ ଦେଖିବା ପାଇଁ ଦେଲେ, ତାହାଙ୍କର ଆତ୍ମାକୁ ପଠାଇ କହିଲେ, "ଏଠାରେ ତାହା ଅଟେ । *ଏହା* କୁହ, ଏବଂ ତାହା ହୋଇଯିବ । *ତାହା* କର ।" ଏବଂ ଓଃ, ମୋର ପ୍ରଭୁ, ମୁଁ ତାହାଙ୍କ ଉପରେ ଗର୍ବ କରିପାରେ! ସେ ଏହା କିପରି କଲେ? ବାକ୍ୟ ରୂପ ଜଳରେ ପ୍ରକ୍ଷାଳନ କରିବା ଦ୍ୱାରା, ପୃଥକୀକରଣର ଜଳ ଦ୍ୱାରା । ମୁଁ ଇଚ୍ଛା କରେ ଯେ କାଳେ ଆମେ ଏହାକୁ ବୁଝାଇ ପାରିଥାନ୍ତି ।

241 ପ୍ରକୃତ ପୂର୍ବନିରୂପିତ ବିଶ୍ୱାସୀସମାନେ ସେହି ବାକ୍ୟ ସହିତ ରହିବେ କାରଣ ସେମାନେ ସେହି ବାକ୍ୟର ଅଂଶ ଅଟନ୍ତି ।

242 ହେ, ଭ୍ରମଣକାରୀ ନକ୍ଷତ୍ରଗଣ, ତୁମେ କେତେ କାଳ ଦରାଣ୍ଡି ହେଉଥିବ? ଆପଣ ମେଥୋଡିଷ୍ଟ, ବାପ୍‌ଟିଷ୍ଟ, ପ୍ରେସବିଟେରିଆନ୍, ବାହାର ଲୋକ, ଆପଣ ଯିଏ କେହି ବି ହୋଇଥାଆନ୍ତୁ, ମଣ୍ଡଳୀରୁ ମଣ୍ଡଳୀ ପର୍ଯ୍ୟନ୍ତ, ସ୍ତମ୍ଭରୁ ଅନ୍ୟ ସ୍ଥାନକୁ, ଏବଂ ଟେଲିଭିଜନ୍‌ରୁ ଟେଲିଭିଜନ୍‌କୁ, ଜଗତରୁ ଜଗତକୁ, ଭ୍ରମଣକାରୀ ନକ୍ଷତ୍ରଗଣ, ତୁମେ କାହିଁକି ଆସୁନାହଁ? ସେ ଆପଣଙ୍କ ସହ ସହଭାଗୀତା କରିବାକୁ ଇଚ୍ଛା କରନ୍ତି । ସେ ଆପଣଙ୍କ ପାଇଁ ବହୁତ ଆଗ୍ରହୀ ଅଟନ୍ତି । ସେ ଆପଣଙ୍କର ମନର ନୂତନୀକୃତ ଦ୍ୱାରା ଆପଣଙ୍କୁ ରୂପାନ୍ତରିତ କରିବାକୁ ଚାହାଁନ୍ତି, ମଣ୍ଡଳୀ ପ୍ରତି କିମ୍ବା ନାମଧାରୀ ସଂସ୍ଥା ପ୍ରତି ନୁହେଁ, ବରଂ ତାହାଙ୍କର ବାକ୍ୟ ପ୍ରତି, ଯାହାରକି, ଆପଣ ଏକ ଅଂଶ ଅଟନ୍ତି ଯଦି ସେହି ଇଚ୍ଛା ଆପଣଙ୍କ ଭିତରେ ରହିଛି ।

ଯେଉଁମାନେ *ଧାର୍ମିକତା ପାଇଁ କ୍ଷୁଧିତ ଓ ତୃଷାର୍ତ୍ତ ସେମାନେ ଧନ୍ୟ: କାରଣ ସେମାନେ ପରିତୃପ୍ତ କରାଯିବେ ।* (ଦେଖନ୍ତୁ? ଊଃ-ହୁଃ ।)

243 ଆଉ ସେ ଆପଣମାନଙ୍କୁ ଧର୍ମର ଏହି ବିକୃତିରୁ ବାହାର କରି ଆଣିବା ପାଇଁ, ତାହାଙ୍କର ରୂପାନ୍ତରଣ ଶକ୍ତିକୁ ପଠାଇ ଅଛନ୍ତି । ଏହି ବିକୃତ ବିଶୃଙ୍ଖଳାରେ ଯେଉଁଥିରେକି ଆମେମାନେ ରହିଛୁ, ପରମେଶ୍ୱର ତାହାଙ୍କର ରୂପାନ୍ତରଣ ଶକ୍ତିକୁ, ସୁପ୍ରମାଣିତ, ସିଦ୍ଧ, ତାହାଙ୍କର ବାକ୍ୟକୁ ପଠାଇ ଅଛନ୍ତି, ଯେପରିକି ଅଜ୍ଞତାର ଏହି ଧାର୍ମିକ ବିକୃତିରୁ ଆପଣମାନଙ୍କୁ ବାହାର କରାଯାଏ ଯେଉଁଥିରେ ଆପଣମାନେ ଗମନ କରୁଛନ୍ତି, "ଉଲଗ୍ନ, ଅନ୍ଧ, ଦୁଃଖୀ, ଏବଂ ଏହା ଜାଣନ୍ତି ନାହିଁ ।" ବନ୍ଧୁଗଣ, ଏହା ବିଷୟରେ ଚିନ୍ତା କରନ୍ତୁ ।

244 ଆପଣ ଜାଣନ୍ତି, ପରମେଶ୍ୱର ତାହାଙ୍କର ବାକ୍ୟକୁ ସଫଳ କରିବା ପାଇଁ ତାହାଙ୍କର ରୂପାନ୍ତରଣ ଶକ୍ତିକୁ ପ୍ରେରଣ କରିଥିଲେ, ଏବଂ ସାରା ଓ ଅବ୍ରହାମଙ୍କର ସମ୍ପୂର୍ଣ୍ଣ ଶରୀରକୁ ପରିବର୍ତ୍ତନ କରିଥିଲେ । ଜଣେ ବୃଦ୍ଧ ଲୋକ ଓ ଜଣେ ବୃଦ୍ଧ ମହିଳାଙ୍କୁ ରୂପାନ୍ତରିତ କରିଥିଲେ, କାରଣ ସେ ପ୍ରତିଜ୍ଞା କରିଥିଲେ ଯେ ସେ ଏହା କରିବେ ।

245 ଏବଂ ପରମେଶ୍ୱର ଯାହା କରିବାକୁ ପ୍ରତିଜ୍ଞା କରନ୍ତି, ସେ ତାହା କରିବେ । ସେଠାରେ କିଛି ନାହିଁ, କୌଣସି ବିଷୟ ନାହିଁ...ଯେକୌସି ବିକୃତ ବିଷୟ, ପରମେଶ୍ୱର ଏହା ସହିତ କିଛି କରିପାରନ୍ତି ନାହିଁ । ମାତ୍ର ସେ ତାହାଙ୍କର ବାକ୍ୟକୁ ରକ୍ଷା କରିବେ, ଏବଂ ସେ ତାହାଙ୍କର ଆତ୍ମାକୁ ପଠାଇବେ! "ମୁଁ ସଦାପ୍ରଭୁ ଏହାକୁ ରୋପଣ କରିଅଛି । ମୁଁ ଏହାକୁ ଦିନରାତି ଜଳ ସେଚନ କରିବି, ଯେପରି କେହି ଏହାକୁ ମୋ ହାତରୁ ଛଡ଼ାଇ ନ ନିଏ ।" ବାଇବଲ ତାହାହିଁ କୁହେ ।

246 ହେ, ଭ୍ରମଣକାରୀ ନକ୍ଷତ୍ରଗଣ, ଆପଣା ହୃଦୟରେ ଇଚ୍ଛା ସହିତ! ଆପଣଙ୍କୁ ତ ଏହା ପାଇବାକୁ ଅଛି, ନଚେତ୍ ଆପଣ ଆଜି ସକାଳେ ଏଠାରେ ବସି ନ ଥାଆନ୍ତେ । ଏବଂ ଆପଣ ସେହି ମଣ୍ଡଳୀରେ ଓ ପ୍ରେକ୍ଷାଳୟରେ ରହି ନ ଥାଆନ୍ତେ, ଏବଂ ଆପଣ ଯେଉଁ ସ୍ଥାନରେ ବି ଅଛନ୍ତି, ବାହାରେ ଏବଂ ସମଗ୍ର ଦେଶରେ, ଯଦି କୌଣସି ବିଷୟ ଆପଣଙ୍କୁ ସେଠାକୁ ନେଇକରି ଆସି ନ ଥାଆନ୍ତା । କୌଣସି ବ୍ୟକ୍ତି ଆପଣଙ୍କ ସହିତ କଥା ହେଲେ । ଆପଣ ଆଉ ଆଗକୁ ଯାଆନ୍ତୁ ନାହିଁ । ବାକ୍ୟରୂପ ଦ୍ୱାରା ଜଳ ଦ୍ୱାରା ଏକ ଧୌତ କରାଯିବାର ଅଛି, ଯାହାକି ଆପଣଙ୍କୁ ହିମ ତୁଲ୍ୟ ଶୁଭ୍ର କରି ଦେବ । ହେ ପରମେଶ୍ୱରଙ୍କର ପୁତ୍ରଗଣ, ଶୁଣନ୍ତୁ! ସେହି ବିକୃତିରେ ରୁହନ୍ତୁ ନାହିଁ । ସେଥିରୁ ବାହାରି ଆସନ୍ତୁ । ଅବ୍ରହାମ ପରମେଶ୍ୱରଙ୍କୁ ବିଶ୍ୱାସ କଲେ, ଏବଂ ଏପରି କୌଣସି ବିଷୟକୁ ଯାହାକି ବିପରୀତ ଥିଲା ଡାକିଲେ...

247 ଆପଣ କୁହନ୍ତି, "ମୁଁ କିପରି ମୋର ଜୀବିକାର୍ଜନ କରିବି? ମୁଁ *ଏହା* କିପରି କରିବି?" ତାହା ପରମେଶ୍ୱରଙ୍କର ଚିନ୍ତା ଅଟେ । "ମୁଁ କିପରି କରିବି? ମୋର ସହଯୋଗୀମାନେ ମୋତେ ପ୍ରତ୍ୟାଖ୍ୟାନ କରି ଦେବେ ।"

248 ପରମେଶ୍ୱର କହିଲେ, "ଯିଏ ଆପଣା ପିତା, ମାତା, ପତ୍ନୀ, ସ୍ୱାମୀ, ଗୃହ, ପରିବାର ପରିତ୍ୟାଗ କରିବ; ମୁଁ ସେମାନଙ୍କୁ ଘର ଏବଂ ପରିବାର ଦେବି, ମୁଁ ସେମାନଙ୍କୁ ପିତା ଓ

ମାତା, ଏବଂ ଭାଇ ଓ ଭଉଣୀମାନଙ୍କୁ ଦେବି, ଇହ ଜଗତରେ, ଏବଂ ଭବିଷ୍ୟତରେ ଆଗାମୀ ଜଗତରେ ଅନନ୍ତ ଜୀବନ ଦେବି।" ବନ୍ଧୁ, ଏହା ଏକ ପ୍ରତିଜ୍ଞା ଅଟେ। ତାହା, ଓଃ, ତାହା ତ ଜଳସେଚିତ ହେବାକୁ ଅଛି! ପରମେଶ୍ୱର କରିଥିବା ପ୍ରତ୍ୟେକ ପ୍ରତିଜ୍ଞା ସଫଳ ହୋଇଥାଏ। ପରମେଶ୍ୱରଙ୍କ ପ୍ରତ୍ୟେକ ବୀଜ ଏକ ପ୍ରତିଜ୍ଞା ଅଟେ।

249 ଏବଂ, ଭଉଣୀ, ସେହି କେଶକୁ ଛୋଟ ଛୋଟ କରି କାଟିବା ବନ୍ଦ କରି ଦିଅନ୍ତୁ, କାରଣ ଏହା ପରମେଶ୍ୱରଙ୍କ ସମ୍ମୁଖରେ ଏକ ଅସାମାନ୍ୟ ବିଷୟ ଅଟେ। ସେହି ପୋଷାକ ପିନ୍ଧିବା ଛାଡିଦିଅନ୍ତୁ, ଏହା ତାହାଙ୍କ ପାଇଁ ଘୃଣାର ବିଷୟ ଅଟେ!

250 ଆପଣ ଭାଇମାନେ, ଆପଣ ପୁରୁଷମାନେ, ଏହି କାର୍ଯ୍ୟଗୁଡ଼ିକ କରିବାରେ, ସେହି ନାମଧାରୀ ସଂସ୍ଥାଗୁଡିକ ପ୍ରତି ହାତ ଦେବାରେ ବନ୍ଦ କରି ଦିଅନ୍ତୁ, ଏବଂ ନିଜର ପତ୍ନୀମାନଙ୍କୁ ଏହିପରି କାର୍ଯ୍ୟ କରିବାକୁ ଦେବାର ବନ୍ଦ କରି ଦିଅନ୍ତୁ। ଏହା ତ ଖ୍ରୀଷ୍ଟିଆନମାନଙ୍କ ପରି ହେବା ନୁହେଁ।

251 ବାକ୍ୟ ନିକଟକୁ ଫେରି ଆସନ୍ତୁ! ସେହି ବାକ୍ୟକୁ ଗ୍ରହଣ କରନ୍ତୁ, ଏହା ବୃଦ୍ଧି ପାଇବ। ଏହାକୁ ବୃଦ୍ଧି ପାଇବାକୁ ଅଛି। ପରମେଶ୍ୱରଙ୍କ ରୂପାନ୍ତରଣ ଶକ୍ତି ଯାହାକି ଏହାକୁ ପ୍ରଥମ ସ୍ଥାନରେ ନେଇ ଆସିଥିଲା, ସେ ତ ଠିକ ନିଜର ମାର୍ଗରେ ଅଛନ୍ତି, ଏହାକୁ ବର୍ତ୍ତମାନ ପୁନର୍ବାର ଫେରାଇ ନେଉଅଛନ୍ତି। ସେ ତ ପୁନର୍ବାର ଠିକ ସେହି ସ୍ଥାନକୁ ଫେରି ଯାଉଛନ୍ତି ଯେଉଁଠାରେକି ଏହା ଥିଲା।

252 ହନୋକ ପରମେଶ୍ୱରଙ୍କ ରୂପାନ୍ତରଣ ଶକ୍ତି ଦ୍ୱାରା, ମୃତ୍ୟୁରୁ, ରୂପାନ୍ତରିତ ହୋଇଥିଲେ। ପରମେଶ୍ୱର ତାହା କଅଣ ପାଇଁ କରିଥିଲେ? ହେବାକୁ ଥିବା ମଣ୍ଡଳୀର ଉର୍ଦ୍ଧାନ୍ତିକରଣର ଏକ ପ୍ରତିରୂପ ଭାବରେ। ହଁ। ଏଲିୟ ମଧ୍ୟ ସେହି ସମାନ ଥିଲେ।

253 ଯୀଶୁଙ୍କ ଶରୀର ମୃତ ହୋଇଯିବା ପରେ ତାହା ସଂଜୀବିତ ହୋଇଥିଲା। ଏବଂ କବରରେ, ଯୀଶୁଙ୍କ ଶରୀର ପରମେଶ୍ୱରଙ୍କ ବାକ୍ୟ ଦ୍ୱାରା ସଂଜୀବିତ ହୋଇଥିଲା; ଏବଂ ଏକ ମୃତ, ଶୀତଳ ପ୍ରତିମାରୁ, ଏକ ପୁନରୁତ୍ଥିତ, ପରମେଶ୍ୱରଙ୍କ ଗୌରବମୟ ପୁତ୍ରରେ, ରୂପାନ୍ତରିତ ହୋଇଥିଲା। କାରଣ ଭବିଷ୍ୟଦ୍‌ବକ୍ତା, ଗୀତସଂହିତା 16:10, ଯଦି ଆପଣ ଏହାକୁ ଲେଖିବାକୁ ଚାହାଁନ୍ତି, 16:10, କୁହେ, "ମୁଁ ତାହାଙ୍କର ପ୍ରାଣକୁ ନରକରେ ଛାଡିବି ନାହିଁ, କିମ୍ବା ମୁଁ ମୋର ପବିତ୍ର ଜନକୁ କ୍ଷୟପ୍ରାପ୍ତ ଦେଖିବାକୁ ଦେବି ନାହିଁ।" ହେ ପରମେଶ୍ୱର!

254 ସେହି ବାକ୍ୟକୁ ସଂଘଟିତ ହେବାକୁ ଅଛି, ଏହା ପରମେଶ୍ୱରଙ୍କ ବାକ୍ୟ ଅଟେ! ଯଦି ଆପଣ ଏକ ଉର୍ଦ୍ଧାନ୍ତିକରଣରେ ଯିବାକୁ ଚାହାଁନ୍ତି, ତେବେ ଏହାକୁ ନିଜ ହୃଦୟରେ ରୋପଣ କରନ୍ତୁ। ଯଦି ଆପଣ ଖାଣ୍ଟି ଖ୍ରୀଷ୍ଟିଆନ ହେବାକୁ ଚାହାଁନ୍ତି, ତେବେ ଏହି ବାକ୍ୟକୁ ସ୍ଥାପନ କରନ୍ତୁ। ଯେପରିକି ମୁଁ ବିଶ୍ୱାସ କରେ ଯେ ଏହା ଯିହିଜିକଲ ଥିଲେ, ପରମେଶ୍ୱର କହିଲେ, "ସେହି ନଳାକାର ପୁସ୍ତକଟିକୁ ନେଇ ତାହାକୁ ଭୋଜନ କର," ଯେଣୁ ସେହି ଭବିଷ୍ୟଦ୍‌ବକ୍ତା ଏବଂ ସେହି ବାକ୍ୟ ସମାନ ହେବ। ଏବଂ ସେଠାରେ ଥିବା ପ୍ରତ୍ୟେକ ପ୍ରତିଜ୍ଞାକୁ ନିଜକୁ ପ୍ରକଟିତ

କରିବାକୁ ହେବ, କାରଣ ଏହା ପରମେଶ୍ୱରଙ୍କ ମୂଳ ବୀଜ ଅଟେ। ଆପଣ ଏଠାରେ ଥିବା କୌଣସି ଶିକ୍ଷିତ ଧର୍ମଶାସ୍ତ୍ରୀଙ୍କୁ ଏହାକୁ ଆପଣଙ୍କଠାରୁ କାଢି ନେବା ପାଇଁ ଚେଷ୍ଟା କରିବାକୁ ଦିଅନ୍ତୁ ନାହିଁ। ଆପଣ ତାଙ୍କୁ ସେହି ଶାରୀରିକ ବିଜ୍ଞାନ ଏବଂ ଜ୍ଞାନ, ଓ ଶିକ୍ଷା ସହିତ ଆପଣଙ୍କ ଉପରେ ଛିଞ୍ଚିବାକୁ ଦିଅନ୍ତୁ ନାହିଁ। ପରମେଶ୍ୱରଙ୍କୁ ବିଶ୍ୱାସ କରନ୍ତୁ!

255 ଅବ୍ରହାମ ତାଙ୍କ ଦିନର ବୈଜ୍ଞାନିକ ଅନୁସନ୍ଧାନକୁ ଏହା କହି ଗ୍ରହଣ କଲେ ନାହିଁ, ଯଥା, "ମୁଁ ସନ୍ତାନ ଜନ୍ମ କରିବା ପାଇଁ ବହୁତ ବୃଦ୍ଧ ଅଟେ, ମୁଁ ବହୁତ ବୟସ୍କ ହୋଇଯାଇଛି। ମୁଁ *ଏହା*, *ତାହା*, କିମ୍ବା *ଅନ୍ୟ* କିଛି କରିସାରିଛି।" ମାତ୍ର ସେ ପରମେଶ୍ୱରଙ୍କ ବାକ୍ୟର ବିପରୀତରେ, ସମସ୍ତ କିଛିକୁ ଏପରି ଡାକିଲେ, ଯେପରିକି ତାହା ନ ଥିଲା। ଏବଂ ସେ ଅବିଶ୍ୱାସ ଦ୍ୱାରା, ପରମେଶ୍ୱରଙ୍କ ପ୍ରତିଜ୍ଞା ଉପରେ ବିଚଳିତ ହେଲେ ନାହିଁ; ମାତ୍ର ପରମେଶ୍ୱରଙ୍କୁ ପ୍ରଶଂସା ଦେଇ, ଶକ୍ତିଶାଳୀ ହୋଇଥିଲେ। ସେ ଜାଣିଥିଲେ ଯେ ପରମେଶ୍ୱର ଯାହା ପ୍ରତିଜ୍ଞା କରିଛନ୍ତି ତାହା କରିବାକୁ ସେ ସକ୍ଷମ ଅଟନ୍ତି।

256 ହେ, ଭ୍ରମଣକାରୀ ପୁତ୍ରଗଣ, ଏହି ପୃଥିବୀର ଲତାଗୁଡିକ ଦ୍ୱାରା ବିକୃତ ଅଟ! ହେ ଭ୍ରମଣକାରୀ ଭଉଣୀମାନେ, ଯେ ଏହି ଜଗତର ସ୍ଥାନଗୁଡିକ ଏବଂ ବେଶଭୁଷା ଶୈଳୀମାନ ଆପଣଙ୍କୁ ଆକର୍ଷିତ କରିଅଛି! ଏବଂ, ଭଉଣୀ ପ୍ରିୟ, ଆପଣ ମୋତେ ଏକ ପୁରୁଣା ପାଗଳ ବୋଲି ଭାବିପାରନ୍ତି, କିନ୍ତୁ ଏହି ଦିନଗୁଡିକ ମଧ୍ୟରୁ ଗୋଟିଏରେ ଯେତେବେଳେ ଆପଣ ସେହି ବିଷୟକୁ ସାକ୍ଷାତ କରନ୍ତି ଯାହାକୁ ଫ୍ଲୋରେନ୍ସ ଶାକାରିଆନ୍ ଅନ୍ୟ ରାତିରେ ସାକ୍ଷାତ କରିଥିଲେ; ସେ ମଧ୍ୟ, ଏହି କୋଠରୀରେ, ବସିଥିଲେ, ଯେପରିକି ଆପଣମାନେ ଜାଣନ୍ତି। ଯେତେବେଳେ ଆପଣ ତାହା ସାକ୍ଷାତ କରନ୍ତି, ଆପଣ ତାହା ଜାଣିବାକୁ ପାଇବେ ଯେ, ମୁଁ ନୁହେଁ, ମାତ୍ର ଏହି ବାକ୍ୟ ଠିକ୍ ଅଟେ। ସେହି ବାରିକ ଦୋକାନ, ସେହି ବେଶଭୁଷା ଶୈଳୀର ଦୋକାନଗୁଡିକରୁ ଦୂରରେ ରୁହନ୍ତୁ। ସେହି ବିଷୟଗୁଡିକରୁ ଦୂରେଇ ରୁହନ୍ତୁ।

257 କୁହନ୍ତି, "ଆପଣ କାହିଁକି ସେମାନଙ୍କୁ ସେହି ମହାନ ବିଷୟଗୁଡିକୁ ଶିକ୍ଷା ଦେଉ ନାହାଁନ୍ତି, ଯେ *ଏହା* କିପରି ହେବା ଉଚିତ୍?" କେବଳ ନିଜର କଖଗ ରୁ ଆରମ୍ଭ କରନ୍ତୁ, ଏବଂ ତାହାପରେ ଆମେ ବୀଜଗଣିତକୁ ଆସିବା। ବୁଝିଲେ? କେବଳ ଶିକ୍ଷା କରିବା ଆରମ୍ଭ କରନ୍ତୁ, "ଯାହାକି ଆପଣଙ୍କର ଉପଯୁକ୍ତ ସେବା ଅଟେ।"

> *ଅତଏବ, ହେ ଭାଇ ଓ ଭଉଣୀମାନେ, ପରମେଶ୍ୱରଙ୍କ ଦୟା ହେତୁ ମୁଁ ବିନୟ କରୁଅଛି, ତୁମ୍ଭେମାନେ ଆପଣା ଆପଣା* ଶରୀରକୁ *ସଜୀବ, ପବିତ୍ର,* ଓ *ପରମେଶ୍ୱରଙ୍କ ସୁଗ୍ରାହ୍ୟ ବଳିରୂପେ ଉତ୍ସର୍ଗ କର, ଏହା ତ ତୁମ୍ଭମାନଙ୍କର ଯୁକ୍ତିଯୁକ୍ତ ଉପାସନା।*

258 ଆପଣ କେବଳ "ଆପଣଙ୍କର ଯୁକ୍ତିଯୁକ୍ତ ଉପାସନା" ପ୍ରଦାନ କରନ୍ତୁ, ପରମେଶ୍ୱର ଏହାର ଅବଶିଷ୍ଟ ଭାଗର ଯତ୍ନ ନେବେ; ଦେଖନ୍ତୁ, କେବଳ ସେହି ଜିନିଷଗୁଡ଼ିକୁ ଯୁକ୍ତି କରିବା ଯାହାକି ଆପଣ ନିଜେ ଯୁକ୍ତି କରିପାରନ୍ତି ଓ କାର୍ଯ୍ୟକାରୀ କରିପାରନ୍ତି। କଅଣ ଏହା ନୁହେଁ...

ଜଣେ ସ୍ତ୍ରୀଲୋକ ପାଇଁ କଅଣ ଏହା ଅଯୁକ୍ତିକର ନୁହେଁ କି ଯେ ସେ ନିଜକୁ ଉଲଗ୍ନ କରି, ଏଠାରେ ବାହାରକୁ ଚାଲିଯାଏ ଆଉ ସେହିପରି ଭାବରେ ବ୍ୟବହାର କରେ, ଯେତେବେଳେକି ବାଇବଲ ଏହାକୁ ନିନ୍ଦା କରିଥାଏ? ଜଣେ ବ୍ୟକ୍ତି ପାଇଁ କଅଣ ଏହା ଅଯୁକ୍ତିକର ନୁହେଁ କି ଯେ ସେ ନିଜକୁ ଏପରି ଏକ ମତ ସିଦ୍ଧାନ୍ତରେ ପକାଇଥାଏ ଯାହାକି ଆଜି ଆମର ରହିଅଛି, ଏବଂ ଏଠାରେ ଏହି ସମସ୍ତ ବିଷୟ ରହିଅଛି, ଏବଂ ଏହି ସବୁ ସେମିନାରୀ ବିଷୟ, ଏବଂ ସେହିପରି ବିଷୟ, ଯେତେବେଳେକି ଏହା ପରମେଶ୍ୱରଙ୍କ ବାକ୍ୟର ସମ୍ପୂର୍ଣ୍ଣ ବିରୋଧାତ୍ମକ ଅଟେ? ବୁଝିଲେ?

259 ଯିଶାଇୟଙ୍କ ଓଷ୍ଠାଧର, ସେ ତ କେବଳ ଅପରିଷ୍କାର ଓଷ୍ଠାଧରର ଜଣେ ସାଧାରଣ ବ୍ୟକ୍ତି ଥିଲେ । ସେ କହିଲେ, "ପ୍ରଭୁ, ମୁଁ ଅଶୁଚି ଲୋକମାନଙ୍କ ମଧ୍ୟରେ ଅଛି, ଏବଂ ମୋର ଅଶୁଚି ଓଷ୍ଠାଧର ଅଛି । ମୋ ଉପରେ ହାୟ, କାରଣ ମୁଁ ପରମେଶ୍ୱରଙ୍କୁ ଦର୍ଶନ କରିଅଛି ।" ଆଉ ଜଣେ ସ୍ୱର୍ଗଦୂତ ଓହ୍ଲାଇ ଆସିଲେ, ପରମେଶ୍ୱରଙ୍କ ଯଜ୍ଞବେଦୀରୁ ଅଗ୍ନି, ପବିତ୍ର ଅଗ୍ନିକୁ ନେଲେ, ଏବଂ ତାଙ୍କର ଓଷ୍ଠାଧରକୁ ରୂପାନ୍ତରିତ କରି ଦେଲେ; ଜଣେ ଭ୍ରମଣକାରୀ ଲୋକର ଓଷ୍ଠାଧରରୁ, ଜଣେ ଭବିଷ୍ୟଦ୍‌ବକ୍ତାଙ୍କ ଓଷ୍ଠାଧର କଲେ, ଯାହାଙ୍କ ପାଖରେ **ସଦାପ୍ରଭୁ ଏହି କଥା କୁହନ୍ତି** ରହିଥିଲା । ପରମେଶ୍ୱରଙ୍କର ରୂପାନ୍ତରଣ ଶକ୍ତି!

260 ଶହେ କୋଡ଼ିଏ ମାଛ ଧରାଳୀମାନେ, ଏବଂ—ଏବଂ ବାଇଗଣୀ ରଙ୍ଗର ଛୋଟ ଛୋଟ ବିକ୍ରେତାମାନେ, ସ୍ତ୍ରୀଲୋକମାନେ, ଏବଂ ସେମାନେ ଯେଉଁମାନେକି ନିଜକୁ ଏକ ଉପର କୋଠରୀରେ ଏକତ୍ରିତ କରି ଦ୍ୱାର ବନ୍ଦ କରିଥିଲେ, ସେମାନଙ୍କ ମଧ୍ୟରୁ କେତେକ ନିଜ ନାମର ଦସ୍ତଖତ ସୁଦ୍ଧା କରିବାକୁ ପର୍ଯ୍ୟାପ୍ତ ଶିକ୍ଷିତ ନ ଥିଲେ । ପରମେଶ୍ୱର ସେମାନଙ୍କୁ ମାଛ ଧରାଳୀରୁ, ମନୁଷ୍ୟ ଧରାଳୀକୁ ରୂପାନ୍ତରିତ କଲେ; ରାସ୍ତାରେ ଥିବା ପୁରୁଷ ଏବଂ ସ୍ତ୍ରୀଠାରୁ, ପରମେଶ୍ୱରଙ୍କ ସାଧୁଗଣ, ଅମରତାରେ ରୂପାନ୍ତରିତ କଲେ । ପରମେଶ୍ୱରଙ୍କ ରୂପାନ୍ତରଣ ଶକ୍ତି!

261 ପାଉଲ, ଜଣେ ସ୍ଥାନୀୟ ମଣ୍ଡଳୀ ସଦସ୍ୟ, ପ୍ରେସ୍‌ବିଟେରିଆନ୍, ମେଥୋଡିଷ୍ଟ, ବାପ୍‌ଟିଷ୍ଟ, ପେଣ୍ଟିକଷ୍ଟାଲ୍, କିମ୍ବା ଯାହାକିଛି ବି ଅଟେ; ସେ ରାସ୍ତାରେ ଯାଉଥିଲେ, ତାଙ୍କ ଭିତରେ ଥିବା ତାଙ୍କର ସେହି ଅତ୍ୟଧିକ ପ୍ରତିରୋଧର ଆତ୍ମା ସହିତ, ଯେ ସେ ସେମାନଙ୍କ ମଧ୍ୟରୁ କାହାରି ଅପେକ୍ଷା ଅଧିକ ଜାଣିଛନ୍ତି । ସେ ଗମଲିୟେଲ୍‌ଙ୍କ ଅଧୀନରେ ଶିକ୍ଷାପ୍ରାପ୍ତ ହୋଇଥିଲେ, ଯିଏକି ସେହି ଦେଶରେ ଥିବା ସର୍ବୋତ୍ତମ ଶିକ୍ଷକମାନଙ୍କ ମଧ୍ୟରୁ ଅନ୍ୟତମ ଥିଲେ । ଦମ୍ମେଶକକୁ ଯାଉଥିବା ତାଙ୍କ ମାର୍ଗରେ କଅଣ ଘଟିତ ହେଲା, ଯେଉଁଠାକୁ ସେ ପରମେଶ୍ୱରଙ୍କ ବାକ୍ୟକୁ ବିଶ୍ୱାସ କରୁଥିବା ଦଳେ ଲୋକମାନଙ୍କୁ ଧରିବା ପାଇଁ ଯାଉଥିଲେ? ସେଠାକୁ ଯିବାର ସେହି ମାର୍ଗରେ, ସେ ଆଘାତ କରା ଯାଇଥିଲେ, ଏବଂ ସେ ଏକ ବାର୍ତ୍ତା ଶୁଣିଲେ । ଏବଂ ଏହା ତାଙ୍କୁ ଜଣେ ମଣ୍ଡଳୀ ସଦସ୍ୟ ଏବଂ ଜଣେ ମଣ୍ଡଳୀ ଯାତ୍ରୀଠାରୁ; ପରମେଶ୍ୱରଙ୍କ ଜଣେ ଭବିଷ୍ୟଦ୍‌ବକ୍ତାଙ୍କୁ ରୂପାନ୍ତରିତ କଲା, ଯିଏକି ନୂତନ ନିୟମରେ, ପରମେଶ୍ୱରଙ୍କ ବାକ୍ୟକୁ ଲେଖିଥିଲେ । ଜଣେ ମଣ୍ଡଳୀ ସଦସ୍ୟରୁ ଜଣେ ସାଧୁ!

262 ହେ, ଭ୍ରମଣକାରୀ ତାରା, ଆସୁ ବନ୍ଦ କରୁ। ହେ ଭ୍ରମଣକାରୀ ପୁଅ, ଭ୍ରମଣକାରୀ ବୀଜ ଯାହାକି ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯାଉଅଛି, ଏହି ବିକୃତିର ଅବସ୍ଥାରେ; ହେ ପିଲାମାନେ, ଆଜି ସକାଳେ, ଘୁରି ଯାଅ। ଦୟାକରି ମୋତେ ଏହିପରି ଜଣେ—ଜଣେ ବ୍ୟକ୍ତି ଭାବରେ ଶୁଣ ଯିଏକି ଜୀବିତ ଏବଂ ମୃତମାନଙ୍କ ମଧ୍ୟରେ ଛିଡା ହେବାକୁ ଚେଷ୍ଟା କରୁଅଛି।

263 ସେହି ଦେଶସାରା ବାହାରେ ଯେଉଁଠାରେକି ଏହି ପ୍ରସାରଣ ଆସୁଅଛି ଯଦି ଆପଣମାନେ ଏପର୍ଯ୍ୟନ୍ତ ସଂଯୋଗରେ ଅଛନ୍ତି, ଆପଣମାନେ ଯେଉଁମାନେକି ସେହି ସ୍ଥାନକୁ ଭ୍ରମଣ କରୁଛନ୍ତି, ଦୟାକରି ଗୋଟିଏ ମିନିଟ୍ ଅଧିକ ବସି ରୁହନ୍ତୁ। ମୁଁ ଜାଣେ ଯେ ଏଠାରେ ଟ୍ୟୁସାନ୍‌ରେ ଏହା ବିଳମ୍ବ ହୋଇଛି କିମ୍ବା, ମୋତେ କ୍ଷମା କରନ୍ତୁ, ଫିନିକ୍ସରେ, ଏହା ବାର ବାଜିବାକୁ କୋଡ଼ିଏ ମିନିଟ୍ ଅଟେ। ଏବଂ ମୁଁ ଏହି ଲୋକମାନଙ୍କୁ ଏଠାରେ ସକାଳୁ ରଖିଅଛି। ମୁଁ ଆପଣମାନଙ୍କୁ ଆପଣଙ୍କର କାମ ଏବଂ ସବୁ ଜିନିଷଠାରୁ ଦୂରେଇ ରଖିଛି। ମାତ୍ର ଦେଖନ୍ତୁ, ହେ ପ୍ରିୟ ବନ୍ଧୁ, ଆପଣ ପରମେଶ୍ୱରଙ୍କଠାରୁ ସବୁଦିନ ପାଇଁ ଦୂରେଇ ହୋଇପାରନ୍ତି। ଦୟାକରି ଆଜି ସକାଳେ ଫେରି ଆସନ୍ତୁ। କଅଣ ଆପଣ ଆସିବେ ନାହିଁକି? ନିର୍ଝର ପାଖରେ ସ୍ଥାନ ଅଛି।

ବହୁ ପୂର୍ବରୁ ଏକ ଗୁହାଳ କୁଣ୍ଡରେ, ମୁଁ ଜାଣେ ଯେ ଏହା ପ୍ରକୃତରେ ଅଟେ,
ମନୁଷ୍ୟମାନଙ୍କୁ ସେମାନଙ୍କର ପାପରୁ ଉଦ୍ଧାର କରିବା ପାଇଁ ଏକ ଶିଶୁ ଜନ୍ମ ହେଲେ।
ଯୋହନ ତାହାଙ୍କୁ ନଦୀକୂଳରେ ଦେଖିଲେ, ଚିରକାଳର ମେଷଶାବକ,
ହେ, ଖ୍ରୀଷ୍ଟ, କାଲଭରୀର କ୍ରୁଶାର୍ପିତ।

ଓଃ, ମୁଁ ଗାଲିଲୀର, ଗାଲିଲୀର ସେହି ବ୍ୟକ୍ତିଙ୍କୁ ପ୍ରେମ କରେ,
କାରଣ ସେ ମୋ ପାଇଁ ବହୁତ କିଛି କରିଅଛନ୍ତି।
ସେ ମୋର ସମସ୍ତ ପାପକୁ କ୍ଷମା କରିଛନ୍ତି, ଅନ୍ତରରେ ପବିତ୍ରଆତ୍ମାକୁ ସ୍ଥାପିତ କରିଛନ୍ତି;
ଓଃ, ମୁଁ ପ୍ରେମ କରେ, ମୁଁ ଗାଲିଲୀର ସେହି ବ୍ୟକ୍ତିଙ୍କୁ ପ୍ରେମ କରେ।

ଜଣେ କରଗ୍ରାହୀ ଦିନେ ସେଠାରେ ମନ୍ଦିରରେ ପ୍ରାର୍ଥନା କରିବାକୁ ଗଲା,
ସେ କାନ୍ଦିଲା, "ହେ ପ୍ରଭୁ, ମୋ ପ୍ରତି ଦୟା କର!"
ତାକୁ ପ୍ରତ୍ୟେକ ପାପରୁ କ୍ଷମା କରାଗଲା, ଏବଂ ଅନ୍ତରରେ ଏକ ଗଭୀର ଶାନ୍ତି ସ୍ଥାପିତ କରାଗଲା;
ସେ କହିଲା, "ଆସ ଗାଲିଲୀର ଏହି ବ୍ୟକ୍ତିଙ୍କୁ ଦେଖ।" (ଠିକ ଅଛି।)

ଛୋଟା ଚାଲିବାକୁ ଲାଗିଲା, ମୂକ କଥା କହିବା ଲାଗିଲା,
ସେହି ଶକ୍ତିକୁ ସମୁଦ୍ର ଉପରେ ପ୍ରେମର ସହ କୁହାଗଲା;
ଅନ୍ଧ ଦେଖିବାକୁ ଲାଗିଲା, ମୁଁ ଜାଣେ ଯେ ଏହା କେବଳ
ଗାଲିଲୀରୁ ସେହି ବ୍ୟକ୍ତିଙ୍କର ଦୟା ସକାଶୁ ହୋଇପାରିବ ।

264 ତାକୁ ଆଜିର ସେବାକାର୍ଯ୍ୟ ସହିତ ପ୍ରତିରୂପକ ଭାବେ ମିଶାନ୍ତୁ ।

କୂଅରେ ଥିବା ସେହି ସ୍ତ୍ରୀ, ସେ ତାର ସମସ୍ତ ପାପ କହି ଦେଇଥିଲେ,
ସେହି ସମୟରେ ତାର କିପରି ପାଞ୍ଚୋଟି ସ୍ୱାମୀ ଥିଲେ ।
ତାକୁ ପ୍ରତ୍ୟେକ ପାପରୁ କ୍ଷମା କରାଗଲା, ଏବଂ ଅନ୍ତରରେ ଏକ ଗଭୀର ଶାନ୍ତି ସ୍ଥାପିତ କରାଗଲା;
ସେ କାନ୍ଦିଲା, "ଆସ ଗାଲିଲୀର ଏହି ବ୍ୟକ୍ତିଙ୍କୁ ଦେଖ!"

265 ହେ ନାରୀ, ସେ ସେହି ସମାନ ବିଷୟ କରିପାରନ୍ତି । ସେ ଆଜି ସକାଳେ ଆପଣଙ୍କର ହୃଦୟ ପଢ଼ିଛନ୍ତି । ହେ ପୁରୁଷ, ସେ ଆପଣଙ୍କର ହୃଦୟ ପଢ଼ିଛନ୍ତି । ହେ, କରଗ୍ରାହୀ, ଆସନ୍ତୁ ପ୍ରାର୍ଥନା କରିବା!

ଓହ, ମୁଁ ଗାଲିଲୀର, ଗାଲିଲୀର ସେହି ବ୍ୟକ୍ତିଙ୍କୁ ପ୍ରେମ କରେ,
କାରଣ ସେ ମୋ ପାଇଁ ବହୁତ କିଛି କରିଅଛନ୍ତି ।
ସେ ମୋର ସମସ୍ତ ପାପକୁ କ୍ଷମା କରିଛନ୍ତି, ଅନ୍ତରରେ ପବିତ୍ରଆତ୍ମାକୁ ସ୍ଥାପିତ କରିଛନ୍ତି;
ଓଃ, ମୁଁ ପ୍ରେମ କରେ, ମୁଁ ଗାଲିଲୀର ସେହି ବ୍ୟକ୍ତିଙ୍କୁ ପ୍ରେମ କରେ ।

266 କଅଣ ଆଜି ସକାଳେ, ଆପଣ ମୋ ସହିତ, ତାହାଙ୍କୁ ପ୍ରେମ କରିବେ ନାହିଁ କି? ହେ, ପଥହୀନ, ଭ୍ରମଣକାରୀ ପାପୀ, ଏଠାରେ କିମ୍ବା ବାହାରେ ଆପଣ ଯେଉଁଠାରେ ବି ଥାଇପାରନ୍ତି, କଅଣ ଆପଣ ଆଜି ସକାଳେ ମୋର ପ୍ରଭୁଙ୍କୁ ଗ୍ରହଣ କରିବେ କି? ସେ ହେଉଛନ୍ତି ବାକ୍ୟ, ଏବଂ ବାକ୍ୟକୁ ଆପଣଙ୍କ ନିକଟକୁ ଅଣାଯାଇଛି । କଅଣ ଆପଣ ଆଜି ସକାଳେ ତାହାଙ୍କୁ ଗ୍ରହଣ କରିବେ ନାହିଁ କି? କଅଣ ଆପଣ କେବଳ ନିଜର ହାତକୁ ଉଠାଇବେ କିମ୍ବା ନିଜ ପାଦରେ, କିଅବା କିଛିରେ ଛିଡା ହେବେ, ଏବଂ ପ୍ରାର୍ଥନା କରିବେ କି, କହିବେ, "ମୁଁ ତାହାଙ୍କୁ ବର୍ତ୍ତମାନ ହିଁ ଗ୍ରହଣ କରିବାକୁ ଚାହେଁ । ଭାଇ, ମୁଁ ଇଚ୍ଛୁକ ଅଟେ । ମୁଁ ଠିକ ବର୍ତ୍ତମାନ ହିଁ ତାହାଙ୍କୁ ଗ୍ରହଣ କରିବାକୁ ଚାହେଁ ।" କଅଣ ଆପଣ ନିଜ ପାଦରେ ଛିଡା ହେବେ କି, ଯିଏ କେହି ବି ପ୍ରାର୍ଥନା କରାଇବାକୁ ଚାହାଁନ୍ତି, ଏବଂ କହିବେ, "ମୁଁ ଅଟେ..." ବରଂ, ପ୍ରାର୍ଥନା କରାଇବାକୁ ଚାହିଁବେ, "ମୁଁ ଜଣେ ପାପୀ । ମୁଁ ଚାହେଁ..." ମହାଶୟ, ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ । ଆଉ କେହି ଅଛନ୍ତି? ବର୍ତ୍ତମାନ ସମସ୍ତେ ପ୍ରାର୍ଥନା କରନ୍ତୁ, ମାତ୍ର ଗୋଟିଏ ମିନିଟ୍ ।

ଓଃ, ବହୁ ପୂର୍ବରୁ ଏକ ଗୁହାଳ କୁଣ୍ଡରେ, (ଏହା ଏକ ବିଶୃଙ୍ଖଳାରେ ଥିଲା, ଆପଣ ଜାଣନ୍ତି, ଜଗତ ରହିଥିଲା।) ମୁଁ ଜାଣେ ଯେ ଏହା ପ୍ରକୃତରେ ଅଟେ,
ମନୁଷ୍ୟମାନଙ୍କୁ ସେମାନଙ୍କ ପାପରୁ ଉଦ୍ଧାର କରିବା ପାଇଁ ଏକ ଶିଶୁ ଜନ୍ମ ହେଲେ।
ଯେତେବେଳେ ଯୋହନ ତାହାଙ୍କୁ ନଦୀକୂଳରେ ଦେଖିଲେ, ସେ ସେହି ଚିରକାଳର ମେଷଶାବକ ଥିଲେ, (ଆଜି ସେହି ସମାନ ଜଣକ ଅଟନ୍ତି।)
ଓଃ, ସେ ଖ୍ରୀଷ୍ଟ, କାଲଭରୀର କ୍ରୁଶାର୍ପିତ।

267 କଅଣ ଆପଣ ଆଜି ତାହାଙ୍କୁ ଆପଣା ସମସ୍ତ ହୃଦୟ ସହିତରେ ପ୍ରେମ କରିବେ ନାହିଁ କି, ଯେଣୁ ଆପଣ ବସିଥିବା ଏହି ସାଂସାରିକ ସ୍ଥିତିରୁ ଆପଣ ବାହାରି ଯାଇପାରନ୍ତି? ହେ ନାରୀମାନେ, ହେ ପୁରୁଷମାନେ, ଓଃ, ଆପଣ ଏହିସବୁ ସମୟ ଏଠାରେ କଅଣ ପାଇଁ ବସିଥିଲେ? ଏହା ଦେଖାଇବାକୁ ଯାଏ ଯେ ସେଠାରେ ଆପଣଙ୍କ ଭିତରେ କିଛି ଗୋଟାଏ ଅଛି, ସେଠାରେ କିଛି ଗୋଟାଏ କ୍ଷୁଧିତ ଓ ତୃଷିତ ହେଉଅଛି। ଆପଣ ଏହି ଭବନରେ ଏହିପରି ଭାବରେ, ଦୁଇ କିମ୍ବା ତିନି ଘଣ୍ଟା ବସି ନ ଥାଆନ୍ତେ; କିଛି ଗୋଟାଏ ବିଷୟ ଅଛି। କଅଣ ଆପଣ ଆଜି ଏହା ପ୍ରତି ଧ୍ୟାନ ଦେବେ ନାହିଁ କି? ଏହା ହେଉ ଯେ ଜୀବନ ଶୈଳୀ ଏବଂ ବିଜ୍ଞାନ, ଏବଂ ଜଗତର ସମସ୍ତ ବିଷୟ, ଠିକ ବର୍ତ୍ତମାନ ହିଁ ଆପଣଙ୍କ ମନରୁ ଦୂରେଇ ଯାଉ, ଭାଇ ପ୍ରିୟ କିମ୍ବା ଭଉଣୀ ପ୍ରିୟ।

ମଣ୍ଡଳୀଗୁଡ଼ିକ ଏକୀକୃତ ହେଉଅଛି, ମହାନ ରାଷ୍ଟ୍ରଗୁଡିକ ଭାଙ୍ଗୁଅଛି, ଇସ୍ରାଏଲ ଜାଗ୍ରତ ହେଉଅଛି,
ଭବିଷ୍ୟଦ୍‌ବକ୍ତାମାନେ ଯେଉଁ ଚିହ୍ନମାନ ଭବିଷ୍ୟତ୍‌ବାଣୀ କରିଥିଲେ;
ବିଜାତୀୟ ଦିନଗୁଡିକ ସଂଖ୍ୟା ଗଣନ କରାଯାଇଛି, ପୁଣି ମୃତ୍ତିକା ହୁଗୁଳା କରିବାର ଭାରୀ ଯନ୍ତ୍ର ଚଳାଯାଇଛି;
"ହେ ଛିନ୍ନଛତ୍ର ଥିବା ଲୋକମାନେ, ଆପଣା ପାଖକୁ ଫେରିଆସ।"

ମୁକ୍ତିର ଦିନ ସନ୍ନିକଟ ଅଟେ,
ମନୁଷ୍ୟର ହୃଦୟଗୁଡିକ ଭୟାକ୍ରାନ୍ତ ହେଉଅଛି;
ଆତ୍ମାରେ ପରିପୂର୍ଣ୍ଣ ହୁଅ, ନିଜର ପ୍ରଦୀପଗୁଡ଼ିକୁ ଛେଦନ କରି ସଫା କର,
ଊର୍ଦ୍ଧ୍ୱମୁଖୀ ହୁଅ! ତୁମର ମୁକ୍ତି ସନ୍ନିକଟ ଅଟେ।

ଭଣ୍ଡ ଭବିଷ୍ୟଦ୍‌ବକ୍ତାମାନେ ମିଥ୍ୟା କହୁଛନ୍ତି, ପରମେଶ୍ୱରଙ୍କ ସତ୍ୟକୁ ସେମାନେ ଖଣ୍ଡନ କରୁଅଛନ୍ତି,

ଯେ ଯୀଶୁ ଖ୍ରୀଷ୍ଟ ଆମର ପରମେଶ୍ୱର ।

268 ତେବେ, ତାହା ସତ ଅଟେ । ଆପଣ ତାହା ଜାଣନ୍ତି, ଆମେ ସମସ୍ତେ, ଯେଉଁ ଦିନରେ ଆମେମାନେ ବାସ କରୁଅଛୁ । କିନ୍ତୁ ସେ କହିଲେ:

ସନ୍ଧ୍ୟା ସମୟରେ ଏହା ଦୀପ୍ତି ହେବ,
ମହିମାର ମାର୍ଗକୁ ଆପଣ ନିଶ୍ଚିତ ପାଇବେ ।

269 ସେହି ଦିନରେ ତ ଆମେମାନେ ଠିକ ବର୍ତ୍ତମାନ ବାସ କରୁଅଛୁ । ସେହି ଦୀପ୍ତି ଠିକ ସନ୍ଧ୍ୟା ସମୟରେ ଆଲୋକିତ ହେବ ଯେତେବେଳେକି ଅନ୍ଧକାର ହୋଇ ଆସୁଥାଏ, ଗୋଧୂଳି ସମୟ, ସେହି ସନ୍ଧ୍ୟାକାଳୀନ ତାରା ।

ଗୋଧୂଳି ଏବଂ ସନ୍ଧ୍ୟାକାଳୀନ ତାରା,
ଏବଂ ତାହାପରେ ଅନ୍ଧକାର!
ହେଉ ଯେ ବିଦାୟର କୌଣସି ଦୁଃଖ ନ ଥାଉ,
ଯେତେବେଳେ ମୁଁ ଶେଷରେ ଯାତ୍ରା ଆରମ୍ଭ କରେ;

କାରଣ ସମସ୍ତେ ସମୟ ଏବଂ ସ୍ଥାନର ସୀମା ବିନୁ ଜନ୍ମ ହୋଇଅଛୁ,
ଏବଂ ବନ୍ୟା ମୋତେ ଦୂରକୁ ନେଇ ଯାଇପାରେ,
କିନ୍ତୁ ମୁଁ ମୋର ଚାଳକଙ୍କୁ ମୁହାଁମୁହିଁ ଦେଖିବାକୁ ଚାହେଁ
ଯେତେବେଳେ ମୁଁ ସେହି ସୀମାକୁ ଅତିକ୍ରମ କରେ ।

ଶୋକାକୂଳ ସଂଖ୍ୟାରେ, ମୋତେ କୁହ ନାହିଁ,
ଯେ ଜୀବନଟା କେବଳ ଏକ ଶୁଷ୍କ ସ୍ୱପ୍ନ ଅଟେ!
ଏବଂ ପ୍ରାଣଟି ନିଦ୍ରାରେ ମୃତ ଅଟେ,
ଏବଂ ଜିନିଷଗୁଡିକ ଯେପରି ଦେଖାଯାଏ ସେହିପରି ନୁହେଁ ।

ହଁ, ଜୀବନ ବାସ୍ତବ ଅଟେ! ଏବଂ ଜୀବନ ଆନ୍ତରିକ ଅଟେ!
ଏବଂ ସେହି କବର ଏହାର ଲକ୍ଷ୍ୟ ନୁହେଁ;
ଯେହେତୁ ତୁମେ ଧୂଳି ଅଟ, ଧୂଳିକୁ ଫେରିଯିବ,
ଏହା ପ୍ରାଣ ବିଷୟରେ କୁହାଯାଇ ନ ଥିଲା ।

ମହାନ ବ୍ୟକ୍ତିମାନଙ୍କର ଜୀବନଗୁଡିକ ଆମକୁ ମନେ ପକାଇ ଦିଏ
ଏବଂ ଆମେ ଆମର ଜୀବନକୁ ଉତ୍କୃଷ୍ଟ କରିପାରୁ,
ଏବଂ, ପୃଥକୀକରଣରେ, ଆମ ପଛରେ ଛାଡି ଦେଉ,
ସମୟର ବାଲୁକା ଉପରେ ପଦଚିହ୍ନମାନ;

ପଦଚିହ୍ନ, ଯାହାକି ବୋଧହୁଏ ଅନ୍ୟ କେହି,
ଜୀବନର ଏକମାତ୍ର ମୁଖ୍ୟ ଉଦ୍ଦେଶ୍ୟ ଦେଇ ଯାତ୍ରା କରୁଥିବାବେଳେ,
ପରିତ୍ୟକ୍ତ ଏବଂ ଭଗ୍ନ ଜାହାଜ ଥିବା ଜଣେ ଭାଇ,
ଏହା ଦେଖି, ପୁନର୍ବାର ସାହାସ ଗ୍ରହଣ କରିବେ ।

ତାହାହେଲେ, ତେବେ ଆସ ଉଠିବା, ଏବଂ କାର୍ଯ୍ୟ କରିବା,
କୌଣସି ବିବାଦର ହୃଦୟ ସହିତରେ;
ମୂକ, ଚାଳିତ ଗୋରୁ ଗାଈ ପରି ହୁଅ ନାହିଁ!
ଏହି ବିବାଦରେ ଜଣେ ନାୟକ ହୁଅ!

270 ପ୍ରିୟ ପରମେଶ୍ୱର, ସେମାନେ ତୁମର ଅଟନ୍ତି । ପିତା, ମୁଁ ଦୁଇଜଣ ବ୍ୟକ୍ତିଙ୍କୁ ସେମାନଙ୍କର ପାଦରେ ଛିଡା ହୋଇଥିବାର ଦେଖିଅଛି । ମୁଁ ପ୍ରାର୍ଥନା କରୁଛି, ହେ ପରମେଶ୍ୱର, ଯେ ତୁମେ ସେମାନଙ୍କୁ ବର୍ତ୍ତମାନ ଗ୍ରହଣ କରି ନେବ। ସେମାନେ ତୁମର ପୁତ୍ର ହେବାକୁ ଚାହାଁନ୍ତି। ସେମାନେ ଯାପନ କରୁଥିବା ଜୀବନର ଅଜ୍ଞତାରୁ ସେମାନେ ଜାଗ୍ରତ ହୋଇଛନ୍ତି, ଏବଂ ବର୍ତ୍ତମାନ ସେମାନେ ପବିତ୍ରଆତ୍ମାଙ୍କ ବାପ୍ତିସ୍ମ ଦ୍ୱାରା ସତେଜ, ନୂତନୀକୃତ ହେବାକୁ ଚାହାଁନ୍ତି, ଯାହାକି ସେହି ବୀଜ ଉପରେ ପତିତ ହୋଇଥିଲା ଯାହା ଆଜିର ଦିନରେ ସେମାନଙ୍କ ହୃଦୟରେ ରୋପିତ ହୋଇଅଛି । ଅନନ୍ତକାଳୀନ ପରମେଶ୍ୱର, ସମସ୍ତ ବିଷୟର ସୃଷ୍ଟିକର୍ତ୍ତା, ଯିଏକି ନିଜର ବାକ୍ୟକୁ ସୃଷ୍ଟି କରିଥିଲେ, ଏବଂ ମୁଁ ବିଶ୍ୱାସ କରେ ଯେ ତୁମେ ଜାଣିଥିଲ ଏହି ଲୋକମାନେ ଆଜି ସକାଳେ ଏହା କରିବେ । ହେ ପ୍ରଭୁ, ମୁଁ ପ୍ରାର୍ଥନା କରେ ଯେ ତୁମେ ସେହି ବାକ୍ୟକୁ, ଦିନରାତି ଜଳସେଚିତ କରିବ, ଏବଂ କଦାପି ସେହି ଶୟତାନକୁ ତୁମ ହାତରୁ ଏହାକୁ ତୋଳି ନେବାକୁ ଦେବ ନାହିଁ। ଏହା ହେଉ ଯେ ପରମେଶ୍ୱରଙ୍କ ପାରଦୀଶରେ, ଏପରି ଏକ ଗଛ ହେଉନ୍ତୁ ଯାହାକି ବେଳେବେଳେ, ଯେତେବେଳେ ଏହାକୁ ପୁନର୍ବାର ଫେରାଇ ନିଆଯାଏ, କାରଣ ତୁମର ଶବ୍ଦ ବିଫଳ ହୋଇପାରେ ନାହିଁ, ଏହା ପୁନର୍ବାର ହେବ । କାରଣ ଏହି ଜଗତ…

271 ଏବଂ ଆଗାମୀ ଭବିଷ୍ୟତର ଜଗତରେ ଏହି ପ୍ରକାରର ଏକ ସଭ୍ୟତା ରହିବ ନାହିଁ। କୌଣସି ଯାନବାହନ କିମ୍ବା ଅନ୍ୟ କିଛି ରହିବ ନାହିଁ ଯାହା ବିଜ୍ଞାନ କେବେ ସାଧନ କରିଅଛି । ଆସିବାକୁ ଥିବା ଜଗତରେ ଏପରି କୌଣସି ଜିନିଷ ରହିବ ନାହିଁ । କିନ୍ତୁ ଏହା ପରମେଶ୍ୱରଙ୍କ ନିଜସ୍ୱ ଏକ ପ୍ରକାରର ସଭ୍ୟତା ହେବ ଯାହାକି ସେ ଗୌରବମୟ ରାଜତ୍ୱରେ ସ୍ଥାପନ କରିବେ । କାରଣ, ଏହି ସଭ୍ୟତାରେ ଅସୁସ୍ଥତା, ମୃତ୍ୟୁ, ଦୁଃଖ, କବର, ଏବଂ ଅଭାବ ଅଛି । କିନ୍ତୁ ଆଗାମୀ ସେହି ରାଜ୍ୟରେ, କୌଣସି ମୃତ୍ୟୁ ନାହିଁ, ଦୁଃଖ ନାହିଁ, ଅସୁସ୍ଥତା ନାହିଁ, ବୃଦ୍ଧାବସ୍ଥା ନାହିଁ । ହେ ପରମେଶ୍ୱର, ସେଠାରେ ତୁମର ସଭ୍ୟତାରେ, ଏହା ସବୁ କିଛି ନୂଆ ହେବ ।

272 ହେ ପରମେଶ୍ୱର, ତୁମର ଶକ୍ତି ଦ୍ୱାରା ଆଜି, ଆମ ମନର ନୂତନୀକରଣରେ, ଆମକୁ ରୂପାନ୍ତରିତ କର, ଯେ ବର୍ତ୍ତମାନ ଏହି ଜଗତର ତୁଚ୍ଛ ଉପାଦାନରୁ, ପରମେଶ୍ୱରଙ୍କ ବାକ୍ୟ ଆଡକୁ ଫେରାଇ ନିଅ । ଏବଂ ଏହା ହେଉ ଯେ ଆମ ହୃଦୟରେ ଥିବା ସେହି ବୀଜ ଉପରେ,

ଯାହାକି ଆମେମାନେ ବିଶ୍ୱାସ କରୁ ଯେ ପରମେଶ୍ୱରଙ୍କ ରୂପାନ୍ତରଣ ଶକ୍ତି ଦ୍ୱାରା ଆମେ ପରମେଶ୍ୱରଙ୍କର ପୁତ୍ର ଓ କନ୍ୟା କୁହାଯାଉଥିବା ପ୍ରାଣୀସକଳରେ ନୂତନୀକୃତ ହୋଇଯାଉ। ହେ ପିତା, ଲୋକମାନଙ୍କ ପାଇଁ, ଯୀଶୁଙ୍କ ନାମରେ ଏହା ମୋର ପ୍ରାର୍ଥନା ଅଟେ। ଆମେନ୍।

273 ବର୍ତ୍ତମାନ ଆପଣମାନଙ୍କୁ ଯେଉଁମାନେକି ବାହାରେ ପ୍ରସାରଣରେ ଅଛନ୍ତି, ଆପଣ ଯେଉଁଠାରେ ବି ଅଛନ୍ତି, ମୁଁ ଚାହେଁ ଯେ ଆପଣ ସେଠାରେ ଖ୍ରୀଷ୍ଟଙ୍କୁ, ନିଜର ବ୍ୟକ୍ତିଗତ ତ୍ରାଣକର୍ତ୍ତା ଭାବରେ ଗ୍ରହଣ କରନ୍ତୁ, ଏବଂ ତାହାଙ୍କ ଆତ୍ମାରେ ପରିପୂର୍ଣ୍ଣ ହୁଅନ୍ତୁ। ଆଜି ସକାଳେ କୁହାଯାଇଥିବା ବାକ୍ୟଗୁଡ଼ିକ, ତାହା ଆପଣଙ୍କ ହୃଦୟରେ ପଡୁ। ଏବଂ ସେଠାରେ ଆପଣ ଯୀଶୁଙ୍କୁ ଗ୍ରହଣ କରନ୍ତୁ। ଏବଂ ଆପଣ ନିଜର ଜୀବନକୁ ଦେଖନ୍ତୁ, ଏବଂ ଆପଣ ଦେଖନ୍ତୁ ଯେ ଆପଣ ପରେ କେଉଁ ପ୍ରକାରର ଜୀବନ ଯାପନ କରନ୍ତି। ଏବଂ ଏଠାରେ ଚିନ୍ତାଶୀଳ ମନୁଷ୍ୟର ଛଣା ଯନ୍ତ୍ରକୁ ନିଅନ୍ତୁ। ଆପଣ ନିଜକୁ ଏପରି କିଛି କାର୍ଯ୍ୟ କରୁଥିବାର ଦେଖନ୍ତି ଯାହାକି ଏହି ବାକ୍ୟର ବିରୋଧାତ୍ମକ ଅଟେ, ଶୀଘ୍ର ସେଥିରୁ, ଦୂରେଇ ଯାଆନ୍ତୁ। ବୁଝିଲେ? କାରଣ, ସେଠାରେ ଏକ ଛଣା ଯନ୍ତ୍ର ଅଛି ଯାହାକି ମୃତ୍ୟୁକୁ ଆପଣଙ୍କଠାରୁ ଦୂରେଇ ରଖେ, ତାହା ହେଉଛି ପରମେଶ୍ୱରଙ୍କ ବାକ୍ୟ। ତାହାଙ୍କର ବାକ୍ୟ ହେଉଛି ଜୀବନ, ଏବଂ ତାହା ଆପଣଙ୍କୁ ମୃତ୍ୟୁରୁ ରକ୍ଷା କରିବ।

274 ବର୍ତ୍ତମାନ ଆପଣ ଏଠାରେ ପ୍ରେକ୍ଷାଳୟରେ ଥିବା ଲୋକମାନେ, ମୁଁ ଆପଣମାନଙ୍କୁ ଏଠାରେ ବହୁତ ଅଧିକ ସମୟ ଧରି ରଖିଅଛି। ଆପଣଙ୍କର ଉପସ୍ଥିତି ପାଇଁ ମୁଁ ଆପଣମାନଙ୍କୁ ଧନ୍ୟବାଦ ଦେଉଅଛି। ମୁଁ ପ୍ରାର୍ଥନା କରେ ଯେ ପରମେଶ୍ୱର ଏହି ବୀଜକୁ କଦାପି ମରିବାକୁ ଦେବେ ନାହିଁ। ମୁଁ ଆଶା କରେ ଯେ ଆପଣ ଏହା ଭାବନ୍ତି ନାହିଁ ଯେ ମୁଁ ଅଲଗା ହେବା ପାଇଁ ଏହି ସବୁ ବିଷୟକୁ ଏଠାରେ ଛିଡା ହୋଇ କହୁଅଛି। ମୁଁ ତ ଏହାକୁ ପ୍ରେମ ହେତୁ କହୁଅଛି; ଏବଂ ଏହା ଜାଣି ଯେ ଯେତେବେଳେକି ମୁଁ ମର୍ତ୍ତ୍ୟ ଅଟେ, ଯେପରିକି ମୁଁ ବର୍ତ୍ତମାନ ଅଛି, ତାହାହିଁ ଏକମାତ୍ର ସମୟ ଅଟେ ଯେ ମୁଁ କେବେହେଲେ ଲୋକମାନଙ୍କୁ ପ୍ରଚାର କରିବାକୁ ସମର୍ଥ ହେବି। ଏବଂ ମୁଁ ଯୀଶୁ ଖ୍ରୀଷ୍ଟଙ୍କୁ ପ୍ରେମ କରେ। ସେ ମୋର ତ୍ରାଣକର୍ତ୍ତା ଅଟନ୍ତି। ଏବଂ ମନେରଖନ୍ତୁ, ଯଦି ଏହା ସେ ହୋଇ ନ ଥାଆନ୍ତେ ତେବେ ମୁଁ ବାହାରେ ରାସ୍ତାରେ ପଡ଼ି ରହିଥାଆନ୍ତି। ମୁଁ ସେଠାରେ ବାହାରେ ପଡ଼ି ରହିଥାଆନ୍ତି; ମୋର ସମସ୍ତ ପିତାମାତା, ମୋର ସମସ୍ତ ଲୋକ, ପାପୀ ଥିଲେ। ମାତ୍ର ପରମେଶ୍ୱର, ତାହାଙ୍କର ରୂପାନ୍ତରଣ ଶକ୍ତି ଦ୍ୱାରା, ମୁଁ ଜାଣେ ଯେ ଏହା ମୋ ଠାରୁ ଏକ ଭିନ୍ନ ଜୀବକୁ ସୃଷ୍ଟି କରିଥିଲା। ଏବଂ ଉତ୍ତମ ହେବା ନିମନ୍ତେ, ମୁଁ ଏହା ଆପଣଙ୍କୁ ସୁପାରିଶ କରିପାରେ—ମୁଁ କରିପାରେ। ଏବଂ ଏହା ସଂକଟର ସମୟରେ ଧରି ରଖିବ। ଏପରିକି ମୃତ୍ୟୁ ସମୟରେ, ଦ୍ୱାରରେ, ଆପଣଙ୍କର କୌଣସି ଭୟ ରହିବ ନାହିଁ। "ଖ୍ରୀଷ୍ଟଙ୍କଠାରେ ଥିବା, ପରମେଶ୍ୱରଙ୍କ ସେହି ପ୍ରେମରୁ ଆମକୁ କେହି ଭିନ୍ନ କରିପାରେ ନାହିଁ।" ପରମେଶ୍ୱର ଆପଣଙ୍କ ମଧ୍ୟରୁ ପ୍ରତ୍ୟେକଙ୍କୁ ଆଶୀର୍ବାଦ କରନ୍ତୁ, ଏବଂ ଆପଣଙ୍କୁ ଅନନ୍ତ ଜୀବନ ପ୍ରଦାନ କରନ୍ତୁ।

275 କେତେଜଣ ଏଠାରେ ଏପରି ଅଛନ୍ତି ଯାହାଙ୍କ ପାଖରେ ପରମେଶ୍ୱରଙ୍କ ବୀଜ, ପବିତ୍ରଆତ୍ମାଙ୍କ ବାପ୍ତିସ୍ମ ନାହିଁ? କଅଣ ଆପଣ କେବଳ ନିଜର ହାତକୁ ଉଠାଇ, କହିବେ କି,

"ଭାଇ ବ୍ରାନହାମ୍, ମୋତେ ମନେ ରଖିବେ, ଯେପରିକି ମୁଁ ସେହି ପବିତ୍ରଆତ୍ମା ପାଇବି।" ବର୍ତ୍ତମାନ ଆପଣ ସେହି ବାକ୍ୟକୁ ନିଜ—ନିଜ ହୃଦୟରେ ଗ୍ରହଣ କରନ୍ତୁ, ଏବଂ ଏହାକୁ ବିଶ୍ୱାସ କରନ୍ତୁ। ବର୍ତ୍ତମାନ ଯଦି ଆପଣ...ଆପଣ ନିଜକୁ ଦେଖି ପାରନ୍ତି। ଉପରକୁ ଯାଇ ଦର୍ପଣରେ ଦେଖନ୍ତୁ, ଏବଂ ଆପଣ ଦେଖିପାରିବେ ଯେ ଆପଣ କେଉଁଠାରେ ଅଛନ୍ତି। ବୁଝିଲେ, ଆପଣ ଜାଣିପାରିବେ।

276 ଆପଣ କୁହନ୍ତି, "ତେବେ, ମୁଁ ତ ମୋର ହାତ ଉଠାଇ ନ ଥିଲି, କାରଣ ମୁଁ ବିଶ୍ୱାସ କରୁଥିଲି ଯେ ମୁଁ ପାଇଅଛି।"

277 ଦର୍ପଣରେ ନିଜକୁ ଦେଖନ୍ତୁ, ତାହାପରେ ଆପଣ ଦେଖିବେ ଯେ କେଉଁ ପ୍ରକାରର ଆତ୍ମା ଆପଣଙ୍କୁ ପ୍ରତାରଣା କରୁଅଛି, ବୁଝିଲେ। ପ୍ରତାରିତ ଚିନ୍ତାଧାରା! "ଏପରି ଏକ ମାର୍ଗ ଅଛି ଯାହାକି ମନୁଷ୍ୟକୁ ଠିକ୍ ଦେଖାଯାଏ, ମାତ୍ର ଏହାର ଶେଷ ଦଶା ହେଉଛି ମୃତ୍ୟୁର ମାର୍ଗସକଳ।" କଅଣ ତାହା ସତ ଅଟେ କି?

> କ୍ରୁଶର ତଳେ ଯେଉଁଠାରେ ମୋର ତ୍ରାଣକର୍ତ୍ତା ମୃତ୍ୟୁବରଣ କଲେ,
> ସେଠାରେ ତଳେ ପାପରୁ ପରିଷ୍କାର କରାଯିବା ପାଇଁ ମୁଁ କ୍ରନ୍ଦନ କରିଥିଲି;
> ଓଃ, ସେଠାରେ ମୋର ହୃଦୟରେ ରକ୍ତ ଲଗା ଯାଇଥିଲା;
> ମହିମା...

278 ବର୍ତ୍ତମାନ ଗୋଟିଏ ମିନିଟ୍ ପାଇଁ କେବଳ, ନିଜର ଆଖିକୁ ବନ୍ଦ କରନ୍ତୁ, ଏବଂ କେବଳ ତାହାଙ୍କ ପ୍ରତି ସେହି ଗୀତ ଗାନ କରନ୍ତୁ। ଆସନ୍ତୁ କେବଳ ନିଜର ହାତଗୁଡିକୁ ଉପରକୁ ଉଠାଇବା।

> ତାହାଙ୍କର ନାମର ମହିମା ହେଉ! (ତାହାଙ୍କର ବହୁମୂଲ୍ୟ ନାମ!)
> ତାହାଙ୍କର ନାମର ମହିମା ହେଉ!
> ସେଠାରେ ମୋର ହୃଦୟରେ ରକ୍ତ ଲଗା ଯାଇଥିଲା;
> ତାହାଙ୍କର ମହିମା ହେଉ...

279 ମୁଁ ଚାହେଁ ଯେ ଆପଣ ଖ୍ରୀଷ୍ଟିଆନମାନେ ପରସ୍ପର ସହିତ ହାତ ମିଶାନ୍ତୁ, ଯେଉଁମାନେକି ଉଦ୍ଧାର ପାଇଛନ୍ତି।

> ମୁଁ ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ ଭାବରେ ପାପରୁ ଉଦ୍ଧାର କରାଯାଇଅଛି,
> ଯୀଶୁ ଏତେ ସୁମଧୁର ଭାବରେ ଅନ୍ତରରେ ବାସ କରନ୍ତି,
> କ୍ରୁଶରେ ଯେଉଁଠାରେ ସେ ମୋତେ ଭିତରକୁ ନେଇଗଲେ;
> ତାହାଙ୍କର ନାମର ମହିମା ହେଉ!

ତାହାଙ୍କର ନାମର ମହିମା ହେଉ! (ବହୁମୂଲ୍ୟ ନାମ!)
ତାହାଙ୍କର ନାମର ମହିମା ହେଉ!
ଓଃ, ସେଠାରେ ମୋର ହୃଦୟରେ ରକ୍ତ ଲଗା ଯାଇଥିଲା;
ତାହାଙ୍କର ନାମର ମହିମା ହେଉ!

280 ରକ୍ତରେ ଜୀବନର ଜୀବାଣୁ ଅଛି, ଆପଣ ଜାଣନ୍ତି । ଏହା ସେମାନଙ୍କ ପାଇଁ ଅଟେ ଯେଉଁମାନେକି ତାହାଙ୍କୁ ଜାଣନ୍ତି ନାହିଁ:

ଓଃ, ଏହି ନିର୍ଝର ନିକଟକୁ ଆସ ଯାହାକି ଏତେ ସମୃଦ୍ଧ ଓ ସୁମଧୁର;
ନିଜର ବେଚାରା ପ୍ରାଣକୁ ତ୍ରାଣକର୍ତ୍ତାଙ୍କ ପାଦ ତଳେ ସମର୍ପି ଦିଅ;
ଓଃ, ଆଜି ବୁଡ଼ି ପକାଅ, ଏବଂ ସମ୍ପୂର୍ଣ୍ଣ ହୁଅ;
ତାହାଙ୍କର ନାମର ମହିମା ହେଉ!

ଓଃ, ମହିମା ହେଉ…

ଆସନ୍ତୁ ଆମେମାନେ ଏହାକୁ ଗାଇବା ବେଳେ ମସ୍ତକଗୁଡିକୁ ନତ କରିବା ।

ତାହାଙ୍କର ନାମର ମହିମା ହେଉ!
ଓଃ, ସେଠାରେ ମୋର ହୃଦୟରେ ରକ୍ତ ଲଗା ଯାଇଥିଲା;
ତାହାଙ୍କର ନାମର ମହିମା ହେଉ!

281 କଅଣ ଆପଣ ତାହାଙ୍କୁ ପ୍ରେମ କରନ୍ତି? [ମଣ୍ଡଳୀ କୁହନ୍ତି, "ଆମେନ୍ ।"—ସମ୍ପା] ପାଉଲ କହିଲେ, "ମୁଁ ଆତ୍ମାରେ ଗୀତ ଗାନ କରିବି । ମୁଁ ଆତ୍ମାରେ ଉପାସନା କରିବି ।" ଆସନ୍ତୁ ଆମେମାନେ ନିଜର ହାତକୁ ଉଠାଇ, ଏହାକୁ ପୁଣିଥରେ ଅତି ସୂକ୍ଷ୍ମ ଭାବରେ ଗାନ କରିବା ।

282 ଆପଣ ଜାଣନ୍ତି, ଏହାର ସମସ୍ୟା ହେଉଛି, ଆମେ ପେଣ୍ଟିକଷ୍ଟାଲ୍ ଲୋକମାନେ, ଆମେ ଆମର ଆନନ୍ଦକୁ ହରାଇଅଛୁ, ଆମେ ଆମର ଭାବନାଗୁଡିକୁ ହରାଇଅଛୁ । ଯେପରିକି ଅନ୍ୟ ରାତିରେ ବିଲି ଗ୍ରାହମ୍ କହିଥିଲେ, "ସେହି କଲର ମୋଡି ହୋଇଥିବା, ପ୍ରଚାରକମାନେ, ଦକ୍ଷିଣ ଆଡକୁ ଯାଉଥିଲେ, ସେମାନଙ୍କ ହାତରେ କରତାଳି ବଜାଇ, ଏବଂ ସେମାନଙ୍କର ପାଦକୁ ଭୂମି ଉପର-ଓ-ତଳକୁ ବାଡ଼େଇ ଓ ପିଟି, ସେମାନଙ୍କର ପାଖରେ କିଛି ରହିଥିଲା ଯାହାକୁ ନେଇ ସେମାନେ ଖୁସି ଥିଲେ ।" ତେବେ, ହଁ, ମୁଁ କିଛି ବିଷୟ ପାଇଅଛି ଯାହାକୁ ନେଇ ମୁଁ ଖୁସି ଅଟେ । ବୁଝିଲେ? ବୁଝିଲେ? ହଁ । ହଁ, ଆମେ ଆମର ଭାବନାଗୁଡିକୁ ହରାଇଅଛୁ ।

283 ତେବେ ଆସନ୍ତୁ ଆମେମାନେ କେବଳ ନିଜର ହାତକୁ ଉତ୍ତୋଳନ କରିବା । ସେହି ଅଶ୍ରୁ ବିଷୟରେ ଚିନ୍ତା କରନ୍ତୁ ନାହିଁ, ସେମାନେ କିଛି କ୍ଷତି କରିବେ ନାହିଁ, ବୁଝିଲେ । ତାହା କୌଣସି କ୍ଷତି କରିବ ନାହିଁ । "ଯିଏ ଅଶ୍ରୁରେ, ବୀଜ ବପନ କରିଥାଏ, ନିଃସନ୍ଦେହ ସେ ବହୁମୂଲ୍ୟ ଶସ୍ୟବିଡା ନେଇ, ପୁନର୍ବାର ଫେରି ଆସିବ ।" ଠିକ୍ ଅଛି ।

ତାହାଙ୍କର ନାମର ମହିମା ହେଉ! (ବହୁମୂଲ୍ୟ ନାମ!)
ତାହାଙ୍କର ନାମର ମହିମା ହେଉ!
ସେଠାରେ ମୋର ହୃଦୟରେ ରକ୍ତ ଲଗା ଯାଇଥିଲା;
ତାହାଙ୍କର ନାମର ମହିମା ହେଉ!

ତାହାଙ୍କର ମହିମା…(ହେ ପରମେଶ୍ୱର! ପରମେଶ୍ୱରଙ୍କର ପ୍ରଶଂସା ହେଉ!)
ତାହାଙ୍କର ନାମର ମହିମା ହେଉ!

ହେ ପ୍ରଭୁ, ହୃଦୟ ଭିତରେ, ବୀଜକୁ ନିମଜ୍ଜିତ କର!

…ମୋର ହୃଦୟରେ ରକ୍ତ ଲଗା ଯାଇଥିଲା;
ତାହାଙ୍କର ନାମର ମହିମା ହେଉ!

**_ପରମେଶ୍ୱରଙ୍କର ରୂପାନ୍ତରଣ ଶକ୍ତି_** ORI65-0911

(God's Power To Transform)

ଏହି ସନ୍ଦେଶଟି ଯାହାକି ଭାଇ ୱିଲିୟମ୍ ମେରିୟନ୍ ବ୍ରାନ୍‌ହାମ୍‌ଙ୍କ ଦ୍ୱାରା, ମୂଳତଃ ଇଂରାଜୀ ଭାଷାରେ ସେପ୍ଟେମ୍ବର 11, 1965, ଶନିବାର ସକାଳରେ, ସମ୍ପୂର୍ଣ୍ଣ ସୁସମାଚାର ବ୍ୟବସାୟୀ ପୁରୁଷ ଆନ୍ତଃଜାତୀୟ ସହଭାଗୀତାରେ, ଯୁକ୍ତରାଷ୍ଟ୍ର ଆମେରିକାର, ଏରିଜୋନା ପ୍ରଦେଶର, ଫିନିକ୍ସ ସହରର ରାମାଦା ଇନ୍‌ଠାରେ, ପ୍ରଚାର କରାଯାଇଥିଲା, ମ୍ୟାଗ୍‌ନେଟିକ୍ ଟେପ୍ ରେକର୍ଡିଙ୍ଗରୁ ନିଆଯାଇଅଛି ଓ ଏହାକୁ କୌଣସି କାଟ ଛାଣ୍ଟ ନ କରି ଇଂରାଜୀ ଭାଷାରେ ଛପାଯାଇଅଛି। ଏହି ଓଡ଼ିଆ ଅନୁବାଦଟି ଭଏସ୍ ଅଫ୍ ଗଡ୍ ରେକର୍ଡିଙ୍ଗ୍ସ ଦ୍ୱାରା ଛପାଯାଇଥିଲା ଓ ବଣ୍ଟନ କରାଯାଇଥିଲା।

ORIYA

©2024 VGR, ALL RIGHTS RESERVED

VOICE OF GOD RECORDINGS, INDIA OFFICE
19 (NEW NO: 28) SHENOY ROAD, NUNGAMBAKKAM
CHENNAI 600 034, INDIA
044 28274560 • 044 28251791
india@vgroffice.org

VOICE OF GOD RECORDINGS
P.O. BOX 950, JEFFERSONVILLE, INDIANA 47131 U.S.A.
www.branham.org